

ମହେଶ ବାବୁଙ୍କ ଫଟୋ ଲିକ୍

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-15 •THURSDAY •09 JULY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୧୫ •ଗୁରୁବାର •୦୯ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ଟ୍ରମ୍ପଙ୍କ ଧମକ ପରେ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ

# ଶାନ୍ତି ଚୁକ୍ତି ରଦ୍ଦ, ଆକ୍ରମଣ ଜୋର୍‌ଦାର୍

■ ଅଙ୍କାରା/ୱାଶିଂଟନ, ୮।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଏବେ ଅତି ଭୟାନକ ରୂପ ଧାରଣ କରିବାକୁ ଯାଉଛି। ମାତ୍ର ତିନି ସପ୍ତାହ ପୂର୍ବରୁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି କ୍ରୋଧିତ ସ୍ୱରରେ ଇରାନ ସହିତ ଶାନ୍ତି ଚୁକ୍ତି ଶେଷ ହୋଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧବିରତି ମଧ୍ୟ ଶେଷ ହୋଇଛି। ଆଜି ରାତିରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ପୁଣି ଥରେ ଧମକ ଦେଇଛନ୍ତି। ଏହା ସହିତ ଇରାନ ଉପରେ ଆର୍ଥିକ କଟକଣାକୁ ଅଧିକ ଦୃଢ଼ କରିବାକୁ ଘୋଷଣା କରି ଟ୍ରମ୍ପ କହିଛନ୍ତି ଯେ ଇରାନକୁ ତେଲ ବିକ୍ରି ପାଇଁ ଅନୁମତିକୁ ମଧ୍ୟ ବାତିଲ କରିଦେଇଛି।



**ହର୍ମୁଜ୍‌ରେ ଭାରତୀୟ ତୈଳ ଜାହାଜକୁ ଫେରାଇଦେଲା ଇରାନ**

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ତାଙ୍କ ପାଇଁ ଏହି ଚୁକ୍ତିର ଆଉ କୌଣସି ମୂଲ୍ୟ ନାହିଁ ଏବଂ ସେ ଇରାନ ସହିତ ଆଉ କୌଣସି ସମ୍ପର୍କ ରଖିବାକୁ ଚାହାଁନ୍ତି ନାହିଁ। ଇରାନର ନେତାମାନଙ୍କୁ ଅତି ଦୁଷ୍ଟ, ନିଷ୍ଠୁର ଏବଂ ମାନସିକ ଅସୁସ୍ଥ ବୋଲି ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଏବଂ ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ନିଶ୍ଚିତ ଭାବେ ଏହାର ପ୍ରୟୋଗ କରିସାରନ୍ତେଣି। ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଆଲୋଚନାକୁ ସେ ସମ୍ପୂର୍ଣ୍ଣ ସମୟ ନଷ୍ଟ ବୋଲି କହିଛନ୍ତି। ତେବେ ଆଲୋଚନା ଜାରି ରହିବ ବୋଲି ସେ କହିଛନ୍ତି।

ଟ୍ରମ୍ପଙ୍କ ଧମକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀରେ ଓମାନ ଉପକୂଳ ଦେଇ ଭାରତ ଆସୁଥିବା ଏକ ବାଣିଜ୍ୟିକ ଜାହାଜ ସମେତ ତିନୋଟି ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଏହି ସଙ୍କଟ ତୀବ୍ର ହୋଇଛି। ଏହାର ଜବାବରେ ଆମେରିକା ଗତ ରାତିରେ ଇରାନର ୮୦ରୁ ଅଧିକ ସାମରିକ ଘାଟି, କ୍ଷେପଣାସ୍ତ୍ର କେନ୍ଦ୍ର ଏବଂ ବନ୍ଦର ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ସପ୍ତାହ ବ୍ୟାପୀ ଚାଲିଥିବା ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ହିଁ ଏହି ଆକ୍ରମଣ ହୋଇଛି। ଅପରପକ୍ଷରେ, ଇରାନ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କୁୱେତ ଏବଂ ବାହରିନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଦାବି କରିଛି। ▸ପୃଷ୍ଠା-୭

## ଦୋହଲିଗଲା ପୁଞ୍ଜିବଜାର

# ବୁଡ଼ିଗଲା ୧୦ ଲକ୍ଷ କୋଟି

■ ମୁମ୍ବାଇ, ୮।୭ (ଏଜେନ୍ସି): ବୁଧବାର ଭାରତୀୟ ସେୟାର ବଜାରକୁ ଲାଗିଛି ବଡ଼ ଝଟ୍‌କା। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ସମାପ୍ତ ହେବାର ଘୋଷଣା ପରେ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍‌ଟି ହ୍ରାସ କରିଯାଇଛି। ଏହି ଘୋଷଣା ସହ ଘରୋଇ ପୁଞ୍ଜି ବଜାରରେ ହାହାକାର ସୃଷ୍ଟି ହୋଇଛି। ଫଳରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟିଛି। ବଜାର ଅସ୍ଥିରତା ମଧ୍ୟରେ ପ୍ରବଳ ବିକ୍ରିବଟା ଯୋଗୁଁ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।

ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ଆଜି ମାତ୍ର ୨୦ ମିନିଟ୍ ମଧ୍ୟରେ ଘରୋଇ ପୁଞ୍ଜି ବଜାରରେ ୧୦୦୦ ପଏଣ୍ଟ ହ୍ରାସ ପାଇଛି। ଏହାଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ଉଭୟରେ ୨%ରୁ ଅଧିକ ହ୍ରାସ ଘଟିଛି। ଅପରାହ୍ନରେ କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟି ୭୬,୫୦୩.୬୦ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୫୧୬.୬୫ ପଏଣ୍ଟ ହ୍ରାସ ପାଇ ୨୩,୮୮୨.୦୫ ପଏଣ୍ଟ ସ୍ତର ତଳକୁ ଖସିଯାଇଛି। ଏହାଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୪୭୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଦିନ ଯାକର କାରବାରରେ ସେନ୍‌ସେକ୍ସ ୧୯୦୦ ପଏଣ୍ଟରୁ ଅଧିକ ଖସିଥିବାବେଳେ ନିଫ୍‌ଟିରେ ୫୯୩ ପଏଣ୍ଟ ହ୍ରାସ ହୋଇଛି। ଆଜି ସେନ୍‌ସେକ୍ସର ସମସ୍ତ ଷ୍ଟକ୍ ▸ପୃଷ୍ଠା-୭



**ଅଶୋଧିତ ତେଲ ଛୁଇଁଲା ୮୦ ଡଲାର୍**

# ମମତାଙ୍କ ଚିନ୍ତା ବଢ଼ାଇଲା ଇଡି

## ଟିଏମ୍‌ସିର ୪୪୦ କୋଟିର ବ୍ୟାଙ୍କ ଜମା ଜବତ

■ କୋଲକାତା, ୮।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ନେଇ ଅନୁଗତ ଏବଂ ବିାଦ୍ରୋହୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅର୍ଥ ହେରଫେର ମାମଲାରେ ପାର୍ଟିର ୪୪୦ କୋଟି ଟଙ୍କାର ତିନିଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ମମତା ଓ ବିଦ୍ରୋହୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଟିଏମ୍‌ସି ବ୍ୟାଙ୍କ ଜମାକୁ ପୂର୍ବରୁ ରାଜ୍ୟ ପୋଲିସ ସିଜ୍ କରିଥିବା ବେଳେ ଇଡି ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ରାଜ୍ୟ ରାଜନୀତିରେ ପୁଣି ହଟଚମଟ ସୃଷ୍ଟି ହୋଇଛି। ଆର୍ଥିକ ଦୃଷ୍ଟିରୁ ମମତାଙ୍କ ପାର୍ଟିକୁ ପଙ୍ଗୁ କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କେତେକ ଟିଏମସି ନେତା ଅଭିଯୋଗ କରିଛନ୍ତି। କିନ୍ତୁ ମମତାଙ୍କ ପକ୍ଷରୁ ଏସଂପର୍କରେ କିଛି କୁହାଯାଇ ନାହିଁ। ତେବେ ଇଡିର ଏହି କାର୍ଯ୍ୟାନୁଷ୍ଠାନ ମମତାଙ୍କ ପାଇଁ ଆଉ ଏକ ଝଟକା ବୋଲି କୁହାଯାଉଛି। ଇଡି ଦ୍ୱାରା କୌଣସି ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।

ଇଡି ପକ୍ଷରୁ କୁହାଯାଇଛି ଯେ ଅର୍ଥ ହେରଫେର ନିବାରଣ ଆଇନ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ତିନୋଟି ବ୍ୟାଙ୍କ ଖାତାରେ ଥିବା ପ୍ରାୟ ୪୪୦ କୋଟି ଟଙ୍କା ଜବତ କରାଯାଇଛି। ଏହି ଅର୍ଥ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ତିନିଟି ଆକାଉଣ୍ଟରେ ଥିଲା। କେୟାରୱେଲ ଆଭିଏସନ ନାମକ ଏକ ବିମାନ ସେବା ସଂସ୍ଥା ସହ ପାର୍ଟିର ସନ୍ଦିଗ୍ଧ ଆର୍ଥିକ କାରବାରର ତଦନ୍ତ ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ସଂସ୍ଥାର ୫ଟି କେନ୍ଦ୍ର ଉପରେ ଚଢ଼ାଉ କରାଯିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ଦଳର ବ୍ୟାଙ୍କ ଖାତାରୁ ପ୍ରାୟ ୧୬୦ କୋଟି ଟଙ୍କା ଏକ ବିମାନ ସେବା କମ୍ପାନୀ ଏବଂ ଏହାର ସହଯୋଗୀ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅର୍ଥରେ ଏକ ବିମାନ ଓ ଏକ ହେଲିକପ୍ଟର କିଣାଯାଇଥିବା ବେଳେ ପରେ ସେଗୁଡ଼ିକୁ ପୁଣି ତୃଣମୂଳ କଂଗ୍ରେସକୁ ଭଡ଼ାରେ ଦିଆଯାଇଥିଲା। ଏହି କାରବାରର ପ୍ରକୃତ ଉଦ୍ଦେଶ୍ୟ ଏବଂ ଅର୍ଥର ବ୍ୟବହାରକୁ ନେଇ ତଦନ୍ତ ଜାରି ରହିଛି। ▸ପୃଷ୍ଠା-୭




**ଇଡି ଦ୍ୱାରା ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା**

**ମମତା ଓ ଅଭିଶେକଙ୍କୁ ଜେରା କରିପାରେ ଇଡି**

# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

**ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନର କରିବେ ଶୁଭାରମ୍ଭ**

■ ଭୁବନେଶ୍ୱର, ୮।୭ (ସମିସ): ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍। ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ 'ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ। ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ କାର୍ଯ୍ୟକାରୀ ହେବା ଦ୍ୱାରା ଓଡିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ▸ପୃଷ୍ଠା-୭



## ଆଜାଦ ନଗର ବିସ୍ଫୋରଣ ଘଟଣା

# ୟୁପିରୁ ବନ୍ଧାହେଲା ମଫିର ସହଯୋଗୀ

■ ଭୁବନେଶ୍ୱର ୮।୭ (ସମିସ): ସୁନ୍ଦରପଦା ଆଜାଦ ନଗରରେ ଘଟିଥିବା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ତଦନ୍ତ ଆଗକୁ ବଢ଼ିଛି। ଘଟଣା ପରଠାରୁ ଉତ୍ତରପ୍ରଦେଶରେ ଲୁଚିଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ଏନ୍‌ଆଇଏ। ଗିରଫ ଅଭିଯୁକ୍ତ ହେଉଛି ପଟିଆର ସାନୁ ଓରଫ୍ ରୋହନ ରଞ୍ଜନ ରାଉତ। ପାତ୍ରପଡ଼ା ଥାର୍ ଦୁର୍ଘଟଣା ବା ହିଟ୍ ଆଣ୍ଡ ରନରେ ମାଆ ଝିଅଙ୍କ ମୃତ୍ୟୁ ଘଟଣାରେ ରୋହନ ଖଣ୍ଡଗିରି ପୁଲିସ ଦ୍ୱାରା ଗିରଫ ହୋଇଥିଲା। ସୂଚନା ଅନୁସାରେ, ଅଭ୍ୟାସଗତ ଅପରାଧୀ ସେହେନବାଜ ମଲ୍ଲିକ ଓରଫ୍ ମଫି ତା'ର ପରିବାର ସହ ▸ପୃଷ୍ଠା-୭



## ୧୪ ଜୁଆଙ୍ଗଙ୍କ ଜୀବନ ଯିବା ପରେ ଚେତିଲେ ସରକାର

# ପ୍ରବାସୀ ଶ୍ରମିକଙ୍କ ହିସାବ ରଖାଯିବ

**ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ସମସ୍ତ ତଥ୍ୟ ସଂଗ୍ରହ ହେଉଛି: ଶ୍ରମମନ୍ତ୍ରୀ**

**କାର୍ଯ୍ୟଦକ୍ଷତା ଭିତ୍ତିରେ ଦିଆଯିବ କର୍ମନିଯୁକ୍ତି**

**ରାଜ୍ୟସାରା ଦଲାଲ୍ ସକ୍ରିୟ ଥିବା ନେଇ କଲେ ସ୍ୱୀକାର**

**ବୈଠକରେ ସୀମିତ ଟାସ୍କଫୋର୍ସ ଭୂମିକା**

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ କ୍ଷମତାକୁ ଆସିଲେ ଓଡ଼ିଶାକୁ ଦାଦନମୁକ୍ତ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବା ପରେ ଏ କ୍ଷେତ୍ରରେ ଏକ ଟାସ୍କଫୋର୍ସ ଗଠନ ବି ହୋଇଥିଲା । ମାତ୍ର ୨ ବର୍ଷ ବିତିବା ପରେ ମଧ୍ୟ ଟାସ୍କ ଫୋର୍ସର ଭୂମିକା କେବଳ ବୈଠକ ମଧ୍ୟରେ ସୀମିତ ରହିଛି। ଟାସ୍କ ଫୋର୍ସର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସର୍ବାଧିକ ଦାଦନ ଚାଲାଣ ହୋଇଥିବା ରିପୋର୍ଟ ଆସିଥିବାବେଳେ ଏବେ କେନ୍ଦୁଝର ଜିଲ୍ଲାର ୧୫ ଶ୍ରମିକ ତାମିଲନାଡୁ ଗ୍ୟାସ ଟ୍ରାଜେଡ଼ିର ଶିକାର ହୋଇ ପ୍ରାଣ ହରାଇବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ଏହି ସମୟରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଓଡ଼ିଶା ଫେରାଇ ଅଣାଯିବ ଓ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ଶ୍ରମମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ । ରାଜ୍ୟ ବାହାରେ ଥିବା ଦାଦନ ▸ପୃଷ୍ଠା-୭

# ରାଜ୍ୟ ବିଜେପିରେ 'ଆମଦାନୀ' ଫାଟ

## ଆମଦାନୀ ନେତାଙ୍କ ପାଇଁ ପୁରୁଣା ନେତାଙ୍କୁ ଉପେକ୍ଷା

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ ପ୍ରଥମଥର ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ଶାସନ ଗାଦିରେ ବସିଛି। ଇତିମଧ୍ୟରେ ଦୁଇବର୍ଷ ବିତିଥିଲେ ହେଁ ସରକାର ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ଓ ବିଭିନ୍ନ ନିଗମ ମୁଖିଆଙ୍କୁ ନିଯୁକ୍ତ କରିପାରୁ ନାହାନ୍ତି। ରାଜ୍ୟ ସଭାପତି ଠିକ୍ ସମୟରେ ଠିକ୍ ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି, ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ନିରବତା ଅବଲମ୍ବନ କରୁଛନ୍ତି। ମଝିରେ ମଝିରେ ରାଜସ୍ୱ ମନ୍ତ୍ରୀ ନିଗମ ନିଯୁକ୍ତିକୁ ନେଇ ଆଶାୟୀଙ୍କୁ ଆଶା ଦେଖାଉଥିଲେ ହେଁ ଏଯାଏ ସେଥିରେ କୌଣସି ଅଗ୍ରଗତି ଘଟିନାହିଁ। ସଂଗଠନ ଓ ସରକାରରେ ସମନ୍ୱୟ ଓ ସ୍ଥିରତାକୁ ନେଇ ପ୍ରଶ୍ନ ଉଠୁଥିବା ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ ଗତ ନିର୍ବାଚନରେ ପରାଜିତ ଓ କୋଣଠେସା ହୋଇଥିବା ବିରୋଧୀ ଦଳଗୁଡ଼ିକର କିଛି ନେତା ବିଜେପିରେ ଯୋଗଦାନ ଦଳରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ଦୀର୍ଘଦିନ ଧରି ଦଳରେ ପଡ଼ି ରହିଥିବା ପୁରୁଖା ଓ ପୁରୁଣା ନେତାମାନଙ୍କୁ ଗୁରୁତ୍ୱ ନ ଦେଇ ନବାଗତ ଆମଦାନୀ ନେତାଙ୍କୁ ଦଳ ଅଗ୍ରାଧିକାର ଦେଉଥିବା ଅଭିଯୋଗ କ୍ରମଶଃ ଦଳରେ ଅସନ୍ତୋଷର ଅବପାତ ସୃଷ୍ଟି କରିଛି।

**ତେଜୁଛି ପୁରୁଣା ଓ ନୂଆ ନେତାଙ୍କ ମଧ୍ୟରେ ବିଭେଦ**

ସାଧାରଣତଃ କ୍ଷମତାସୀନ ଦଳରେ ଯୋଗଦେବା ରାଜନୀତିରେ ଏକ ନିୟମିତ ଧାରା। ଅତୀତରେ ବିଜେପି ଓ କଂଗ୍ରେସର ନେତାମାନେ କ୍ଷମତାସୀନ ବିଜେଡିରେ ଯୋଗ ଦେଉଥିଲେ, ଏବେ ବିରୋଧୀ ବିଜେଡି ଓ କଂଗ୍ରେସର କିଛି ନେତା ବିଜେପିରେ ଯୋଗ ଦେଉଥିବା ଦେଖାଯାଉଛି। ବିଜେଡି ନେତାଙ୍କ ଯୋଗଦାନକୁ ଦଳ ପାଇଁ ଏକ ବଡ଼ ଲାଭ ବୋଲି ରାଜ୍ୟ ବିଜେପିର ନେତାମାନେ ଏକ ବାର୍ତ୍ତା ଦେବାକୁ ଚାହୁଁଥିଲେ ହେଁ ତୃଣମୂଳସ୍ତରରେ ଏହାକୁ ନେଇ ଅସନ୍ତୋଷକୁ ତୀବ୍ର କରିଛି। ଅନ୍ୟଦଳର ନେତାମାନଙ୍କ ▸ପୃଷ୍ଠା-୭


SINCE 1999 SYNERGY

SYNERGY
Accredited by NBA, New Delhi
NBA NATIONAL BOARD of ACCREDITATION ACCREDITED
(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)
Dhenkanal & Bhubaneswar (Phulnakhara)
Celebrating Glorious 26 Years
Admission 2026
For B.Tech. Regular | B.Tech. Lateral Entry | Working Professionals
Apply Now >
Through the website synergyinstitute.net/admission

OUR ACADEMIC PARTNERS
coursera | Cyber Dojo The School of Cyber Defense | futureskills prime — A MeitY - NASSCOM Digital Skilling Initiative | campus connect — An Infosys Industry-Academia Partnership Program

SPECIALISATION COURSES
Computer Science & Engineering
- Cloud Computing & Data Science
- Data Engineering & Mainframe Dev.
- Cyber Security & Analyst
- Block Chain Technology
- Embedded System & Industrial IOT
- Data Science & Big Data
- Artificial intelligence & Machine Learning
- Image & Video Processing
- UI Design & Mobile App Development
- Web Development Application Design
- Augmented Reality & Virtual Reality
- Full Stack Development

Electrical Engineering
MATLAB & Simulink | Installation & Maintenance of Solar Power | PLC, SCADA | Energy Management | Electrical Equipment Repair & Maintenance | Industrial Automation

Mechanical Engineering
Hybrid Electric Vehicle Design | AutoCAD | Solid Works | Ansys | CNC Milling & Turning | Robotics | 3D Printing | Advance Welding | Performance analysis of Bio fuels

Civil Engineering
Revit | Mat Lab | Manual Engineering Drawing | Introduction to architectural designing | 3D Max. | GIS

B.Tech. & B.Tech. Lateral Entry — Courses : Computer Science | Computer Science with AI&ML | Mechanical | Civil | Electrical
Providing Professional Certificate Courses along with B.Tech Programs (Collaboration with COURSERA )
Google IBM Meta INTUIT HubSpot salesforce

Placement Highlights
2025-2026 | 22 Recruiters | 292 contd.
2024-2025 | 26 Recruiters | 267 + offers
2023-2024 | 33 Recruiters | 297 + offers
2022-2023 | 28 Recruiters | 244 + offers
2021-2022 | 25 Recruiters | 282 + offers

We provide PLACEMENT opportunities to eligible students those who have minimum 60% career, 90% attendance & no back papers

SOME OF OUR RECRUITERS... accenture, AIRDIT Software, Apptimate Software Pvt Ltd, Calibo, Capgemini, cognizant, Infosys, innostax, ORACLE, tcs, Ubona, wipro, Aceron, ICICI Bank, Jio, GMR, Tech Mahindra, EMERSON, MICHELIN, softtech, Deloitte., IBM and many more

FACILITIES & FEATURES
- State-of-the-art infrastructure
- Serene academic ambience
- Updated Labs
- 24x7 Internet facilities
- Digital Classrooms
- Multi storied Library
- Study tours
- Separate hostels for boys and girls
- Visiting faculties from reputed institutions
- Scholarships and Financial Aids
- Special Courses to Prepare Students for the Industry
- Internship & Placement facilities

B.Sc. NURSING — Approved by DMET, Health & Family Welfare Dept., Govt. of Odisha
B.Sc. (ALL HONS.) — (Recognised by Higher Education Department, Govt. of Odisha)
DIPLOMA — (Approved AICTE, New Delhi & Affiliated to SCTE&VT, Odisha)
BBA — (Affiliated & Recognised by BPUT, Odisha)

Govt. Approved Course Fees
GOVT. SCHOLARSHIPS for the Meritorious / SC / ST / OBC Students.
We invite you to visit to our institute & discover our potentiality. SEEING IS BELIEVING

Contact Details
DKL - 6372024980, 7978909283, 63728 51685
BBSR - 9861575524, 9348352445, 9437169419
synergyinstitute.ac.in
synergyinstitute.net

# ଆର୍‌ଟିଓଙ୍କ ଘରେ ୧୩ କିଲୋ ସୁନା, ୯ କିଲୋ ରୁପା, ଦେଢ଼ କୋଟି ଟଙ୍କା



ଲକ୍ଷ୍ନୌ, ୮।୭(ଏଜେନ୍ସି): ଉତ୍ତର ପ୍ରଦେଶ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଗ୍ରାର ପୂର୍ବତନ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ (ଏଆର୍‌ଟିଓ) ଲଳିତ କୁମାରଙ୍କ ବାସଭବନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଜବତ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୁଲାଇ ୭ ଏବଂ ୮ରେ ଲକ୍ଷ୍ନୌର ଅଲିଗଞ୍ଜ ସ୍ଥିତ ତାଙ୍କ ବାସଭବନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଚଢ଼ଉ ସମୟରେ ଲଳିତ କୁମାରଙ୍କ ଘରର ବିଭିନ୍ନ ସ୍ଥାନରେ ବିଡ଼ା ବିଡ଼ା କରି ଲୁଚାଇ ରଖାଯାଇଥିବା ପ୍ରାୟ ୧.୬୨ କୋଟି ଟଙ୍କା ନଗଦ ଜବତ ହୋଇଥିଲା। ଏହା ବ୍ୟତୀତ, ତାଙ୍କ ଘରୁ ସୁନା ବିସ୍କୁଟ, ବାର୍ ଏବଂ ଅଳଙ୍କାର ଆକାରରେ ପ୍ରାୟ ୧୩ କିଲୋଗ୍ରାମ ସୁନା ଏବଂ ୯ କିଲୋଗ୍ରାମ ରୁପା ଉଦ୍ଧାର କରାଯାଇଛି। ସରକାରୀ ମୂଲ୍ୟ ଅନୁଯାୟୀ, ଜବତ ହୋଇଥିବା ଏହି ସୁନା ଓ ରୁପାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ଉ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ମଧ୍ୟ ହାସଲ ହୋଇଛି। ସେଥିରେ ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ପୁଞ୍ଜି ନିବେଶର ବିବରଣୀ ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଲଳିତ କୁମାରଙ୍କର ଲକ୍ଷ୍ନୌ, ନୋଏଡା, ବାରାବଙ୍କି ଏବଂ ରାଏବରେଲିରେ ଅତି କମରେ ୧୫ଟି ଜମିଜମା ରହିଛି। ଏଥିମଧ୍ୟରେ ଆବାସିକ ଗୃହ, ପ୍ଲଟ୍, କୃଷି ଜମି ଏବଂ ବିଳାସପୂର୍ଣ୍ଣ ଫ୍ଲାଟ୍ ଅନ୍ତର୍ଭୁକ୍ତ। ସେଗୁଡ଼ିକର ମୂଲ୍ୟ ପ୍ରାୟ ୧୩ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ଘଟଣାରେ କାନପୁର ରେଞ୍ଜ୍ ଦୁର୍ନୀତି ନିବାରଣ ପୁଲିସ ଷ୍ଟେସନରେ ବିଭିନ୍ନ ଧାରା ଆଧାରରେ ମାମଲା ରୁଜୁ କରାଯାଇଛି। ଉଦ୍ଧାର କରାଯାଇଥିବା ଦସ୍ତାବେଜଗୁଡ଼ିକର ଯାଞ୍ଚ କରାଯାଉଛି। ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।



## ଗୋଲ୍ଡିଙ୍କୁ ଧରିବା ପାଇଁ ୫୦ ହଜାର ଡଲାର ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ବିରୋଧରେ ଚାଲିଥିବା ଆନ୍ତର୍ଜାତିକ ଅଭିଯାନ ମଧ୍ୟରେ ଆମେରିକାର ସଂଘୀୟ ତଦନ୍ତ ସଂସ୍ଥା ଏଫ୍‌ବିଆଇ ଗୋଲ୍ଡି ବ୍ରାରଙ୍କ ଗିରଫ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଡଲାର ପୁରସ୍କାର ଘୋଷଣା କରିଛି। ପଞ୍ଜାବର ଫରିଦକୋଟର ବାସିନ୍ଦା ଗୋଲ୍ଡି ବ୍ରାର, ଯାହାଙ୍କ ପ୍ରକୃତ ନାମ ସତିନ୍ଦରଜିତ୍ ସିଂହ, ଭାରତରେ ଏକାଧିକ ହତ୍ୟା, ଜବରଦସ୍ତି ଆଦାୟ, ଅସ୍ତ୍ର ଓ ମାଦକ ଚୋରାଚାଲାଣ ଭଳି ସଙ୍ଗଠିତ ଅପରାଧରେ ଅଭିଯୁକ୍ତ। ଲୋକପ୍ରିୟ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ଘଟଣାର ପ୍ରମୁଖ ଷଡ଼ଯନ୍ତ୍ରକାରୀ ଭାବେ ମଧ୍ୟ ତାଙ୍କ ନାମ ଉଠିଥିଲା। ଆମେରିକୀୟ ତଦନ୍ତ ସଂସ୍ଥାର ଅଭିଯୋଗ ଅନୁସାରେ ସେ ଉତ୍ତର ଆମେରିକାରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ହତ୍ୟା, ଅପହରଣ, ଜବରଦସ୍ତି ଆଦାୟ, ମାଦକ ଓ ଅସ୍ତ୍ର ଚୋରାଚାଲାଣ ଭଳି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି। ଗୋଲ୍ଡି ବ୍ରାରଙ୍କୁ ଧରିବା ପାଇଁ ଭାରତ ସମେତ ବିଭିନ୍ନ ଦେଶର ତଦନ୍ତକାରୀ ସଂସ୍ଥା ସକ୍ରିୟ ରହିଛନ୍ତି।

## ଅଟୋରେ ୪ ଶିଶୁଙ୍କୁ ଜନ୍ମଦେଲେ ମହିଳା, ସମସ୍ତଙ୍କର ମୃତ୍ୟୁ

ମାଣ୍ଡଲା, ୮।୭(ଏଜେନ୍ସି): ସମୟ ମତେ ଆମ୍ବୁଲାନ୍ସ ସେବା ନମିଳିବା କାରଣରୁ ମଧ୍ୟପ୍ରଦେଶର ମାଣ୍ଡଲା ସହରରେ ଜଣେ ଗର୍ଭବତୀ ମହିଳା ଅଟୋରିକ୍ସାରେ ହସ୍ପିଟାଲ ଯିବା ବାଟରେ ୪ ଜଣ ଅପରିପକ୍ୱ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଚିକିତ୍ସା ଅଭାବରୁ ସମସ୍ତ ୪ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଦିନ ନାଇଗନୱା ଗ୍ରାମର ୨୮ ବର୍ଷୀୟା ରଜନୀ ସିଦ୍ରାମଙ୍କୁ ହଠାତ୍ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ସେବା ଉପଲବ୍ଧ ହୋଇନଥିଲା। ବାଧ୍ୟ ହୋଇ ପରିବାର ଲୋକେ ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ଏକ ଅଟୋରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ବିଛିୟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା, ମାତ୍ର ବାଟରେ ହିଁ ମହିଳା ଜଣକ ଗୋଟିଏ ପରେ ଗୋଟିଏ ୪ଟି ସନ୍ତାନ ପ୍ରସବ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ଡାକ୍ତର ସମସ୍ତ ଶିଶୁଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଙ୍କ ଅନୁଯାୟୀ, ମହିଳା ଜଣକ ପ୍ରାୟ ୭ ମାସର ଗର୍ଭବତୀ ଥିଲେ ଏବଂ ଶିଶୁମାନେ ସମ୍ପୂର୍ଣ୍ଣ ବିକଶିତ ହୋଇନଥିଲେ। ବର୍ତ୍ତମାନ ପ୍ରସୂତି ମହିଳାଙ୍କ ଅବସ୍ଥା ସ୍ଥିର ରହିଛି। ଆମ୍ବୁଲାନ୍ସ ସଠିକ୍ ସମୟରେ ପହଞ୍ଚିଥିଲେ ହୁଏତ ଏହି ନିଷ୍ପାପ ଶିଶୁମାନଙ୍କ ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ପ୍ରହାର ଗିରଫ ହେଲେଣି ୨୪



ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ମାମଲାରେ ଭାରତୀୟ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସଂପୃକ୍ତ ଥିବାରୁ ଏହି ଗ୍ୟାଙ୍ଗ ବିରୋଧରେ ଆମେରିକାର ଏଫ୍‌ବିଆଇର ବଡ଼ ଅନ୍ତର୍ଜାତୀୟ ଅପରେସନ୍ ଆରମ୍ଭ କରିଛି। ବିଷ୍ଣୋଇ ଗ୍ୟାଙ୍ଗ୍‌ର ୨୪ ଜଣଙ୍କୁ ଗିରଫ କରାଯାଇଛି। ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ 'ଅପରେସନ୍ ହାର୍ଡ ବଲ୍' ଅଧୀନରେ ଆମେରିକା, କାନାଡା ଏବଂ ସ୍ପେନରେ ବ୍ୟାପକ ଚଢ଼ାଉ କରାଯାଇଛି। ଅପରେସନରେ ମୋଟ ୩୭ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଛି। କୋର୍ଟ ଦଲିଲ ଅନୁଯାୟୀ, ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆରେ ହୋଇଥିବା ନିଜ୍ଜର ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା ବିଷ୍ଣୋଇ। ଜେଲରେ ଥାଇ ମଧ୍ୟ ସେ ମୋବାଇଲ୍ ସାହାଯ୍ୟରେ ବିଦେଶରେ ହତ୍ୟା, ବଳପୂର୍ବକ ଟଙ୍କା ଆଦାୟ ଓ ନିଶାଦ୍ରବ୍ୟ ଚୋରା ଚାଲାଣ ଭଳି ନେଟୱର୍କ ଚଳାଉଥିଲା। ବିଷ୍ଣୋଇ ଗ୍ୟାଙ୍ଗ ବ୍ୟତୀତ ଜଗ୍ଗୁ ଭଗବାନପୁରିଆ ଗ୍ୟାଙ୍ଗ ଏବଂ ରବିନ୍ଦର ସିଂହ ଧାନ୍ଦାର ଡ୍ରଗ୍ସ ସିଣ୍ଡିକେଟ୍ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପ୍ରଚୁର ପରିମାଣର କୋକେନ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।


## ଆସାମରେ ମଣିଷ–ହାତୀ ମହାସଂଘର୍ଷ

### ୧୧୪୭ ଜଣଙ୍କ ଜୀବନ ଗଲା, ୨୪୬ ହାତୀର ମୃତ୍ୟୁ

ଗୌହାଟୀ, ୮।୭(ଏଜେନ୍ସି): ଆସାମରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ମଣିଷ–ହାତୀ ସଂଘର୍ଷ ଗୁରୁତର ରୂପ ନେଇଛି। ରାଜ୍ୟ ବିଧାନସଭାରେ ସରକାର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏହି ସଂଘର୍ଷରେ ଗତ ୧୦ ବର୍ଷ ମଧ୍ୟରେ ୧୧୪୭ ଜଣଙ୍କ ଜୀବନ ଯାଇଥିବା ବେଳେ ୨୪୬ଟି ହାତୀର ମଧ୍ୟ ମୃତ୍ୟୁ ଘଟିଛି। ରାଜ୍ୟର ବନମନ୍ତ୍ରୀ କହିଛନ୍ତି, ଗତବର୍ଷ ସର୍ବାଧିକ ୧୩୮ ଜଣଙ୍କ ମୃତ୍ୟୁ ମଣିଷ–ହାତୀ ସଂଘର୍ଷରେ ହୋଇଥିଲା। ଚଳିତ ବର୍ଷ ଏପର୍ଯ୍ୟନ୍ତ ୫୩ ଜଣ ପ୍ରାଣ ହରାଇଛନ୍ତି। ସେହିପରି ବିଦ୍ୟୁତ୍ ସଂସ୍ପର୍ଶ, ରେଳ ଦୁର୍ଘଟଣା ଓ ବିଷ ପ୍ରୟୋଗ ଯୋଗୁଁ ୨୪୬ଟି ହାତୀର ମୃତ୍ୟୁ ଘଟିଛି। ସରକାର ହାତୀ ଚଳାଚଳ ପଥ ଚିହ୍ନଟ, ସୌର ବାଡ଼ ସ୍ଥାପନ ଏବଂ ବନ କର୍ମଚାରୀ ନିୟୋଜନ ଭଳି ପଦକ୍ଷେପ ନେଇଥିଲେ ମଧ୍ୟ ସମସ୍ୟା ଜାରି ରହିଛି। ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ବଢ଼ୁଥିବା ସଂଘର୍ଷ ଆସାମ ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ହୋଇଛି। ବନ ସଂରକ୍ଷଣ ସହ ମଣିଷ ଓ ହାତୀ ଉଭୟଙ୍କ ସୁରକ୍ଷା ପାଇଁ ଅଧିକ ପ୍ରଭାବୀ ଓ ଦୀର୍ଘମିଆଦି ପଦକ୍ଷେପର ଆବଶ୍ୟକତା ଦେଖାଦେଇଛି।

# ସଂଶୋଧିତ ହେଲା ଏନ୍‌ସିଇଆର୍‌ଟି ପୁସ୍ତକ

## ■ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ହଟିଲା ବିବାଦୀୟ କୋର୍ଟ ପ୍ରସଙ୍ଗ





### କଭର ପୃଷ୍ଠାରୁ ଗାନ୍ଧୀ, ନେହରୁ, ଭଗତ ସିଂହଙ୍କ ଫଟୋ ଗାଏବ

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରି ଏହାର ଏକ ନୂତନ ସଂସ୍କରଣ ପ୍ରକାଶ କରିଛି। ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଏବଂ ନ୍ୟାୟପାଳିକା ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଏହି ପଦକ୍ଷେପ ନିଆଯାଇଛି। ନୂତନ ପୁସ୍ତକର ପ୍ରଚ୍ଛଦ ପୃଷ୍ଠାରେ ସୁପ୍ରିମକୋର୍ଟଙ୍କୁ ସବୁଠାରୁ ଉପରେ ଏବଂ ସଂସଦକୁ ନିମ୍ନ ଭାଗରେ ସ୍ଥାନ ଦିଆଯାଇଛି। ପୂର୍ବ ସଂସ୍କରଣରେ ଥିବା ନ୍ୟାୟପାଳିକାରେ ଦୁର୍ନୀତି ଏବଂ ବିଚାରାଧୀନ ମାମଲାଗୁଡ଼ିକର ବୋଝ ବିଷୟରେ ଥିବା ଉଲ୍ଲେଖକୁ ହଟାଇ ଦିଆଯାଇଛି। ଏହା ବଦଳରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଭୂମିକା, ଜନସ୍ୱାର୍ଥ ମାମଲା, ଟ୍ରିବ୍ୟୁନାଲ ଏବଂ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

ସୁପ୍ରିମକୋର୍ଟ ଏହି ପୁସ୍ତକକୁ ନେଇ ସୁପ୍ରିମ କୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ଏନ୍‌ସିଆର୍‌ଟି ଏଥିପାଇଁ କ୍ଷମା ପ୍ରାର୍ଥନା କରିଥିଲା। ଏହାସହିତ ବିବାଦୀୟ ଦେଶ ବିଭାଜନ ପ୍ରସଙ୍ଗରେ ମଧ୍ୟ ପାଠ୍ୟପୁସ୍ତକରେ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ୧୯୪୭ ମସିହାରେ ଦେଶ ବିଭାଜନକୁ କଂଗ୍ରେସ ଆଗକୁ ବଢ଼ିବାର ଏକମାତ୍ର ବିକଳ୍ପ ଭାବେ ଗ୍ରହଣ କରିଥିଲା। ଏହି ବିଷୟ ଏବେ ମଧ୍ୟ ତର୍କର ବିଷୟ ହୋଇ ରହିଛି। ପୂର୍ବରୁ ଥିବା ପୁସ୍ତକରେ ଗାନ୍ଧିଜୀ ଏବଂ ଅଧିକାଂଶ କଂଗ୍ରେସ ନେତା ବିଭାଜନକୁ ବିରୋଧ କରୁଥିଲେ ମଧ୍ୟ ଏହାକୁ ବାଧ୍ୟ ହୋଇ ଗ୍ରହଣ କରିଥିଲେ ବୋଲି ଲେଖାଥିଲା, ଯାହାକୁ ଏବେ ସଂଶୋଧିତ କରାଯାଇଛି। ସେହିପରି 'ସାମ୍ପ୍ରଦାୟିକ ଗଣହତ୍ୟା ସମୟରେ କଂଗ୍ରେସ ନେତାମାନେ ଅସହାୟ ଥିଲେ' ବୋଲି ଥିବା ବାକ୍ୟଟିକୁ ମଧ୍ୟ ହଟାଇ ଦିଆଯାଇଛି। ନୂତନ ସଂସ୍କରଣରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ବିଷୟବସ୍ତୁରୁ ଆଡଲଫ୍ ହିଟଲର ଏବଂ ନାଜିବାଦର ସମସ୍ତ ଉଲ୍ଲେଖକୁ ବାଦ୍ ଦିଆଯାଇଛି। ନେତାଜୀ ବ୍ରିଟିଶ ବିରୋଧୀ ଶକ୍ତିଙ୍କ ସାହାଯ୍ୟ ଲୋଡ଼ିଥିଲେ ବୋଲି ଏଥିରେ କୁହାଯାଇଛି। ଏହାସହିତ, ୧୯୨୫ ମସିହାରେ ବିନାୟକ ଦାମୋଦର ସାବରକରଙ୍କ ଦ୍ୱାରା 'ସ୍ୱରାଜ' ଦାବି ପ୍ରଥମେ ଉପସ୍ଥାପିତ କରାଯାଇଥିବା ଇତିହାସ ଅଧ୍ୟାୟରେ ସ୍ଥାନିତ କରାଯାଇଛି। ପୁସ୍ତକର ପ୍ରଚ୍ଛଦରୁ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଭଗତ ସିଂଙ୍କ ପରି ଅନେକ ଜାତୀୟ ନେତାଙ୍କ ଚିତ୍ର ଏବଂ ତାଜମହଲର ଚିତ୍ରକୁ ହଟାଇ ଦିଆଯାଇଛି। ପୂର୍ବରୁ ବିବାଦୀୟ ନ୍ୟାୟପାଳିକା ଅଧ୍ୟାୟ ପାଇଁ ଦାୟୀ ଥିବା ତିନିଜଣ ଏକାଡେମିକ୍ ବିଶେଷଜ୍ଞଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ସେମାନଙ୍କ ଉପରେ ସର୍ବୋଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରିଥିଲେ।

### ରାମ ମନ୍ଦିର ଚାନ୍ଦା ଚୋରି

## ସିସିଟିଭି ଅବହେଳାରୁ ମହାଲୁଟ୍: ଜବତ ହେଲାଣି କୋଟିଏ



ଅଯୋଧ୍ୟା, ୮।୭(ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲାରେ ଏସଆଇଟି ତଦନ୍ତରୁ ଜଣାପଡ଼ିଛି ଯେ ମନ୍ଦିରର ଦାନ ଗଣତି କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିର ସୁଯୋଗ ନେଇ ପ୍ରାୟ ୨ ରୁ ୩ କୋଟି ଟଙ୍କା ଚୋରି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋଟିଏ ଟଙ୍କା ଜବତ ହେଲାଣି। ପ୍ରାରମ୍ଭରେ ୫୦୦ ଟଙ୍କିଆ ନୋଟ୍ ଚୋରିରୁ ଆରମ୍ଭ ହୋଇଥିବା ଏହି ଘଟଣା ପରବର୍ତ୍ତୀ ସମୟରେ ବଡ଼ ଆକାର ଧାରଣ କରିଥିଲା। ଦାନ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୬ ଜଣ କର୍ମଚାରୀ ମନ୍ଦିରରେ ଯୋଗ ଦେବାର ମାତ୍ର ୨ ରୁ ୩ ମାସ ମଧ୍ୟରେ ଏହି ଚୋରି ଆରମ୍ଭ କରିଥିଲେ। ସିସିଟିଭି କ୍ୟାମେରା ଉପରେ ଦୁର୍ବଳ ନଜର ଏବଂ ନିୟନ୍ତ୍ରଣ କକ୍ଷ ଖାଲି ରହିବାର ସୁଯୋଗ ନେଇ ସେମାନେ ପ୍ରଥମେ ନିଜ ପୋଷାକରେ ଲୁଚାଇ ଟଙ୍କା ବାହାରକୁ ନେଉଥିଲେ। ପରେ କୌଣସି ଧରାପଡ଼ିବା ଭୟ ନଥିବାରୁ ସେମାନେ ସମ୍ପୂର୍ଣ୍ଣ ଟଙ୍କା ବିଡ଼ା ଚୋରି କରିବାକୁ ଲାଗିଲେ। ସେମାନଙ୍କ ନିଯୁକ୍ତି ମଧ୍ୟ ମନ୍ଦିର ଟ୍ରଷ୍ଟ ସହିତ ଜଡ଼ିତ ବ୍ୟକ୍ତିଙ୍କ ସୁପାରିସ କ୍ରମେ ଷ୍ଟେଟ୍ ବ୍ୟାଙ୍କର ଏକ ବାହ୍ୟ ସଂସ୍ଥା ଜରିଆରେ ହୋଇଥିଲା। ମନ୍ଦିର ଟ୍ରଷ୍ଟ ଏବଂ ବ୍ୟାଙ୍କ ମଧ୍ୟରେ ଚୁକ୍ତି ଅନୁଯାୟୀ, ଗଣତି କେନ୍ଦ୍ରକୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ବାୟୋମେଟ୍ରିକ ହାଜିରା ଏବଂ କଡ଼ା ଶାରୀରିକ ଯାଞ୍ଚ କରିବାର ନିୟମ ଥିଲା। କିନ୍ତୁ ସୁରକ୍ଷା ଅଧିକାରୀମାନେ ଏହି ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଚୋରି ହୋଇଥିବା ଏହି ଦାନ ଅର୍ଥରେ ଅଭିଯୁକ୍ତମାନେ ଅଯୋଧ୍ୟା ଏବଂ ଅନ୍ୟାନ୍ୟ ସ୍ଥାନରେ ଜମିବାଡ଼ି କିଣିଥିବା ଜଣାପଡ଼ିଛି। ଏସ୍‌ଆଇଟି ଏହାର ପ୍ରାଥମିକ ରିପୋର୍ଟରେ ଅବିନାଶ ଶୁକ୍ଲାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗଣତି କେନ୍ଦ୍ରରେ ପ୍ରାୟ ୪୦ ଦିନ ଧରି ଚାଲିଥିବା ଚୋରି ଅପରେସନ୍‌ର ମୁଖ୍ୟ ସୂତ୍ରଧର ଥିଲା ଏବଂ ଏଥିରେ ଅନ୍ୟ ୫ ଜଣ କର୍ମଚାରୀ ତାକୁ ସହଯୋଗ କରୁଥିଲେ।

**ଅବିନାଶ ମୁଖ୍ୟ ଅଭିଯୁକ୍ତ**

## କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ରଙ୍କ ଟିମ୍‌ରୁ ବିଦାହେଲେ ୪ ଅଫିସର



ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଅଫିସରୁ ଅପ୍ରତ୍ୟାଶିତ ଭାବେ ତଡ଼ା ଖାଇଛନ୍ତି ୪ ଅଧିକାରୀ। ।ସେମାନେ ହେଲେ ଅମର ସିଂ, ଶୈଳେଶ କୁମାର ସିଂ, ଆୟୁଷ ସରଣ ଏବଂ ସିଦ୍ଧାର୍ଥ ଯାଦବ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅମର ସିଂଙ୍କୁ ତାଙ୍କ ମୂଳ କ୍ୟାଡର ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ଅତିରିକ୍ତ ବ୍ୟକ୍ତିଗତ ସଚିବ ଶୈଳେଶଙ୍କୁ ମଧ୍ୟ ତାଙ୍କର ମୂଳ ବିଭାଗକୁ ଫେରାଇଦିଆଯାଇଛି। ରାଜନୈତିକ ନିଯୁକ୍ତି ପାଇଥିବା ଦୁଇ ଜଣ ଅତିରିକ୍ତ ଏବଂ ସହକାରୀ ବ୍ୟକ୍ତିଗତ ସଚିବ ଆୟୁଷ ଏବଂ ସିଦ୍ଧାର୍ଥଙ୍କ ସେବାକୁ ମଧ୍ୟ ତୁରନ୍ତ ବାତିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଶାସନ କାଳରେ ଜଣେ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକାସାଙ୍ଗରେ ୪ଜଣ ସହାୟକଙ୍କୁ ହଟାଇବା ପ୍ରଥମ ଘଟଣା ବୋଲି କୁହାଯାଇଛି। ତେବେ ଏଭଳି କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇଛି, ତାହା ଜଣାପଡ଼ି ନାହିଁ। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବାକୁ ଯାଉଥିବା ବେଳେ ମନ୍ତ୍ରୀଙ୍କର ୪ ଜଣ ବ୍ୟକ୍ତିଗତ ସଚିବଙ୍କୁ ଏଭଳି ହଟାଯାଇଥିବାରୁ ଭୂପେନ୍ଦ୍ର ଯାଦବଙ୍କୁ ନେଇ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏହାକୁ ଶାସନର ବିଫଳତା ବୋଲି ବର୍ଣ୍ଣନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଯାଞ୍ଚ ହୋଇ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ଏପରି ଭାବେ ହଟାଇବା ମନ୍ତ୍ରଣାଳୟ ମଧ୍ୟରେ ଥିବା ଅସ୍ଥିରତାକୁ ସୂଚାଉଛି।

## ପୁଣେରେ କୋଠା ଭୁଶୁଡ଼ିଲା; ୧୫ ଜଣ ଫସିଥିବା ଆଶଙ୍କା

ପୁଣେ, ୮।୭: ମହାରାଷ୍ଟ୍ରର ପୁଣେ ଜିଲ୍ଲା ପିମ୍ପି–ଚିଞ୍ଚୱାଡ଼ ଅଞ୍ଚଳରେ ତିନି ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ ପ୍ରାୟ ୧୫ ଜଣ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଏହି କୋଠାଟି ସହରର ଆବର୍ଜନାରୁ ଶକ୍ତି ଉତ୍ପାଦନ ପ୍ରକଳ୍ପର ପ୍ରଶାସନିକ କାର୍ଯ୍ୟାଳୟ ଥିଲା। ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ପୁରୁଣା ଆବର୍ଜନାର ବିରାଟ ଗଦା ଧସି ଆସି କୋଠା ଉପରେ ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଘଟଣା ସମୟରେ କୋଠା ଭିତରେ ପ୍ରାୟ ୨୦ ଜଣ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ଚାରିଜଣ ସୁରକ୍ଷିତ ଭାବେ ବାହାରି ଆସିଥିବାବେଳେ ଅନ୍ୟମାନେ ଧ୍ୱଂସାବଶେଷ ତଳେ ଫସି ରହିଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ଷା ଯୋଗୁଁ ଘଟିଥିବା ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୭୧ଟି ରାସ୍ତା ଅବରୋଧ ହୋଇଯାଇଛି। ରାମଗଙ୍ଗା ନଦୀରେ ଏକ ୬୦୦ ମିଟର ଲମ୍ବର କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି।

### ବାରୁଇପୁର ନାବାଳିକା ଦୁଷ୍କର୍ମ, ହତ୍ୟା ମାମଲା

## ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନିହତ



**■ ମୃତଦେହ ନେବାକୁ ମନାକଲେ ପରିବାର**

**■ ଭୁଲ କରିଥିଲା, ଦଣ୍ଡ ମିଳିଛି**

କୋଲକାତା, ୮।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁରରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳ ମଙ୍ଗଳବାର ଭୋର ସମୟରେ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଛି। ଘଟଣାସ୍ଥଳ ।ରେ ରିକ୍ରିଏସନ ପାଇଁ ପୁଲିସ ତାକୁ ନେଇ ଯାଇଥିବା ବେଳେ ସେ ପୁଲିସର ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଚେଷ୍ଟା କରିବା ସହ ଗୁଳି ଚଳାଇଥିଲା। ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ତାର ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୫ ତାରିଖରେ ନାବାଳିକାର ମୃତଦେହ ଏକ ପୋଖରୀରୁ ବସ୍ତା ଭିତରୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ପୁଲିସ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଗୁଜବ ଯୋଗୁଁ ଉତ୍ତ୍ୟକ୍ତ ଜନତା ଇନ୍ଦ୍ରଜିତ ମଣ୍ଡଳ ନାମକ ଜଣେ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ପିଟିପିଟି ହତ୍ୟା କରିଥିଲେ। ପରେ ପୁଲିସ ସ୍ପଷ୍ଟ କରିଥିଲା ଯେ ମୃତ ଇନ୍ଦ୍ରଜିତ ଏହି ଅପରାଧରେ ସାମିଲ ନଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ପୁଲିସ ମହାନିର୍ଦ୍ଦେଶକଙ୍କୁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ନାବାଳିକା ଏବଂ ନିରୀହ ଇନ୍ଦ୍ରଜିତଙ୍କ ପରିବାରକୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଛି। ହିଂସାକାଣ୍ଡରେ ସାମିଲ ଥିବା ଏବଂ ପିଟିପିଟି ହତ୍ୟା କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ନିହତ ପ୍ରଭାସର ପରିବାର ତାଙ୍କ ମୃତଦେହ ନେବାକୁ ମନା କରିଦେଇଛନ୍ତି। ତାର ଅନ୍ତିମ ସଂସ୍କାର କରିବାକୁ ମଧ୍ୟ ମନା କରିଛନ୍ତି। ପ୍ରଭାସ ମାତା କହିଛନ୍ତି ଯେ ତାଙ୍କ ପୁଅ ଭୁଲ କରିଥିଲା ଏବଂ ଉଚିତ ଦଣ୍ଡ ମିଳିଛି।

## ୟୁକ୍ରେନରେ ଭୟଙ୍କର ରାତ୍ରିକାଳୀନ ଆକ୍ରମଣ

କିଭ୍, ୮।୭(ଏଜେନ୍ସି): ରୁଷ ପକ୍ଷରୁ ରାତିସାରା ହୋଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିକ୍ରିୟାରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷରେ ମଧ୍ୟ ଜଣେ ପ୍ରାଣ ହରାଇଥିବା ଖବର ମିଳିଛି। ୟୁକ୍ରେନ ସେନାର ସୂଚନା ଅନୁଯାୟୀ, ରୁଷ ୧୬୯ ଡ୍ରୋନ୍ ଓ ୭ଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ସେଥିରୁ ଅଧିକାଂଶ ଡ୍ରୋନକୁ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଥିଲେ ମଧ୍ୟ କିଛି ଆକ୍ରମଣ କିଭ୍, ଖାର୍କିଭ୍ ଓ ଜାପୋରିଜିଆରେ କ୍ଷୟକ୍ଷତି ଘଟାଇଛି। ଅନ୍ୟପଟେ, ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷର କିଛି ଶିଳ୍ପ ପ୍ରତିଷ୍ଠାନ ଓ ୨ଟି ତୈଳବାହୀ ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଥିବା ରୁଷ କହିଛି।

# ପାର୍ବତ୍ୟାଞ୍ଚଳରେ ବାରମ୍ବାର କାହିଁକି ହେଉଛି ଭୂସ୍ଖଳନ?



ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେରଳର ୱାୟାନାଡସ୍ଥିତ ମେପ୍ପାଡି ନିକଟରେ ଏକ ସୁଡ଼ଙ୍ଗ ସଡ଼କ ପ୍ରକଳ୍ପର ନିର୍ମାଣ ସ୍ଥଳରେ ଘଟିଥିବା ସଦ୍ୟତମ ଭୂସ୍ଖଳନ (ମାଟି ଧସିବା) ଘଟଣା ପୁଣି ଥରେ ସମଗ୍ର ଦେଶରେ ଚିନ୍ତା ବଢ଼ାଇ ଦେଇଛି। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ, ଦେଶର ପ୍ରାୟ ୧୩ ରୁ ୧୫ ପ୍ରତିଶତ ଅଞ୍ଚଳ (ପ୍ରାୟ ୪.୨ ଲକ୍ଷ ବର୍ଗ କିଲୋମିଟର) ଭୂସ୍ଖଳନ ପ୍ରବଣ ଅଟେ। ମୌସୁମୀ ବର୍ଷାର ପ୍ରଭାବ ଏବଂ ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏହି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଶର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରୁଛି।

ଭାରତ ସରକାରଙ୍କ ସାମରିକ ଓ ଭୂବିଜ୍ଞାନ ବିଶେଷଜ୍ଞଙ୍କ ଅନୁସାରେ, ଦେଶର ଭିନ୍ନ ଭିନ୍ନ ସ୍ଥାନରେ ମାଟି ଧସିବାର ଭୌଗୋଳିକ କାରଣ ପୃଥକ ଅଟେ। ହିମାଳୟ ପାର୍ବତ୍ୟ ଅଞ୍ଚଳରେ ହେଉଥିବା ଭୂସ୍ଖଳନର କାରଣ ଅନ୍ୟ ସ୍ଥାନଗୁଡ଼ିକଠାରୁ ଅଲଗା। ଏହା ପୃଥିବୀର ସବୁଠାରୁ କମ୍ ବୟସର ଏବଂ ସକ୍ରିୟ ପର୍ବତମାଳା ହୋଇଥିବାରୁ ଏଠାକାର ପଥର ଗୁଡ଼ିକ ଅତି ଭଙ୍ଗୁର ଓ ଅସ୍ଥିର। ବାରମ୍ବାର ଆସୁଥିବା ଭୂମିକମ୍ପ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ଲେସିୟର ବା ବରଫ ହ୍ରଦ ଫାଟିଯିବା ଦ୍ୱାରା ଏଠାରେ ବଡ଼ ଧରଣର ଭୂସ୍ଖଳନ ହୋଇଥାଏ। ସେହିପରି ଉତ୍ତର-ପୂର୍ବ ପାର୍ବତ୍ୟ ପ୍ରାନ୍ତରେ ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଢାଲୁଆ ପାହାଡ଼ ରହିଛି। ପ୍ରବଳ ବର୍ଷା ଯୋଗୁଁ ଏହି ନରମ ପଥର ଗୁଡ଼ିକ ସହଜରେ ଧୋଇହୋଇ ଖସିପଡ଼େ।

ପଶ୍ଚିମଘାଟ ଏବଂ ନୀଳଗିରି ଅଞ୍ଚଳତ ଅର୍ଥାତ କେରଳ ଓ ମହାରାଷ୍ଟ୍ରରେ ପଥର ଅପେକ୍ଷା ମାଟିର ମୋଟା ସ୍ତର ରହିଛି। ମୌସୁମୀ ବର୍ଷା ସମୟରେ ଏହି ମାଟି ସ୍ପଞ୍ଜ ଭଳି ଅତ୍ୟଧିକ ପାଣି ଶୋଷି ନେଇ ଏକ ଭାରି କାଦୁଅର ସୁଅରେ ପରିଣତ ହୁଏ ଏବଂ ଶେଷରେ ଓଜନ ସହି ନପାରି ତଳକୁ ଖସିଆସେ। ପୁଣି ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ମୌସୁମୀ ସମୟରେ କମ୍ ସମୟ ମଧ୍ୟରେ ଅତ୍ୟଧିକ ବାଦଲଫଟା ବର୍ଷା ହେଉଛି, ଯାହା ମାଟିର ସ୍ଥିରତାକୁ ନଷ୍ଟ କରୁଛି। ଏହାସହ ପ୍ରକୃତି ସହିତ ମଣିଷର ଭୁଲ୍ କାର୍ଯ୍ୟପ୍ରଣାଳୀ ବିପର୍ଯ୍ୟୟର ମାତ୍ରାକୁ ଅଧିକ ବଢ଼ାଇ ଦେଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପାହାଡ଼ର ନିମ୍ନ ଭାଗକୁ ଅବୈଜ୍ଞାନିକ ଭାବେ କାଟିବା, ପାହାଡ଼ିଆ ସହରଗୁଡ଼ିକରେ ଖରାପ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଜଙ୍ଗଲ ନଷ୍ଟ କରି ନିର୍ମାଣ କାର୍ଯ୍ୟ କରିବା ଯୋଗୁଁ ପାହାଡ଼ଗୁଡ଼ିକ ସୁରକ୍ଷାହୀନ ହୋଇପଡ଼ୁଛନ୍ତି। ସରକାରଙ୍କ ପକ୍ଷରୁ ଭୂସ୍ଖଳନର ପୂର୍ବାନୁମାନ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ 'ଭୂସଙ୍କେତ' ପୋର୍ଟାଲ୍ ଏବଂ 'ଭୂସ୍ଖଳନ' ମୋବାଇଲ୍ ଆପ୍ ଜାରି କରାଯାଇଛି। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏହି ବ୍ୟବସ୍ଥା କେବଳ କେଉଁ ସ୍ଥାନରେ ଭୂସ୍ଖଳନ ହୋଇପାରେ ତାହା ଦର୍ଶାଉଛି, କିନ୍ତୁ କେତେବେଳେ ହେବ ତାହା ସଠିକ୍ ଭାବେ କହିପାରୁନାହିଁ। ଜାପାନ ଏବଂ ସୁଇଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକରେ ଅତ୍ୟାଧୁନିକ ସେନ୍ସର ବ୍ୟବସ୍ଥା ରହିଛି, ଯାହା ମାଟି ଧସିବାର ସଠିକ୍ ସମୟ ପୂର୍ବରୁ ସୂଚନା ଦେଇ ଧନଜୀବନ ରକ୍ଷା କରିଥାଏ।

# ଆଜି ହୀରାକୁଦ ଛାଡ଼ିବ ବନ୍ୟାଜଳ

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ଗତ କେଇଦିନ ହେବ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ହୀରାକୁଦ ନଦୀବନ୍ଧରେ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରଖିବାକୁ ଥିବାବେଳେ ଗତକାଲିଠାରୁ ତାହା ଏହି ରେଖା ପାରି କରିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆସନ୍ତାକାଲି ୯ ତାରିଖ ପୂର୍ବାହ୍ଣ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଡ୍ୟାମ୍ ଅବବାହିକା ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବୁଧବାର ୮ ତାରିଖ ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୯୭ ଫୁଟ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୪୨,୯୬୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୬,୩୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନାଲ ଦେଇ ୨୩,୩୨୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୭ ଘନଫୁଟ, କେନାଲ ପାଇଁ ୨୭୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ତେବେ ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୮୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୯,୭୯୯ କ୍ୟୁସେକ, ଖଇରମାଲଠାରେ ୧,୦୬,୦୦୦ କ୍ୟୁସେକ, ବାରମୁଲାଠାରେ ୧,୫୫,୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୪,୨୦,୮୨୪ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ନଦୀବନ୍ଧ ମୁଖ୍ୟଙ୍କ ସୂତ୍ରରୁ ପ୍ରକାଶ।

# 'ପିନାକ'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୮।୭ (ସମିସ): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟ 'ପିନାକ'ର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ଦ୍ୱାରା ଦୂରଗାମୀ ଲକ୍ଷ୍ୟ ଭେଦ ପାଇଁ ସଠିକ୍ ଗାଇଡେଡ୍ ରକେଟ ବିକାଶ କ୍ଷେତ୍ରରେ ଭାରତର ସ୍ୱଦେଶୀ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ସାମର୍ଥ୍ୟ ପୁଣିଥରେ ପ୍ରମାଣିତ ହୋଇଛି। ଏହି ପରୀକ୍ଷଣ ସମୟରେ ରକେଟ ବ୍ୟବହାରକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ୬୦ କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟ ଭେଦ ପାଇଁ ପ୍ରକ୍ଷେପଣ କରାଯାଇଥିଲା। ପ୍ରକ୍ଷେପଣ ପରେ ପୂର୍ବ ଯୋଜନା ମୁତାବକ ସମସ୍ତ ମାନଦଣ୍ଡକୁ ପିନାକ ରକେଟ ସଫଳତାର ପୂରଣ କରିଥିଲା। ପରେ ଏହା ପୂର୍ବାନୁମାନ କରାଯାଇଥିବା ଟ୍ରାଜେକ୍ଟୋରିକୁ ସଠିକ୍ ଭାବେ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ନିଖୁଣ ଭାବେ ଆଘାତ କରିଥିଲା। ପରୀକ୍ଷଣ ସମୟରେ ଆଇଟିଆର ଦ୍ୱାରା ନିୟୋଜିତ ସମସ୍ତ ଅତ୍ୟାଧୁନିକ ରେଞ୍ଜ ଉପକରଣ ରକେଟର ସମ୍ପୂର୍ଣ୍ଣ ଗତିପଥକୁ ସଫଳତାର ସହ ଟ୍ରାକ୍ କରିଥିଲେ। ସେଥିରୁ ସଂଗୃହୀତ ତଥ୍ୟ, ନିର୍ଦ୍ଧାରିତ ମାନଦଣ୍ଡ ସହ ସମ୍ପୂର୍ଣ୍ଣ ମେଳ ଖାଇଥିଲା। ପିନାକ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟକୁ 'ଡିଆରଡିଓ'ର ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଆରଡିଇ) ପକ୍ଷରୁ ହାଇ ଏନର୍ଜି ମାଟେରିଆଲ୍ସ ରିସର୍ଚ୍ଚ ଲାବରେଟୋରି (ଏଚଇଏମଆରଏଲ) ସହଯୋଗରେ ଡିଜାଇନ ଓ ବିକଶିତ କରାଯାଇଛି।





ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀ ବଡ଼ଦାଣ୍ଡକୁ ରଙ୍ଗୀନ ଝୋଟି ଚିତାରେ ସୁସଜ୍ଜିତ କରାଯାଇଛି। (ଫଟୋ: ଅନିଲ)

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୨୦୨୭ ମାର୍ଚ୍ଚ ସୁଦ୍ଧା ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୭(ସମିସ): ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଲୋକସେବା ଭବନରେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଗଣଶିକ୍ଷା ବିଭାଗକୁ ସାପ୍ତାହିକ ରିପୋର୍ଟ କରିବେ ଜିଲ୍ଲାପାଳ**



ଏହାର ଅଧ୍ୟକ୍ଷତା କରି ପ୍ରଥମ ପର୍ଯ୍ୟାୟରେ ଯେଉଁ ୨୨୦୦ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥିରୀକୃତ ହୋଇଛି, ସେସବୁ ପାଇଁ ମାର୍ଚ୍ଚ ୨୦୨୭ ସୁଦ୍ଧା ଜମି ଚିହ୍ନଟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ତଦାରଖ କରି ସାପ୍ତାହିକ ରିପୋର୍ଟ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି- ୨୦୨୦ ଓ ଶିକ୍ଷା ଅଧିକାର- ୨୦୦୯ ର ଲକ୍ଷ୍ୟ ପୂରଣ ପାଇଁ ପଞ୍ଚାୟତ ସ୍ତରରେ ବିଶ୍ୱସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଏହି ଯୋଜନାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସୁଦ୍ଧା ୩୨୨ଟି ସ୍କୁଲର କାମ ଆରମ୍ଭ ହୋଇଛି। ଅବଶିଷ୍ଟ ବିଦ୍ୟାଳୟ ପାଇଁ ତୁରନ୍ତ ଜମି ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନେ ଗୁରୁତ୍ୱ ଦେବାକୁ କହିବା ସହ ଏହି ପ୍ରକ୍ରିୟାରେ ସ୍ଥାନୀୟ ବିଧାୟକମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳଙ୍କ ସକ୍ରିୟ ଉଦ୍ୟମ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଟାର୍ଗେଟ ପୂରଣ କରନ୍ତୁ। ଏହି ବୈଠକରେ ଆଭାସୀ ମାଧ୍ୟମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂ, ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା ନାୟକ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରାୟ ୨୨୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

# କଳାପତାକା ପ୍ରଦର୍ଶନ ପାଇଁ ହତ୍ୟା ଉଦ୍ୟମ ଦଫା

ଭୁବନେଶ୍ୱର,୮।୭(ସମିସ): ଗତ ୭ ତାରିଖ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ଅବସରରେ ଯୁବ କଂଗ୍ରେସ ନେତା ଅବିନାଶ ମିଶ୍ରଙ୍କ ଗିରଫଦାରିକୁ ନେଇ ସରକାରଙ୍କୁ କଠୋର ସମାଲୋଚନା କରିଛି କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ ପୁରୀର ଯୁବନେତା ଅବିନାଶ ମିଶ୍ରଙ୍କ ବିରୋଧରେ ପ୍ରତିଶୋଧମୂଳକ ଭାବେ ଦଫା '୩୦୭' ଲଗାଯିବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପୁଲିସର ଏହି ପଦକ୍ଷେପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅଗଣତାନ୍ତ୍ରିକ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ସମୟରେ ପ୍ରଶାସନର

- ପୁଲିସ ଓ ସରକାରଙ୍କ ବିରୋଧରେ ବର୍ଷିଲା କଂଗ୍ରେସ
- ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ବି କ୍ଷୁଣ୍ଣ
- ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପଛକୁ ହଟିବନି

ଏଭଳି ତରବରିଆ ଓ ଆତଙ୍କିତ ପଦକ୍ଷେପ ପଛରେ କି ରହସ୍ୟ ଅଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କ ଜ୍ୱଳନ୍ତ ସମସ୍ୟା ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଅବହେଳାର ପ୍ରତିବାଦ କରିବା କଣ ଏକ ଅପରାଧ କି ବୋଲି ସରକାରଙ୍କୁ ସେ ପ୍ରଶ୍ନ କରିଛନ୍ତି। ମୁଖପାତ୍ର ଜୟଶ୍ରୀ ପାତ୍ର କହିଛନ୍ତି ଯେ ବିଜେପି ସରକାର ଅଧୀନରେ ରାଜ୍ୟରେ ଗଣତନ୍ତ୍ର ଏବଂ ସମ୍ବିଧାନର ସ୍ଥିତି ଏବେ ସଙ୍ଗିନ ତଥା ଚିନ୍ତାଜନକ। ବିରୋଧୀଙ୍କ ସ୍ୱରକୁ ରୋକିବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଉଛି, ତାହା ସ୍ପଷ୍ଟ କରୁଛି ଯେ ରାଜ୍ୟରେ ବର୍ତ୍ତମାନ ଆଇନର ନୁହେଁ, ଏକଚ୍ଛତ୍ରବାଦ ଶାସନର ଦମନଲୀଳା ଚାଲିଛି। ଭାରତୀୟ ସମ୍ବିଧାନର ଧାରା ୧୯ ପ୍ରତ୍ୟେକ ନାଗରିକଙ୍କୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ମୌଳିକ ଅଧିକାର ଦେଇଛି। କଳାପତାକା ଦେଖାଇବା ପାଇଁ ହତ୍ୟା ଉଦ୍ୟମ ଦଫା କାହିଁକି ଲାଗିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ବିଜେପି ସରକାରରେ ତାଙ୍କ ନାଲି ଆଖି ଭୟ ମିଥ୍ୟା ଅଭିଯୋଗ ଆମକୁ ଡରାଇ ପାରିବ ନାହିଁ। ତେଣୁ ତୁରନ୍ତ କଂଗ୍ରେସ ନେତା ଅବିନାଶ ମିଶ୍ରଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ କଂଗ୍ରେସ ଦାବି କରିଛି।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା

# ଏବିଭିପିର ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି ବିଜେପି ସରକାର: ବିଜେଡି

ଭୁବନେଶ୍ୱର,୮।୭(ସମିସ): ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ଆଜି ବିଜେପି ସରକାର ପାଇଁ ନିନ୍ଦିତ। ଅଣଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଗଣ୍ଡଗୋଳ କରିବା ସହ ଛାତ୍ରୀମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଲେ। ମହିଳା ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ବିଜେପିର ଦୋମୁହାଁ ନୀତି ଆଜି ପଦାରେ ପଡ଼ିଛି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଅଣଛାତ୍ରମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଲେଖାଶ୍ରୀ କହିଥିଲେ ଯେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ଗଣ୍ଡଗୋଳ କରିଛନ୍ତି। ନ୍ୟାୟ ନପାଇ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବର୍ଷକ ପୂର୍ବେ ଆତ୍ମହତ୍ୟା କରିଥିଲେ। ଏବିଭିପି ଓ ଅଶୈକ୍ଷିକ ପରିବେଶ ପାଇଁ ସେ ନ୍ୟାୟ ନପାଇ ଆତ୍ମାହୁତି ଦେଇଥିଲେ। ବାଲେଶ୍ୱର ସାଂସଦ ଓ ବିଧାୟକ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବାରୁ ବିଜେପି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ବିଜେପି ସରକାର ଓଡ଼ିଶାର ଛାତ୍ର ଓ ଯୁବ ସମାଜ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିଜେପି ପ୍ରୋତ୍ସାହନରେ ଏବିଭିପି ଅପରାଧିକ କାର୍ଯ୍ୟକଳାପ କରିଚାଲିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷମାନଙ୍କୁ ପ୍ରବେଶ ନିଷେଧ ଥିବାବେଳେ ପୁରୁଷ ଅଣଛାତ୍ର କିପରି ଗଣ୍ଡଗୋଳ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବିଭିପିର ୧୬ ଜଣ ଅଣଛାତ୍ର ଧାରୁଆ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପ୍ରବେଶ କରି ଗଣ୍ଡଗୋଳ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବିରୋଧ କରିବାରୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଛାତ୍ରୀମାନଙ୍କୁ ଧମକ ଦେଇଥିଲେ ଏବିଭିପିର ପୁରୁଷ ଅଣଛାତ୍ର। ଗଣ୍ଡଗୋଳରେ ଏବିଭିପିର ପୁରୁଷ



ଅଣଛାତ୍ରମାନଙ୍କ ସମ୍ପୃକ୍ତି ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାମଲା ଦାୟର ହେଲା ନାହିଁ। ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବିଭିପି ପ୍ରତି କୋହଳ ମନୋଭାବ ପୋଷଣ କରୁଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ।

ଇପ୍ସିତା ସାହୁ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ପାଇଁ ଓଡ଼ିଶାରେ ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେହି ବିଶ୍ୱବିଦ୍ୟାଳୟର ଗରିମାକୁ କ୍ଷୁଣ୍ଣ କରିବାରେ ଲାଗିଛି ବିଜେପି। ଏବିଭିପିର ଅଣଛାତ୍ର ଗୁଣ୍ଡାମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କୁଳପତିଙ୍କ ଅଫିସ ନିକଟରେ ଗଣ୍ଡଗୋଳ କରିଥିଲେ। ଘଟଣାରେ କୁଳପତି ଓ ପୁଲିସ ଚୁପ୍ ରହିବା ଅତ୍ୟନ୍ତ ଲଜ୍ଜାଜନକ। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଏବିଭିପି ସହ ଜଡିତ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କିଛି ଦିନ ତଳେ ବିଜେବି କଲେଜରେ

- ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ବିଜେପି ପାଇଁ ନିନ୍ଦିତ
- ସୋମ୍ୟାଶ୍ରୀ ଘଟଣାର ପୁନରାବୃତିକୁ ଅପେକ୍ଷା କରିଛି ବିଜେପି
- ଅପରାଧୀ ମାନେ ବିଜେପି ଛତ୍ରଛାୟାରେ ଥିବାରୁ ହାତବାନ୍ଧି ବସିଛି ପୁଲିସ

ମଧ୍ୟ ଏବିଭିପି ଗୁଣ୍ଡାମାନେ ଗଣ୍ଡଗୋଳ କରିଥିଲେ; କିନ୍ତୁ ପୁଲିସ ସେମାନଙ୍କୁ ଗିରଫ କରିବାକୁ ସାହସ ଜୁଟାଇ ପାରିଲା ନାହିଁ। ଅପରାଧ ଘଟାଇ ଏବିଭିପି ଗୁଣ୍ଡାମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ କ୍ୱାର୍ଟର୍ସରେ ଲୁଚି ରହୁଛନ୍ତି। ରମାଦେବୀ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କ ନାମ ଓ ଫଟୋ ଦେଲେ ସୁଦ୍ଧା ପୁଲିସ ସେମାନଙ୍କୁ ଗିରଫ କରୁନାହିଁ। ଛାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ଥିବାବେଳେ ପୁଲିସ ଗୁଣ୍ଡାମାନଙ୍କୁ ସୁରକ୍ଷା ଦେଉଛି। ଏବିଭିପିର ଗୁଣ୍ଡାମାନଙ୍କୁ ତୁରନ୍ତ ଗିରଫ କରାଯାଉ, ନଚେତ୍ ବିଜେଡି ରାଜ୍ୟସାରା ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

## ହୀରାକୁଦ ଡ୍ୟାମ୍ ପରିଚାଳନା ପାଇଁ କର୍ମଚାରୀ ଅଭାବ

# ଚିନ୍ତା ପ୍ରକଟ କଲେ ସାଂସଦ ମାନସ

ଭୁବନେଶ୍ୱର,୮।୭(ସମିସ): ହୀରାକୁଦ ଡ୍ୟାମ୍ ପରିଚାଳନା ପାଇଁ ଆବଶ୍ୟକୀୟ କର୍ମଚାରୀ ଅଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ।

ବୁଧବାର 'ଏକ୍ସ'ରେ ଶ୍ରୀ ମଙ୍ଗରାଜ ଏ ସମ୍ପର୍କରେ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ହୀରାକୁଦ ଜଳଭଣ୍ଡାର ପରିଚଳନା ପାଇଁ କର୍ମଚାରୀ ଅଭାବ ସମସ୍ୟା ଗତ କିଛି ବର୍ଷ ଧରି ଲାଗି ରହିଛି। ଏହି ସମସ୍ୟା ଦ୍ୱାରା ନଦୀବନ୍ଧ ସୁରକ୍ଷା ଏବଂ ପରିଚାଳନା ନେଇ ଚିନ୍ତା ସୃଷ୍ଟି କରିଛି। ନିରୀକ୍ଷଣ ଏବଂ ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ଅଧିକାଂଶ ଉପକରଣ ମଧ୍ୟ ପୁରୁଣା ଓ ଅନୁପଯୋଗୀ ହୋଇଯାଇଛି। ଏ ସମ୍ପର୍କରେ ଶୀଘ୍ର ପଦକ୍ଷେପ ନେଇ ଖାଲି ପଦବୀଗୁଡ଼ିକୁ ପୂରଣ କରା ନ ଗଲେ ଏବଂ ଆଧୁନିକ ଉପକରଣ ଯୋଗାଇ ଦିଆ ନ ଗଲେ ଆଗାମୀ ମୌସୁମୀ ସମୟରେ ହୀରାକୁଦ ଡ୍ୟାମ୍ ଏବଂ ତଳି ଅଞ୍ଚଳର ସୁରକ୍ଷା ବିପନ୍ନ ହୋଇପାରେ ବୋଲି ଶ୍ରୀ ମଙ୍ଗରାଜ ଆଶଙ୍କା ପ୍ରକଟ କରିଛନ୍ତି।


aisect Ltd. A part of aisect india

RECRUITMENT OF VOCATIONAL TRAINERS

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha/PMSHRI. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 23,500/- per month. Age Limit: 18-45 years (As on 01/01/2026) as per Govt. Rules. Last Date of Application: 15.07.2026 (5:00 pm)**

**For clarification on Advt. Contact on: 8260186138**

| Sector | Districts | Qualifications & Experience |
|---|---|---|
| AGRICULTURE | Koraput, Kalahandi, Kandhamal, Keonjhar, Rayagada & Deogarh | Post Graduation in Horticulture / Agriculture with at least 1 year work / teaching Exp. Or Degree / Diploma in Horticulture / Agriculture from a recognized Institute / University with at least 2 year work / teaching experience, Preference will be given to the higher qualification and work / teaching experience in related area. |
| APPAREL | Jharsuguda, Koraput & Rayagada | Post Graduation in Textile and Clothing with 1 year of work / teaching experience in relevant areas. Or Degree/B.Voc/ Diploma in Textile & Clothing from recognised University / Institute with 2-3 years of work / teaching experience in relevant areas. Preference will be given to higher qualification & experience. |
| IT/ITES | Kalahandi | Diploma in Computer Sc./IT Or Bachelor Degree in Computer Application/Sc./IT.Or Master of Computer Application/Sc./IT. Or Graduate with PGDCA or DOEACC A/B Level Certificate However preference will be given to ME/ M.Tech.in Computer. Sc./IT. |
| RETAIL | Kalahandi & Mayurbhanj | Graduate or Diploma in Retail Management, PG Diploma in Marketing with at least 50% marks and 1 year teaching or work Exp.. Preference will be given to higher education with MBA (HR) / (Retail Marketing) or PG Diploma in Retail Management. |
| BEAUTY & WELLNESS | Kalahandi & Sundergarh | Diploma in Cosmetology / Beauty Therapy / Beauty Culture from a recognized Institution Min. 1 year working Exp. in the profession. |
| AUTOMOTIVE | Sundergarh | Degree in Automobile Engineering / Mechanical Engineering from a recognized Institute / University, with at least 1 year work / teaching Exp. Or B.Voc in Automotive Engineering from recognized Institute/University, with at least 2 year work/teaching Exp. Or Diploma in Automobile Engineering / Mechanical Engineering from a recognized Institute /University, with at least 3 year work / teaching experience. |
| ELECTRONICS | Keonjhar | B.E. / B. Tech. in Electrical / Electronics / Telecommunication with 1 year experience in the relevant field. Or Diploma in Electrical / Electronics / Electronics / Telecommunication from recognized board of technical education with 2 years Exp. in relevant field. Additionally should have done a Diploma or certificate course in Control Panel Wiring of residential / Industrial systems. |
| TELECOM | Koraput | B.Tech in Electronics and Tele communication / B.SC in Information Science and Telecommunication with at least 2 years work / teaching experience. |
| HEALTHCARE | Sundergarh | Teacher B.Sc. Nursing and Midwifery (4 years) or 3½ years Diploma in GNM with one year experience. |
| BFSI | Sundergarh | Post-graduation in commerce / management / finance from a recognized institute/university, with at least one year work Exp. |

NOTE: Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VTs will be undergoing Certificate Verification followed by formal interview. Selected candidate will be asked to join within short notice of one week.

Scan to Apply

Apply Link: https://www.aisect.org/Odisha-VTrecruitment2026


# ଅନ୍ୟ ସମ୍ପ୍ରଦାୟର ଲୋକ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରୁ ୫ ହଜାର ଜରିମାନା

ପାରଳାଖେମୁଣ୍ଡି, ୮।୭ (ସମିସ): ସମ୍ପ୍ରତି ଯୁଗରେ ମଧ୍ୟ କୁତ୍ସିତ ମାନସିକତା ଜାରିରହିଛି। ବିଶେଷ କରି ଗଜପତି ଜିଲ୍ଲାରେ ଏଭଳି ଘଟୁଛି। ଗତ କିଛିଦିନ ପୂର୍ବେ ପ୍ରେମବ୍ୟାପାରକୁ ନେଇ ଡାଳିମ୍ବପୁର ଗ୍ରାମର ଗୋଟିଏ ପରିବାରଙ୍କୁ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମରୁ ବାସନ୍ଦ ଭଳି ଖବର ନଜରକୁ ଆସିଥିବା ବେଳେ ଆଜି

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆଶାକର୍ମୀ**

ପୁଣି ଅନ୍ୟ ଏକ ଘଟଣା ସାମନାକୁ ଆସିଛି। ଗଜପତି ଜିଲ୍ଲାରେ ସାମାଜିକ ବାସନ୍ଦ ଓ କଥିତ 'ପ୍ରଜା କୋର୍ଟ'ର ଦଣ୍ଡ ବ୍ୟବସ୍ଥାକୁ ନେଇ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ଗ୍ରାମର ଜଣେ ଆଶାକର୍ମୀ ସରକାରୀ ସ୍ୱାସ୍ଥ୍ୟସେବା ଓ ଯୋଜନା ଜଣେ ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ଯାଇଥିବାରୁ ନିଜ ସମ୍ପ୍ରଦାୟର କିଛି ଲୋକଙ୍କ ପକ୍ଷରୁ ସାମାଜିକ ବାସନ୍ଦ ହେବା ସହ ୫ ହଜାର ଟଙ୍କା ଜରିମାନା ଓ ଧମକର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ସେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀ ଆଶାକର୍ମୀ ସୁନନ୍ଦିନୀ ମିଶାଲଙ୍କ କହିବାନୁସାରେ, ଗତ ୧୨ ଜୁନ ୨୦୨୬ରେ ସେ ଜିରାଙ୍ଗ ଖ୍ରୀଷ୍ଟିଆନ ସାହିରେ ବସବାସ କରୁଥିବା ଜଣେ




ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପରାମର୍ଶ ଦେବା ସହ ଓଆରଏସ୍ ପ୍ୟାକେଟ ପ୍ରଦାନ କରିଥିଲେ। ସେହି ସହିତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗଣନା କାର୍ଯ୍ୟକ୍ରମର ଅଦ୍ୟତନ ତଥ୍ୟ ସଂଗ୍ରହ କରିଥିଲେ। କିନ୍ତୁ ଏହି କାର୍ଯ୍ୟକୁ ନେଇ ତାଙ୍କ ସମ୍ପ୍ରଦାୟର କେତେକ ବ୍ୟକ୍ତି ଓ ମଣ୍ଡଳୀ ପକ୍ଷରୁ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯିବା ସହ ସମାଜରୁ ବହିଷ୍କାର କରାଯାଇଥିବା ଘୋଷଣା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସମ୍ପ୍ରଦାୟର କିଛି ଲୋକ ଏଭଳି ନିୟମ କରିଛନ୍ତି ଯେ, ଖ୍ରୀଷ୍ଟିଆନ ସାହିରେ ରହୁଥିବା ଅନ୍ୟଧର୍ମର ପରିବାରଙ୍କ ସହ କେହି ସମ୍ପର୍କ ରଖିଲେ କିମ୍ବା ସେମାନଙ୍କ ଘରକୁ ଗଲେ ୫ ହଜାର ଟଙ୍କା ଜରିମାନା ସହ ସାମାଜିକ ବାସନ୍ଦ କରାଯିବ। ଏପରିକି ଘଟଣାଦିନ ସନ୍ଧ୍ୟାରେ ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଡାକି ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜଣେ ଆଶାକର୍ମୀ ଭାବେ ସରକାରୀ ଯୋଜନା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ନିଜର କର୍ତ୍ତବ୍ୟ ହୋଇଥିବା ବେଳେ, ସେହି କର୍ତ୍ତବ୍ୟ ପାଳନ ପାଇଁ ଏଭଳି ହଟହଟା ଓ ସାମାଜିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିବାରୁ ସେ ପୋଲିସ ପ୍ରଶାସନଙ୍କ ହସ୍ତକ୍ଷେପ ଓ ଉପଯୁକ୍ତ ଆଇନଗତ ପଦକ୍ଷେପ ଦାବି କରିଛନ୍ତି। ତେବେ ଏନେଇ ସେ ରାୟଗଡ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଥିବାର ଜଣାଇଛନ୍ତି।



## ସାଇବର ଠକେଇରେ ମିଳିବ ତ୍ୱରିତ ନ୍ୟାୟ

# ଓଡ଼ିଶା ପୁଲିସର 'ଇ-ଜିରୋ ଏଫ୍‌ଆଇଆର୍' ଆରମ୍ଭ

### ୧୦ ଲକ୍ଷରୁ ଅଧିକ ଠକେଇ ହେଲେ ସ୍ୱୟଂଚାଳିତ ଭାବେ ମାମଲା ରୁଜୁ

କଟକ, ୮।୭(ସମିସ): ରାଜ୍ୟରେ ବଢ଼ି ଚାଲିଥିବା ସାଇବର ଠକେଇର ମୁକାବିଲା ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଦିଗରେ ଓଡ଼ିଶା ପୁଲିସ ଏକ ନୂତନ ବ୍ୟବସ୍ଥା ଆରମ୍ଭ କରିଛି। ସାଇବର ମାମଲାର ତ୍ୱରିତ ପଞ୍ଜୀକରଣ ଓ ଦ୍ରୁତ ତଦନ୍ତ ପାଇଁ ଆଜିଠାରୁ ରାଜ୍ୟରେ 'ଇ-ଜିରୋ ଏଫ୍‌ଆଇଆର୍' ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ କହିଥିଲେ, ସାଇବର ଅପରାଧର ମୁକାବିଲା ପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ସର୍ବାଧିକ ବ୍ୟବହାର କରି ନାଗରିକଙ୍କୁ ତ୍ୱରିତ ସେବା ପ୍ରଦାନ କରିବାକୁ ପୁଲିସ ପ୍ରତିବଦ୍ଧ। ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନ କରି ତୁରନ୍ତ ୧୯୩୦ରେ ଅଭିଯୋଗ କଲେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରିବ ଏବଂ ଠକେଇ ହୋଇଥିବା ଅର୍ଥ ଫେରିପାଇବାର ସମ୍ଭାବନା ମଧ୍ୟ ବଢ଼ିବ। ଡିଜିପି ଏହି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ, ଅପରାଧ ଶାଖା ଓ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।





ଏହି ନୂତନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ ଜାତୀୟ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦କୁ ସିସିଟିଏନଏସ ସହ ସମନ୍ୱୟ କରିଛି। ଯଦି କୌଣସି ବ୍ୟକ୍ତି ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇର ଶିକାର ହୁଅନ୍ତି, ତେବେ ସେ ତୁରନ୍ତ ୧୯୩୦ ହେଲ୍ପଲାଇନ୍ ନମ୍ବରରେ ଅଭିଯୋଗ କରିବେ। ସିସିଟିଏନଏସ ମାଧ୍ୟମରେ ଅଭିଯୋଗ ପଞ୍ଜିକୃତ ହେବା ମାତ୍ରେ ସ୍ୱୟଂଚାଳିତ ଭାବେ ଏକ ଇ-ଜିରୋ ଏଫଆଇଆର ପାଇଁ ଅନୁରୋଧ ସୃଷ୍ଟି ହେବ। ଏହି ଅନୁରୋଧ ତୁରନ୍ତ ଅପରାଧ ଶାଖା (କ୍ରାଇମବ୍ରାଞ୍ଚ)ର ସାଇବର ପୁଲିସ ଥାନାକୁ ସ୍ୱୟଂଚାଳିତ ଭାବେ ପଠାଯିବ। ପ୍ରାଥମିକ ଯାଞ୍ଚ ପରେ ସାଇବର ପୁଲିସ ଥାନା ନିୟମିତ ଏଫ୍‌ଆଇଆର୍ ପଞ୍ଜୀକରଣ କରି ଘଟଣାର ତ୍ୱରିତ ତଦନ୍ତ ଆରମ୍ଭ କରିବ। ପରିସ୍ଥିତି ଏବଂ ଆବଶ୍ୟକତା ଅନୁଯାୟୀ, ସାଇବର ପୁଲିସ ଥାନା ଏହି ମାମଲାକୁ ସମ୍ପୃକ୍ତ ସ୍ଥାନୀୟ ଥାନାକୁ ସ୍ଥାନାନ୍ତର କରିପାରିବେ। ପୂର୍ବରୁ ଥିବା କୌଣସି ମାମଲା ସହ ଯୋଡ଼ିପାରିବେ କିମ୍ବା ମାନଦଣ୍ଡ ପୂରଣ କରୁନଥିଲେ ଅଭିଯୋଗକୁ ବନ୍ଦ ମଧ୍ୟ କରିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଅଭିଯୋଗକାରୀମାନେ ଘରେ ବସି ନିଜ ମାମଲାର ଅଗ୍ରଗତି ବିଷୟରେ ସହଜରେ ସୂଚନା ପାଇପାରିବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ





ଭୁବନେଶ୍ୱର, ୮।୭(ସମିସ): କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ତଥା କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ଦିବସ ପାଳନ ଅବସରରେ ସଭାରେ ଇଞ୍ଜିନିଅର ସରୋଜ କୁମାର କିସାନ, ଅଧୀକ୍ଷକ ଇଞ୍ଜିନିଅର ତଥା ଡେପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଭରତ ଚନ୍ଦ୍ର ଯେନା, ଇଞ୍ଜିନିଅର ପ୍ରତୀକ୍ ସିଂ, ଭୁବନେଶ୍ୱର ଡିଭିଜନର ସରକାରୀ ବୈଦ୍ୟୁତିକ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧରେ ସବିଶେଷ ସତର୍କ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମ ପରିସରରେ ସଚେତନ ଶୋଭାଯାତ୍ରା ସହ ଶପଥ ପାଠ କରାଯାଇଥିଲା। ପରେ ପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଜୟଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

କଟକ,୮।୭(ସମିସ): ଦୁଇ ଜଣ ନାବାଳିକାଙ୍କୁ ଏସିଡ୍ ପକାଇବା ପାଇଁ ଧମକ ଦେବା ସହ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଛାଡି ସେମାନଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ବାଙ୍କୀ ଥାନା ଅଞ୍ଚଳର ଚିତ୍ତରଞ୍ଜନ ରାଉତ ଓରଫ ବଳିଆ(୨୬)କୁ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ୨୦ ବର୍ଷ ସଶ୍ରମ ଜେଲ୍ ଓ ୩୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ରାଶି ଅନାଦେୟ ଦୋଷୀକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ। ଏଥିସହିତ ଦୁଇ ନାବାଳିକା ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଦୁଇ ସଂପର୍କୀୟ ନାବାଳିକା ପୀଡିତାଙ୍କ ଆପତ୍ତିଜନ ଫଟୋ ଉଠାଇ ମଧ୍ୟ ଚିତ୍ତରଞ୍ଜନ ନିୟମିତ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଚିତ୍ତରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ପରିବହନ ବିଭାଗକୁ ଭୁଲ୍ ତଥ୍ୟ ଚିନ୍ତା

# କଡ଼ାକଡ଼ି ଯାଞ୍ଚ ହେବ ଆବେଦକଙ୍କ ତଥ୍ୟ

ଭୁବନେଶ୍ୱର,୮।୭(ସମିସ): ଗାଡ଼ି ପଞ୍ଜୀକରଣ (ଆରସି), ମାଲିକାନା ପରିବର୍ତ୍ତନ, ଠିକଣା ପରିବର୍ତ୍ତନ ଏବଂ ଡ୍ରାଇଭିଂ ଲାଇସେନ୍ସ ସମ୍ବନ୍ଧୀୟ ସମସ୍ତ ଆବେଦନରେ ପରିଚୟ, ଠିକଣା ଓ କ୍ଷେତ୍ର ଆଦିର କଡ଼ା ଯାଞ୍ଚ କରାଯିବ। ଏନେଇ ରାଜ୍ୟ ପରିବହନ କମିଶନର ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓଙ୍କୁ ଚିଠି ଲେଖି ନିୟମ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଅପଲୋଡ୍ ହୋଇଥିବା ତଥ୍ୟ ଆଧାରରେ ଆବେଦନ ଅନୁମୋଦନ ନ କରି ନାମ, ଠିକଣା, ପରିଚୟପତ୍ର କିମ୍ବା ଅନ୍ୟ କୌଣସି ତଥ୍ୟରେ ଅସଙ୍ଗତି ଥିଲେ ଆବେଦନକୁ ଅସ୍ୱୀକାର କିମ୍ବା ଅପେକ୍ଷାମାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ଦେହଜନକ କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ଉପରେ ଅଧିକ ଯାଞ୍ଚ କରାଯିବ ଏବଂ ଆବଶ୍ୟକ ହେଲେ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଭାଗ କହିଛି ଯେ, ଏପରି ଅଯଥା ଅନୁମୋଦନ ଯୋଗୁଁ ଭବିଷ୍ୟତରେ ଟ୍ୟାକ୍ସ ଆଦାୟ, ନୋଟିସ୍ ପ୍ରଦାନ, ଦୁର୍ଘଟଣା ତଦନ୍ତ ଏବଂ ଦାୟିତ୍ୱ ନିର୍ଦ୍ଧାରଣରେ ବଡ଼ ଜଟିଳତା ସୃଷ୍ଟି ହେଉଛି। ସମ୍ପ୍ରତି ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲାରେ ଏଭଳି ଘଟଣା ସାମନାକୁ ଆସିଛି। କେବଳ ସ୍ୱ ଘୋଷଣାନାମା ଏବଂ ଭୁଲ ଠିକଣା ଆଧାରରେ ମାଲିକାନା ହସ୍ତାନ୍ତରଣ କରାଯାଇଥିଲା। ପରେ ନୋଟିସ୍ ଫେରି ଆସିଥିଲା ଏବଂ ଯାନଟି ଅବୈଧ ଅବସ୍ଥାରେ ଚଳାଚଳ କରୁଥିବା ବେଳେ ଦୁର୍ଘଟଣାରେ ପଡ଼ି ଜୀବନ ହାନି ହୋଇଥିଲା। ଏଭଳି ଘଟଣାକୁ ଏଡ଼ାଇବା ପାଇଁ ବିଭାଗ ଏହି ପଦକ୍ଷେପ ନେଇଛି।

ଏହି ନିର୍ଦ୍ଦେଶ ଉଲ୍ଲଂଘନ କରୁଥିବା ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପରିବହନ କମିଶନର ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହାସହ ଆବେଦକମାନେ ସଠିକ୍ ତଥ୍ୟ ଓ ମୂଳ ଦସ୍ତାବେଜ ଦାଖଲ କରିବାକୁ ଅନୁରୋଧ କରାଯାଇଛି। ମୋଟର ଯାନ ଆଇନ୍ ୧୯୮୮ ଏବଂ ଓଡ଼ିଶା ମୋଟର ଯାନ ଟ୍ୟାକ୍ସେସନ୍ ଆଇନ୍ ୧୯୭୫ର ବିଭିନ୍ନ ଧାରା ଉଲ୍ଲେଖ କରି ବିଭାଗ ସମସ୍ତ ଅଧିକାରୀଙ୍କୁ ଠିକଣା, ପରିଚୟ ଏବଂ ଅଧିକାର କ୍ଷେତ୍ରର ଯଥାଯଥ ଯାଞ୍ଚ କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ସର୍କୁଲାର୍ ପରେ ସମସ୍ତ ପରିବହନ କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ ଆହୁରି କଡ଼ା ହେବ ବୋଲି ଜଣାପଡ଼ିଛି।

## ଉମାକାନ୍ତ ମହାପାତ୍ରଙ୍କ 'ଗାଲିବ୍'ର ପାଠକାର୍ପଣ





ଭୁବନେଶ୍ୱର, ୮।୭(ସମିସ): ଭାରତୀୟ ବିଦ୍ୟାଭବନଠାରେ ୟୁଏ କଥାଚିତ୍ର ପ୍ରାଇଭେଟ୍ ଲିମିଟ୍ ଆୟୋଜିତ ବ୍ଲାକ୍ ଇଗଲ ବୁକ୍ସ ପ୍ରକାଶିତ ଉମାକାନ୍ତ ମହାପାତ୍ରଙ୍କ ଅନୁବାଦ ପୁସ୍ତକ 'ଗାଲିବ୍'ର ପାଠକାର୍ପଣ ହୋଇଯାଇଛି। ଏହି ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ଅଧିକାରୀ ମିହିର ସାହୁ ସଭାପତିତ୍ୱ କରି କହିଥିଲେ, ଉମାକାନ୍ତ ମହାପାତ୍ର ବିଳମ୍ବରେ ସାହିତ୍ୟ ଲେଖାଲେଖି ଆରମ୍ଭ କରିଥିଲେ ମଧ୍ୟ ତାଙ୍କର ଦାର୍ଶନିକ ଚିନ୍ତାଧାରା ଓ ବିଭିନ୍ନ ଭାଷାରୁ ସେ ଅନୁବାଦ କରି ନିଜର ଦକ୍ଷତାର ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶଙ୍କରନାରାୟଣ ମଲ୍ଲିକ ଗାଲିବ୍‌ଙ୍କ ଗଜଲ ବିଷୟରେ ନିଜର ମତ ରଖି କହିଥିଲେ ଯେ, ଗାଲିବ୍‌ଙ୍କ ପାଇଁ କିପରି ଉର୍ଦ୍ଦୁ ସାହିତ୍ୟ ବହୁ ଉର୍ଦ୍ଧ୍ୱକୁ ଯାଇପାରିଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଆଦ୍ୟାଶା ଦାସ ନିଜର ମତ ରଖିବା ସହିତ ଦୁଇଟି ଗଜଲ ଗାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗୀତ ଶିଳ୍ପୀ ଦେବାଶିଷ ମହାପାତ୍ର ଉମାକାନ୍ତ ମହାପାତ୍ରଙ୍କ ସାନ ଭଉଣୀ ଲେଖିକା ଇନ୍ଦିରାଦାଶନିଜଭାଇଙ୍କରପାଠପଢ଼ାଠାରୁଆରମ୍ଭକରିଚାକିରିଜୀବନଓଉର୍ଦ୍ଦୁଶିକ୍ଷାବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବ୍ଲାକ୍ ଇଗଲ ବୁକ୍ସର ଭାରତ ପ୍ରତିନିଧି ଅଶୋକ ପରିଡ଼ା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣ୍ୟତିଥିରେ ପଣ୍ଡିତ ନିରଞ୍ଜନ ରଥଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୮।୭(ସମିସ): ପୂଜ୍ୟପୂଜା ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ଖଣ୍ଡଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଓ ନୀଳାଦ୍ରିବିହାରସ୍ଥ ଶୋଭନୀୟଶିକ୍ଷାଶ୍ରମବିଦ୍ୟାଳୟପରିସରରେପଣ୍ଡିତ ନିରଞ୍ଜନ ରଥଙ୍କ ପୁଣ୍ୟତିଥି ଅବସରରେ 'ବିଦ୍ୟାଳୟ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନିରଞ୍ଜନ ରଥଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍କଳମଣି ଯେଭଳି ସମ୍ବାଦପତ୍ରକୁ ସମାଜ ସଂସ୍କାର ଏବଂ ଶେଷ ଧାଡ଼ିରେ ଥିବା ମଣିଷର ସ୍ୱର ଭାବେ ବ୍ୟବହାର କରିଥିଲେ, ଠିକ୍ ସେହିପରି ପଣ୍ଡିତ ନିରଞ୍ଜନ ରଥ ରାଜ୍ୟର ପ୍ରତିଷ୍ଠିତ ଖବରକାଗଜରେ ପରିଚାଳକ ଓ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଗୋପବନ୍ଧୁଙ୍କ ସେହି ମହାନ ସ୍ୱପ୍ନ ଓ ମୂଲ୍ୟବୋଧକୁ ସାକାର କରିବା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ।

## 'ଜନତାର ସେବକ:ଗୋପବନ୍ଧୁ' ଆଲୋଚନାଚକ୍ର



ଭୁବନେଶ୍ୱର, ୮।୭(ସମିସ): ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସର ଅବ୍ୟବହିତ ପୂର୍ବରୁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ 'ଜନତାର ସେବକ ଗୋପବନ୍ଧୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁଙ୍କ ଦୀନ, ଦରିଦ୍ର ତଥା ପ୍ରପୀଡ଼ିତଙ୍କ ସେବା, ଦେଶପ୍ରେମ, ଭାଷା ପ୍ରୀତି, ସତ୍ୟବାଦୀ ବନ ବିଦ୍ୟାଳୟର ମହନୀୟତା ତଥା ତାଙ୍କର ଦରଦୀ ହୃଦୟ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଆଲୋଚନାରେ ନ୍ୟାସୀ ମଣ୍ଡଳ ପକ୍ଷରୁ ଆରତି କର, କୈଳାଶ ଚନ୍ଦ୍ର ରଥ, ବିରଜା ପ୍ରସାଦ ଶତପଥୀ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶ, ଶିକ୍ଷକ ହେମନ୍ତ କୁମାର ଭୂୟାଁଙ୍କ ସମେତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପରାମର୍ଶ କ୍ରମେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆରତି କରଙ୍କ ରଚିତ ପୁଣ୍ୟାତ୍ମା ଗୋପବନ୍ଧୁ ପୁସ୍ତକ ଛାତ୍ରଛାତ୍ରୀଙ୍କୁ ବିତରଣ କରାଯାଇଥିଲା।

# ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ ବ୍ୟାପକ ଯାଞ୍ଚ ସମ୍ପନ୍ନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

## ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବୈଠକ

ଭୁବନେଶ୍ୱର,୮।୭(ସମିସ):ଲୋକସେବା ଭବନ ସ୍ଥିତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତା କରି କହିଛନ୍ତି, ରାଜ୍ୟରେ ଉଚ୍ଚମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ ବ୍ୟାପକ ଯାଞ୍ଚ ଶୀଘ୍ର ସମ୍ପନ୍ନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ମଧ୍ୟ ଏହି ଯାଞ୍ଚ ଦଳର ସଦସ୍ୟ ଭାବେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ସେମାନଙ୍କର ଯାଞ୍ଚ ରିପୋର୍ଟ ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମଇଟି), ଓଡ଼ିଶାଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ଅନିୟମିତତା ଦେଖାଗଲେ, ସେହି ତ୍ରୁଟିପୂର୍ଣ୍ଣ ଅନୁଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଡ. ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷା ଦିନ ଏବଂ ରଥଯାତ୍ରା ସମୟରେ ଜଳବାହିତ ଓ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ୁଥିବାରୁ 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ' ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ଡାଇରିଆ, ଡେଙ୍ଗୁ, ଚିକେନଗୁନିଆ, ମ୍ୟାଲେରିଆ ଆଦି ସମ୍ବନ୍ଧରେ ଜନ ସଚେତନତା ବିଷୟରେ ସମୀକ୍ଷା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ବିଭାଗର ସମସ୍ତ ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

## ୧୨୩ ବର୍ଷର ପୁରାତନ ଭଗବତ ଗୃହରେ ଶ୍ରୀ ରାଧାକୃଷ୍ଣଙ୍କ ପ୍ରାଣ ପ୍ରତିଷ୍ଠା

ଭୁବନେଶ୍ୱର, ୮।୭(ସମିସ): ଭୁବନେଶ୍ୱରର ୬୭ ନମ୍ବର ୱାର୍ଡ ଅନ୍ତର୍ଗତ କପିଳପ୍ରସାଦ ଉପର ସାହିରେ ୧୨୩ ବର୍ଷର ପୁରାତନ ଭଗବତ ଗୃହର ପୁନଃନିର୍ମାଣ ପରେ ନୂତନ ବିଗ୍ରହ ସ୍ଥାପନ ସହ ଶ୍ରୀ ରାଧାକୃଷ୍ଣଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ପ୍ରମୋଦ ନାରାୟଣ ଦାସ ଓ କାଜଲ କିରଣ ମିଶ୍ର ପୁରୋଧା ଭାବେ ଦାୟିତ୍ୱ ତୁଲାଇଥିବାବେଳେ ପଣ୍ଡିତ ହରିହର ଦାସ, ସୁରପ୍ରସାଦ ଦାସ, ଦୀପକ ବାହିନୀପତି, ଲିମଣି ମିଶ୍ରଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି।



**● ଯୋଗାଣ ମନ୍ତ୍ରୀଙ୍କ କୋଲକାତା ଗସ୍ତ**

## ଆଳୁ ଯୋଗାଣ ଶୃଙ୍ଖଳ ବଜାୟ ରଖିବାକୁ ପ୍ରତିଶ୍ରୁତି ଦେଲେ ସ୍ଥାନୀୟ ମନ୍ତ୍ରୀ

ଭୁବନେଶ୍ୱର,୮।୭(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଦୁଇ ଦିନିଆ କୋଲକାତା ଗସ୍ତ କରିଛନ୍ତି। ବୁଧବାର ଅପରାହ୍ନରେ କୋଲକାତାସ୍ଥିତ ଖାଦ୍ୟ ଭବନରେ ପଶ୍ଚିମବଙ୍ଗ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆଙ୍କୁ ଭେଟି ସେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଉଭୟ ରାଜ୍ୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମନ୍ୱୟ ରକ୍ଷାକରି ଦୁଇ ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ। ଆଳୁ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଏବଂ ଏ ଦିଗରେ ସମୁଚିତ ପଦକ୍ଷେପ ଗ୍ରହଣ କରିବା ନେଇ ମନ୍ତ୍ରୀ ଶ୍ରୀ କୀର୍ତ୍ତନିଆ ପ୍ରତିଶୃତି ଦେଇଛନ୍ତି। ଏଥିନିମନ୍ତେ ସମସ୍ତ ସହଯୋଗ ଜାରି ରହିବ ବୋଲି ଆଲୋଚନା ବେଳେ ସେ କହିଛନ୍ତି। ପୂର୍ବ ସରକାର ଖାଦ୍ୟ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଓଡିଶା ପ୍ରତି ଯେଉଁ ବୈମାତୃକ ମନୋଭାବ ପୋଷଣ କରିଥିଲେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ସେ କହିଛନ୍ତି। ଓଡିଶାରେ ବିଭିନ୍ନ ଜନକଲ୍ୟାଣ ଦିଗରେ ରାଜ୍ୟ ସରକାର କାର୍ଯ୍ୟକରୁଥିବା ନେଇ ଓଡିଶା ସରକାରଙ୍କୁ ପଶ୍ଚିମବଙ୍ଗ ମନ୍ତ୍ରୀ ଭୂୟଶୀ ପ୍ରଶଂସା କରିଛନ୍ତି। ଉଭୟ ଓଡିଶା ଓ ପଶ୍ଚିମବଙ୍ଗ ସରକାର ଦୁଇ ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟକରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମକୁ ଆଗକୁ ନେଉଥିବା ନେଇ ଦୁଇ ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ।



## ଶହୀଦ ଭବନରେ ପାଳିତ ହେଲା କଟକ ମହାନଗର ନିଗମର ୧୫୦ ବର୍ଷ ପୂର୍ତ୍ତି ସମାରୋହ

# କଟକର ବିକାଶ ପାଇଁ ୫୦୦ କୋଟି ଟଙ୍କା ପ୍ରକଳ୍ପର ପ୍ରସ୍ତାବ

କଟକ, ୮।୭(ସମିସ): ମହାନଦୀ ଓ କାଠଯୋଡ଼ି ନଦୀ ମଧ୍ୟରେ ଏକ ସୁନ୍ଦର ସହର। ହଜାର ବର୍ଷର ଐତିହ୍ୟ ବହନ କରୁଥିବା ଏହି ସହର ରାଜ୍ୟର କଳା ଓ ସଂସ୍କୃତିର ପ୍ରତୀକ। କଟକର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇବା ପାଇଁ ରାଜ୍ୟ ସରକାର ବିଶେଷ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ କଟକକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ବହୁବିଧ କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବ ବୋଲି କହିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ସ୍ଥାନୀୟ ଶହୀଦ ଭବନରେ ଆୟୋଜିତ କଟକ ମହାନଗର ନିଗମର ୧୫୦ ବର୍ଷ ପୂର୍ତ୍ତି ଉଦଘାଟନୀ ଉତ୍ସବକୁ ମନ୍ତ୍ରୀ ଡାକ୍ତର ମହାପାତ୍ର ଉଦଘାଟନ କରିଥିଲେ। ମହାନଗର ନିଗମର ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କମିସନର ସୁଶ୍ରୀ କୀରନଦୀପ୍ କୌର ସହୋତା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ।

**■ ବର୍ଷସାରା ପାଳନ ହେବ କେଏମ୍‌ସିର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ**

ମେୟର ଶ୍ରୀ ସିଂହ କଟକ ମହାନଗର ନିଗମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ପାଖରେ ୫୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ପ୍ରସ୍ତାବ ରଖିଥିଲେ। ଏଥିରେ କଟକ ମହାନଗର ନିଗମର ନୂଆ କାର୍ଯ୍ୟାଳୟ, ୩ଟି ଜୋନାଲ ଅଫିସ, ବିଜୁ ପଟ୍ଟନାୟକ ପାର୍କ ନିକଟରେ ୨୦୦୦ କ୍ଷମତା ବିଶିଷ୍ଟ ଅଡିଟୋରିୟମ, ବସ୍ତି ଲୋକଙ୍କ ଥଇଥାନ ପାଇଁ ୧୦ଟି ନୂଆ କୋଠା, ୫ଟି ସ୍ମାର୍ଟ ପାର୍କ, ୩ଟି ନୂଆ ମାର୍କେଟ୍ କଂପ୍ଲେକ୍ସ, ୩ଟି ନୂଆ କଲ୍ୟାଣ ମଣ୍ଡପ, ବୁଲା ଗୋରୁ-ଗାଈଙ୍କ ପାଇଁ ଆଶ୍ରୟସ୍ଥଳ, ୨ଟି ସ୍ଥାୟୀ ଗେଟ୍, ବର୍ଷ ବ୍ୟାପୀ ବିଭିନ୍ନ ୱାର୍ଡରେ ହେବାକୁ ଥିବା ୧୫୦ ବର୍ଷ ପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମ, ୨୦ଟି ସ୍ଥାନରେ ୱାଟର କିଓସ୍କ, ନୂଆ ଟାଉନହଲ, କେଏମସିର ପୁରୁଣା କୋଠାକୁ ଐତିହ୍ୟ କୋଠା ଭାବେ ଉନ୍ନତିକରଣ ପ୍ରଭୃତି ଅନୁମୋଦନକୁ ମିଶାଇ ମୋଟ୍ ୫୧୬ କୋଟି ଟଙ୍କାର ପ୍ରସ୍ତାବ ରାଜ୍ୟ ସରକାରଙ୍କ ପାଖରେ ରଖିଥିଲେ।





କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋଷ ଏହି ସମାରୋହରେ ସମ୍ମାନିତ ଅତିଥିଭାବେହଜାରେ ବର୍ଷର କଟକର ପୂର୍ବତନ ଜନପ୍ରତିନିଧିଙ୍କର ନିଷ୍ଠା ଓ କାର୍ଯ୍ୟକଳାପକୁ ସମ୍ମାନ ଜଣାଇବା ସହ କଟକ ପାଇଁ ସରକାର ଅଧିକ ଅନୁଦାନ ଦେବା ଏବଂ ସହରବାସୀଙ୍କ ସୁବିଧା ପାଇଁ କିଛି ନୂଆ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। କେଏମସିର ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ନିଜର ଅଭିଭାଷଣରେ ମହାନଗର ନିଗମର ୧୫୦ ବର୍ଷର ଗୌରବମୟ ଯାତ୍ରା ଉପରେ ଆଲୋକପାତ କରିଥିଲେ। କେଏମସିର କମିସନର ସୁଶ୍ରୀ କୀରନଦୀପ୍ କୌର ସହୋତା ପ୍ରାରମ୍ଭିକ ଅଭିଭାଷଣରେ କଟକ ପୌର ପ୍ରଶାସନ ଆଜି ଏକ ସଶକ୍ତ, ଆଧୁନିକ ଏବଂ ଜନମୁଖୀ ମହାନଗର ନିଗମରେ ପରିଣତ ହୋଇଛି। ଏହି ଦୀର୍ଘ ଯାତ୍ରା କେବଳ ସମୟର ନୁହେଁ, ବରଂ ସେବା, ସଂଘର୍ଷ, ସମର୍ପଣ ଏବଂ ନିରନ୍ତର ବିକାଶର ଏକ ପ୍ରେରଣାଦାୟକ ଇତିହାସ ବୋଲି କହିଥିଲେ। କଟକ କେବଳ ଓଡ଼ିଶାର ପୂର୍ବତନ ରାଜଧାନୀ ନୁହେଁ ବରଂ ଏହା ଆମ ସଂସ୍କୃତି, ଶିକ୍ଷା, ନ୍ୟାୟ ବ୍ୟବସ୍ଥା, ବାଣିଜ୍ୟ ଓ ସାମାଜିକ ଚେତନାର ଏକ ଐତିହାସିକ କେନ୍ଦ୍ର। ଆଗାମୀ ପିଢ଼ି ପାଇଁ ଏକ ଉନ୍ନତ, ସୁନ୍ଦର ଓ ସମୃଦ୍ଧ କଟକ ଗଢ଼ିବା ଦିଗରେ ସମସ୍ତେ କାମ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ କଟକ ମହାନଗର ନିଗମର ୧୨ ଜଣ ପୂର୍ବତନ ମେୟର, ଡେପୁଟି ମେୟର, ପୂର୍ବତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପ୍ରମୁଖଙ୍କୁ ବିଶେଷ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ମହାନଗର ନିଗମର ସମସ୍ତ ୫୯ ଜଣ କର୍ପୋରେଟରମାନଙ୍କୁ ସମ୍ମାନିତ କରାଯାଇଥିଲା। ସରକାରଙ୍କ 'ଗରିମା' ଯୋଜନାରେ କାର୍ଯ୍ୟରତ ୬ଜଣ କୋର୍ ସାନିଟେସନ ୱାର୍କରଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା। ଏହାପରେ ବାରବାଟୀ ଫୁଡ୍ କୋର୍ଟ ହିତାଧିକାରୀଙ୍କୁ ଦୋକାନଘର ଚାବି ବଣ୍ଟନ କରାଯାଇଥିଲା। କେଏମସିର ଶିକ୍ଷା ଓ ଚିତ୍ତବିନୋଦନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ମୋନାଲିସା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା।

## ଭୁବନେଶ୍ୱର ସିଟି



## ଲଭ୍-ସେକ୍ସ୍-ଧୋକା

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ପ୍ରେମିକ ଗିରଫ

ଭୁବନେଶ୍ୱର, ୮।୭ (ସମିସ)

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବଡ଼ମ୍ବା ଥାନା ଭଗବତପୁରର ବାବୁଲା ମାଟିଆ (୨୮)।

ପୁଲିସ ସୂଚନାନୁସାରେ, ରାଜଧାନୀରେ ରହୁଥିବା ଜଣେ ଯୁବତୀ ଏକ ଜିମକୁ ଯାଉଥିବା ବେଳେ ବାବୁଲା ସହ ତାଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବାବୁଲା ତାଙ୍କୁ ପ୍ରେମ ନିବେଦନ କରିବା ପରେ ଯୁବତୀ ଜଣକ ତା'ର ଜାଲରେ ପଡ଼ିଥିଲେ। ଖାଲି ପ୍ରେମ ନିବେଦନ କରିନଥିଲା, ବରଂ ବିବାହ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ବିବାହ ଆଳରେ ଯୁବତୀଙ୍କୁ ବିଭିନ୍ନ ହୋଟେଲକୁ ନେଇଥିଲା। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ଯୁବତୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିଲା। ହେଲେ ଯୁବତୀ ଜଣକ ବିବାହ କରିବାକୁ କହିବାରୁ ବାବୁଲା ଧରାଛୁଆଁ ଦେଇନଥିଲା। ପରବର୍ତ୍ତୀ ସମୟରେ ବିବାହ କରିବ ନାହିଁ ବୋଲି ରୋକ୍ ଠୋକ୍ ମନା କରି ଦେଇଥିଲା। ଏମିତିକି ନେଇଥିବା ଟଙ୍କା ଫେରାଇବାକୁ ମଧ୍ୟ ରାଜି ହୋଇନଥିଲା। ଶେଷରେ ଯୁବତୀ ଜଣକ ମହିଳା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ଅଜା ବାବୁଲାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ପ୍ରେମିକାର ଗର୍ଭନଷ୍ଟ କରି ପ୍ରେମିକ ଗିରଫ

ପ୍ରଥମେ ପ୍ରେମ ଓ ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଲା। ଖାଲି ପ୍ରତିଶ୍ରୁତି ଦେଲା ନାହିଁ, ସେଇ ଆଳରେ ଶାରୀରିକ ସମ୍ପର୍କ ମଧ୍ୟ ରଖିଲା। ହେଲେ ମହିଳା ଜଣକ ଗର୍ଭବତୀ ହେବାପରେ ବିବାହ କରିବାକୁ ମନା କରିଦେଲା। ଏମିତିକି ମହିଳାଙ୍କ ଇଚ୍ଛା ବିରୋଧରେ ଔଷଧ ଦେଇ ଗର୍ଭପାତ କରିଦେଲା। ରାଜଧାନୀରେ ଘଟିଥିବା ଏହି ଘଟଣାରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ବାଲିବରେଇ ଗାଁର ଦିବ୍ୟେନ୍ଦୁ କୁମାର ଥାଟୋଇ (୪୩)।

ପୁଲିସ ସୂଚନାନୁଯାୟୀ, ଜଣେ ମହିଳା ସାମାଜିକ ଗଣମାଧ୍ୟମ ଜରିଆରେ ଦିବ୍ୟେନ୍ଦୁ ସହ ପରିଚିତ ହୋଇଥିଲେ। ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ଦିବ୍ୟେନ୍ଦୁ ମଧ୍ୟ ମହିଳାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଦିନ ଗଡ଼ିବା ସହ ପରସ୍ପରଙ୍କ ମଧ୍ୟରେ ସମ୍ପର୍କ ମଜବୁତ ହେଲା। ଦିବ୍ୟେନ୍ଦୁ ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା। ବାରମ୍ବାର ଶାରିରୀକ ସମ୍ପର୍କ ରଖିବା ଦ୍ୱାରା ମହିଳା ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଗର୍ଭବତୀ ହେବାପରେ ଘଟଣା ସମ୍ପର୍କରେ ଦିବ୍ୟେନ୍ଦୁକୁ ଜଣାଇଥିଲେ। ଏହାସହିତ କେବେ ବିବାହ କରିବ ବୋଲି ପଚାରିଥିଲେ। ହେଲେ ସେବେଠାରୁ ଦିବ୍ୟେନ୍ଦୁ ତାଙ୍କ ଠାରୁ ଦୂରେଇ ଯିବାକୁ ଚେଷ୍ଟା କରିଥିଲା। ଏହାସହିତ ମହିଳାଙ୍କୁ ଔଷଧ ଦେଇ ଗର୍ଭପାତ କରି ଦେଇଥିଲା। ଗର୍ଭ ନଷ୍ଟ ହେବାପରେ ଆଉ ବିବାହ କରିବ ନାହିଁ ବୋଲି ମନା କରି ଦେଇଥିଲା। ଏମିତିକି ମହିଳାଙ୍କ ସହ ସମ୍ପର୍କ ଛିନ୍ନ କରି ଦେଇଥିଲା। ପୀଡ଼ିତା ଜଣକ ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଦ୍ୱିବେନ୍ଦୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅଦରକାରୀ ସାମଗ୍ରୀକୁ ଦିବ୍ୟାଙ୍ଗ ଦେଉଛନ୍ତି ନୂଆରୂପ

ଭୁବନେଶ୍ୱର, ୮।୭(ସମିସ): ଇଚ୍ଛାଶକ୍ତି ଥିଲେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଶାରିରୀକ ଅକ୍ଷମତା କେବେ କି ପ୍ରତିବନ୍ଧକ ହୋଇ ନପାରେ ବୋଲି ପ୍ରମାଣିତ କରିଛନ୍ତି ଇପ୍‌ସିତା ବାରିକ୍। ପିଲାଦିନରୁ ସେ ସଳଖି ଛିଡ଼ା ହୋଇପାରନ୍ତିନି। କିନ୍ତୁ ତାଙ୍କ ହାତର ସ୍ପର୍ଶରେ ଜୀବନ୍ତ ହୋଇଉଠେ ଅଦରକାରୀ ଜିନିଷ। ଆମେ ଫିଙ୍ଗି ଦେଉଥିବା ବିଭିନ୍ନ ବର୍ଜ୍ୟବସ୍ତୁକୁ ସେ ସାଇତି ରଖି ତାହାକୁ କେବଳ ନୂଆ ରୂପ ଦେଇନାହାନ୍ତି ବରଂ ଏହା ତାଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିଛି। ଆତ୍ମନିର୍ଭରଶୀଳ ହେବାର ତାଙ୍କର ଅଦ୍ୟମ ଇଚ୍ଛାଶକ୍ତି କେବଳ ଇପ୍‌ସିତାଙ୍କ ପାଇଁ ନୁହେଁ ବରଂ ପ୍ରତ୍ୟେକ ଦିବ୍ୟାଙ୍ଗ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।



ଅନୁଗୋଳ ଜିଲ୍ଲାରେ ଇପ୍‌ସିତାଙ୍କ ଘର। ବାପା ସ୍ଥାନୀୟ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଇପ୍‌ସିତା ପିଲାଦିନରୁ ଦିବ୍ୟାଙ୍ଗ ହୋଇଥିବାରୁ ଝିଅର ଭବିଷ୍ୟତକୁ ନେଇ ପରିବାର ଲୋକେ ଚିନ୍ତାରେ ଥିଲେ। ଗାଁ ସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଅନୁଗୋଳ ମହିଳା ମହାବିଦ୍ୟାଳୟରୁ +୨ ପାସ୍ କରିଥିଲେ ଇପସିତା। ଆଗକୁ ପଢ଼ିବାର ଇଚ୍ଛା ଥିଲେ ବି ବାପାଙ୍କ ସ୍ୱଳ୍ପ ରୋଜଗାରରେ ସାନ ଭାଇର ପାଠପଢ଼ାରେ ଯେମିତି କୌଣସି ଅସୁବିଧା ନହେବ ସେଥିପାଇଁ ନିଜ ପାଠ ପଢ଼ାରେ ଡୋରୀ ବାନ୍ଧିଥିଲେ। ବାପାଙ୍କୁ ଆର୍ଥିକ କ୍ଷେତ୍ରରେ ସହଯୋଗ କରିବାକୁ ସେ ଆରମ୍ଭ କରିଥିଲେ ବିଭିନ୍ନ କ୍ରାଫ୍ଟ ଡିଜାଇନ୍। ବିନା ପ୍ରଶିକ୍ଷଣରେ ନିଜ ଘରୁ ବାହାରୁଥିବା ବିଭିନ୍ନ ଅଦରକାରୀ ଜିନିଷ ଯଥା, ପ୍ଲାଷ୍ଟିକ ବୋତଲ, ଧୂପକାଠି ଖୋଳ, ନଡ଼ିଆ ସଢ଼େଇ, ପଲିଥିନ୍, ଅଦରକାରୀ କାଗଜରୁ ତିଆରି କଲେ ଭଳି କି ଭଳି ଘରସଜ୍ଜା ଜିନିଷ। ଯାହାକୁ ଦେଖି ସ୍ଥାନୀୟ ଲୋକେ ତାଙ୍କୁ ବ୍ୟବସାୟ କରିବାକୁ ପ୍ରେରଣା ଦେଇଥିଲେ। ୪ବର୍ଷ ହେବ ଇପସିତା ଜନ୍ମଦିନ, ବିବାହବାର୍ଷିକୀ ସମେତ ପର୍ବପର୍ବାଣୀରେ ଗ୍ରାହକଙ୍କ ବରାଦ ମୁତାବକ ଉପହାର ପ୍ରସ୍ତୁତ କରନ୍ତି। ସେ ଜଗନ୍ନାଥଙ୍କ ଆକର୍ଷଣୀୟ ଚିତ୍ରଆଙ୍କି ସମସ୍ତଙ୍କୁ ଚକିତ କରିଛନ୍ତି। ଯାହାକି ଅଦରକାରୀ କାର୍ଡବୋର୍ଡରେ ନିର୍ମିତ ହୋଇଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଇପ୍‌ସିତାଙ୍କ କାରୁକାର୍ଯ୍ୟ। ତେବେ କେବଳ ଜଣେ ଶାରିରୀକ ଭାବେ ସକ୍ଷମ ହେଲେ ଯେ ସଫଳତା ଓ ଆତ୍ମନିର୍ଭରଶୀଳ ହୋଇପାରିବ ତାହା ନୁହେଁ ବରଂ ସଂଘର୍ଷ ହିଁ ସଫଳତାର ଚାବିକାଠି ବୋଲି କହିଛନ୍ତି ଇପସିତା।

# ଝାରପଡ଼ା ଜେଲ୍‌ରେ କଏଦୀଙ୍କୁ ସାପ କାମୁଡ଼ିଲା

● କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର, ୮।୭ (ସମିସ): ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଅଘଟଣ ଘଟିଛି। ସଫାସୁତୁରା କରୁଥିବା ବେଳେ କଏଦୀଙ୍କୁ ସାପ କାମୁଡ଼ି ଦେଇଛି। ହତ୍ୟା ମାମଲାରେ ସଜା କାଟୁଥିବା ହରିଆ ଦଳାଇ (୫୬) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ହରିଆ ଦୀର୍ଘବର୍ଷ ହେବ ହତ୍ୟା ମାମଲାରେ ଝାରପଡ଼ା ଜେଲରେ ସଜା କାଟୁଛନ୍ତି। ସେ ବୁଧବାର ସକାଳେ ଗଛଲତା ସଫା କରୁଥିବାବେଳେ ହଠାତ୍ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଜେଲ୍ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ଯୋଗାଇବା ପରେ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀ ନା ସରୀସୃପଙ୍କ ବାସସ୍ଥଳୀ

ବାଲିଅନ୍ତା, ୮।୭(ସମିସ): ବାଲିଅନ୍ତା ବ୍ଲକ ସାହେବନଗର ବାତ୍ୟା ଆଶ୍ରୟସ୍ଥଳୀ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗାଁ ଭିତରେ ବିପଜ୍ଜକ ଅବସ୍ଥାରେ ରହିଥିବା ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଜୀବନ କ୍ଷୟକ୍ଷତିର ଆଶଙ୍କା ରହିଛି। ସ୍ଥାନୀୟ ଲୋକମାନେ ଆଶ୍ରୟସ୍ଥଳୀ ମରାମତି ସମ୍ପର୍କରେ ବିଧାୟକଙ୍କ ଠାରୁ ଆରମ୍ଭ କରି, ବିଡ଼ିଓ, ଗ୍ରାମ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଏବଂ ଜିଲ୍ଲାପାଳଙ୍କୁ ଅନେକ ବାର ଜଣାଇ ସାରିଲେଣି। ହେଲେ କୌଣସି ଅଧିକାରୀ ଅଥବା ଜନ ପ୍ରତିନିଧି କେହି ଆଶ୍ରୟସ୍ଥଳୀ ମରାମତି ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଭଙ୍ଗା ବାତ୍ୟା ଆଶ୍ରୟସ୍ଥଳୀ ଏବେ ନାନାଦି ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନାବନା ଘାସଲତା ମାଡ଼ି ଗଲାଣି। କାନ୍ଥବାଡ଼ ଫାଟରେ ଗଛ ଉଠିଲାଣି। ଏକ ପକ୍ଷରେ ଜରାଜୀର୍ଣ୍ଣ ଏବଂ ଅନ୍ୟପକ୍ଷରେ ବଣ ଜଙ୍ଗଲ ଘେରା ବାତ୍ୟା ଆଶ୍ରୟସ୍ଥଳୀ ଲୋକଙ୍କ ଜୀବନ ପ୍ରତି ଅଧିକ ବିପଦ ଆଶଙ୍କା ସୃଷ୍ଟି କରୁଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଆଶ୍ରୟସ୍ଥଳୀ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ୧୯୯୯ ମସିହାରେ ଏହି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା। କିଛି ବର୍ଷ ପ୍ରାଥମିକ ବିଦ୍ୟାଳୟ ଚାଲିଥିଲା। ହେଲେ ଏହି ବିଦ୍ୟାଳୟରେ ପିଲା ସଂଖ୍ୟା ନହେବାରୁ ନୂଆ ସାହି ପ୍ରାଥମିକ ବିଦ୍ୟାଳୟରେ ସାମିଲ ହୋଇଯାଇଥିଲା। ହେଲେ ୨୭ ବର୍ଷ ତଳେ ନିର୍ମିତ ବିଦ୍ୟାଳୟ ବିଲ୍ଡିଂ ନଷ୍ଟ ହୋଇଗଲାଣି।



# ବୋମା ଧମକ; ଭୁବନେଶ୍ୱର କୋର୍ଟରେ ହାଇଆଲର୍ଟ

## ଦୁଇ ଘଣ୍ଟା ଧରି ଘାଣ୍ଟି ହେଲା ବମ୍ ସ୍କ୍ୱାଡ୍ ଓ ଡଗ୍ ସ୍କ୍ୱାଡ୍

ଭୁବନେଶ୍ୱର, ୮।୭ (ସମିସ): କଳ୍ପନା ସ୍ଥିତ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଆସିଥିଲା। କୋର୍ଟ ପରିସରରେ ବୋମା ଥିବା ଓ ବିସ୍ଫୋରଣ କରାଯିବାକୁ ଇ-ମେଲ୍‌ରେ ଧମକ ମିଳିଥିଲା। ଧମକପୂର୍ଣ୍ଣ ଇ-ମେଲ୍ ପାଇବା ପରେ କୋର୍ଟ ପରିସରରେ ହାଇଆଲର୍ଟ ଜାରି ହୋଇଥିଲା। ଖବରପାଇ କମିସନରେଟ ପୁଲିସ ପକ୍ଷରୁ ଯାଞ୍ଚ କରିଥିଲେ ମଧ୍ୟ କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିଲା।



ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରେ ଭୁବନେଶ୍ୱର ସ୍ଥିତ ପରିବାର ଅଦାଲତକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। କୋର୍ଟରେ ବୋମା ଥିବାବେଳେ ବିସ୍ଫ?ରଣ କରି କୋର୍ଟଙ୍କୁ ଉଡ଼ାଇ ଦିଆଯିବ ବୋଲି ଇ-ମେଲ୍ ଯୋଗେ ଧମକ ଦିଆଯାଇଥିଲା। କୋର୍ଟ ପକ୍ଷରୁ ସାଙ୍ଗେ ସାଙ୍ଗେ ପୁଲିସକୁ ଖବର ଦିଆଯାଇଥିଲା। କୋର୍ଟକୁ ବୋମା ଧମକ ଖବର ପାଇବା କ୍ଷଣି କମିସନରେଟ ପୁଲିସ, ବମ୍ ଡିସ୍ପୋଜାଲ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କୋର୍ଟ ପରିସରକୁ ଘେରାବନ୍ଦୀ କରି ଦେଇଥିଲେ। ହାଇ ଆଲର୍ଟ ଜାରି କରାଯିବା ସୁରକ୍ଷା ଦୃଷ୍ଟିରୁ କୋର୍ଟ ପରିସରରେ ଉପସ୍ଥିତ ଆଇନଜୀବୀ, କର୍ମଚାରୀ ଓ ଅନ୍ୟମାନଙ୍କୁ ସତର୍କ କରାଯାଇଥିଲା। କୋର୍ଟର ବିଭିନ୍ନ କକ୍ଷ, ରେକର୍ଡ ରୁମ୍, ପାର୍କିଂ ସ୍ଥାନ, କରିଡର ଓ ଆଖପାଖ ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେସନ୍ ଚାଲିଥିଲେ ମଧ୍ୟ କୌଣସି ବୋମା କିମ୍ବା ସନ୍ଦେହଜନକ ବିସ୍ଫୋରକ ସାମଗ୍ରୀ ମିଳିନଥିଲା।

ତେବେ ଏଭଳି ଧମକକୁ ହାଲୁକା ଭାବେ ନ ନେଇ ଇ-ମେଲ୍ ପଠାଯାଇଥିବା ଉତ୍ସ ଚିହ୍ନଟ ପାଇଁ ପୁଲିସ ତଦନ୍ତ ଚଳାଇଛି। ତଦନ୍ତରେ ସାଇବର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ାଯାଇଛି। ଇ-ମେଲ୍ ପଛରେ କେଉଁ ସଂଗଠନ କିମ୍ବା ବ୍ୟକ୍ତିବିଶେଷ ରହିଛନ୍ତି, ସେ ଦିଗରେ ମଧ୍ୟ ଯାଞ୍ଚ ଚାଲିଛି। ନିକଟ ଅତୀତରେ ରାଜ୍ୟର ବିଭିନ୍ନ କୋର୍ଟ, ସ୍କୁଲ୍ ଓ ସରକାରୀ କାର୍ଯ୍ୟାଳୟକୁ ଇ-ମେଲ୍‌ରେ ଲଗାତାର ବୋମା ଧମକ ଆସୁଛି। ଏପରି ଘଟଣା ସୁରକ୍ଷା ଏଜେନ୍ସିଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ମଧ୍ୟରେ ଅଯଥା ଆତଙ୍କ ସୃଷ୍ଟି କରୁଛି।

## କଟକଣା ହେଲାଣି ବାଟବଣା

# ପଲିଥିନ୍ ବ୍ୟବହାରରେ ଲାଗୁନି ରୋକ୍

ଭୁବନେଶ୍ୱର, ୮।୭(ସମିସ)

ପଲିଥିନ୍ ପରିବେଶ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଗମ୍ଭୀର ସ୍ଥିତି ସୃଷ୍ଟି କରିଚାଲିଛି। ଗାଁରୁ ସହର ପର୍ଯ୍ୟନ୍ତ ପଲିଥିନ୍‌ର ବହୁଳ ବ୍ୟବହାର ଚିନ୍ତା ବଢ଼ାଇ ଦେଇଛି। ପଲିଥିନ୍‌ର ଅଧିକ ବ୍ୟବହାରକୁ ନେଇ ସରକାରଙ୍କ ପକ୍ଷରୁ ସହରମାନଙ୍କୁ ପଲିଥିନ୍ ମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଓ ପଲିଥିନ୍ ବିକ୍ରି ଉପରେ କଟକଣା ଲାଗୁ କରାଯାଇଥିଲା। ହେଲେ ଏହି କଟକଣା ଏବେ ବାଟବଣା ହୋଇଯାଇଛି।

ରାଜଧାନୀରେ ସିଙ୍ଗଲ୍ ୟୁଜ୍ ପଲିଥିନ୍ ବ୍ୟବହାର ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି ରହିଥିଲେ ମଧ୍ୟ ଏହାର ପ୍ରଭାବ ଆଶାନୁରୂପ ଦେଖିବାକୁ ମିଳୁନାହିଁ। ସହରାଞ୍ଚଳରେ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ୍ ସହିତ ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ୍ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ହେଲେ ଏବେବି ଅନେକ ସ୍ଥାନରେ ବିଶେଷ କରି ସହରର ବିଭିନ୍ନ ବଜାର, ପରିବା ହାଟ, ଫଳ ଦୋକାନ, ରାସ୍ତାକଡ଼ ବ୍ୟବସାୟୀ ଏବଂ ଅନେକ ଖୁଚୁରା ଦୋକାନରେ ଏବେ ମଧ୍ୟ ଅବାଧରେ ପଲିଥିନ୍ ବ୍ୟବହାର କରାଯାଉଛି। ଫଳରେ ସରକାରଙ୍କ ନିଷେଧାଦେଶ କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ସମୟ ସମୟରେ ଚଢ଼ାଉ, ଜରିମାନା ଆଦାୟ ଏବଂ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ନିୟମର କଡ଼ାକଡ଼ି ପାଳନ ହେଉନାହିଁ। ବ୍ୟବସାୟୀମାନେ ଏବେବ ପଲିଥିନ୍‌କୁ ଖୁଲମଖୁଲା ବିକ୍ରି କରୁଛନ୍ତି। ପଲିଥିନ୍‌ର ବହୁଳ ବ୍ୟବହାର ଯୋଗୁଁ ଡ୍ରେନ୍ ଅବରୋଧ, ଜଳ ନିଷ୍କାସନରେ ବାଧା, ମାଟି ଓ ଜଳ ପ୍ରଦୂଷଣ ସହ ପଶୁପକ୍ଷୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ବର୍ଷା ଋତୁରେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେଉଥିବାରୁ ପରିବେଶ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି।



ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସରକାରୀ ସ୍ତରରେ ନିୟମିତ ଯାଞ୍ଚ, କଡ଼ା ଆଇନଗତ ପଦକ୍ଷେପ, ଫାଇନ୍ ଆଦାୟ, କାଗଜ ବ୍ୟାଗର ପ୍ରୋତ୍ସାହନ ଏବଂ ସାଧାରଣ ଲୋକଙ୍କୁ ପଲିଥିନ୍ ବ୍ୟବହାର ନକରିବା ପାଇଁ ପ୍ରତି ସପ୍ତାହରେ ସଚେତନତା କରାଯିବା ଦରକାର। ଏଥିସହିତ ଯେଉଁ ବଡ଼ ବଡ଼ ପଲିଥିନ୍ ଗୋଦାମ ରହିଛି ସେଠାରେ ଚଢ଼ାଉ କରି ମୋଟା ଆକାରର ଅର୍ଥ ଆଦାୟ କରାଗଲେ ପଲିଥିନ୍‌ର ବ୍ୟବହାର କିଛି ମାତ୍ରାରେ କମି ପାରିବ ବୋଲି ପରିବେଶ ବିଶେଷଜ୍ଞ କହିଛନ୍ତି।

## ରକ୍ଷକ ସାଜିଲେ ଭକ୍ଷକ

# ନାବାଳିକା ଝିଅାରୀକୁ ଦୁଷ୍କର୍ମ

ଭୁବନେଶ୍ୱର, ୮।୭ (ସମିସ)

 କନ୍ଧମାଳ ଜିଲ୍ଲାର ଜଣେ ଯୁବତୀଙ୍କ ଅଭିଯୋଗକୁ ନେଇ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସମ୍ପର୍କୀୟଙ୍କ ଘରେ ରହି ପଢୁଥିବା ନାବାଳିକା ଅବସ୍ଥାରୁ ଦୁଷ୍କର୍ମର ଶିକାର ହୋଇଛନ୍ତି। ଆଉ କେହି ନୁହେଁ, ଖୋଦ୍ ମଉସା ହିଁ ତାଙ୍କୁ ଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ମଉସା ଓ ମାଉସୀ ମିଶି ନାବାଳିକାକୁ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ କରିବା ସହ ଟଙ୍କା ରୋଜଗାର କରୁଥିଲେ। ପୀଡ଼ିତାଙ୍କ ଅଭିଯୋଗ ପରେ ମଉସା ଓ ମାଉସୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜଳସମ୍ପଦ ବିଭାଗର କନସଲଟାଣ୍ଟ ଜୟକୃଷ୍ଣ ବେହେରା (୫୪) ଓ ତାଙ୍କ ପତ୍ନୀ ତଥା ଶିଖରଚଣ୍ଡୀ ଡାକ୍ତରଖାନାର ନର୍ସ ଫୁଲନ୍ଦିନୀ ବେହେରା (୪୩)।

- ଅନୈତିକ କାମରେ ଲଗାଇ ଟଙ୍କା ରୋଜଗାର କରୁଥିଲେ ମଉସା, ମାଉସୀ
- ଦୁଷ୍କର୍ମ ପରେ ଭିଡିଓ ଭାଇରାଲ କଲା ରାଜସ୍ଥାନୀ କାଠ ମିସ୍ତ୍ରି

ପୁଲିସ ସୂଚନାନୁସାରେ, କନ୍ଧମାଳ ଜିଲ୍ଲାର ପୀଡ଼ିତା ୨୦୧୬ ମସିହାରେ ମାଟ୍ରିକ ପାସ୍ କରିବା ପରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଆସିଥିଲେ। ଏଠାକୁ ଆସି ମଉସା ଜୟକୃଷ୍ଣ ଓ ମାଉସୀ ଫୁଲନ୍ଦିନୀଙ୍କ ଘରେ ରହି ରାଜଧାନୀର ଏକ ପ୍ରତିଷ୍ଠିତ ମହିଳା କଲେଜରେ ପଢୁଥିଲେ। ସେତେବେଳେ ନାବାଳିକା ମାତ୍ର ୧୫ ବର୍ଷ ହୋଇଥିବାବେଳେ ମଉସା ଜୟକୃଷ୍ଣ ତାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ। ମାଉସୀ ଫୁଲନ୍ଦିନୀ ଜାଣିଶୁଣି ପୀଡ଼ିତାଙ୍କୁ ଘରେ ସ୍ୱାମୀ ପାଖରେ



ଛାଡ଼ି ବାହାରକୁ ପଳାଉଥିଲେ। ଜୟକୃଷ୍ଣ ନାବାଳିକାକୁ ଏକାକୀ ପାଇଁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ପୀଡ଼ିତା ପ୍ରତିବାଦ କରୁଥିଲେ ମଧ୍ୟ ଜୟକୃଷ୍ଣ ତାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରୁଥିଲେ। ମାଉସୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳୁନଥିଲା। ଓଲଟି ପାଠପଢ଼ାର ଖର୍ଚ୍ଚ ବଦଳରେ ମଉସାଙ୍କ ଇଛା ପୂରଣ କରିବାକୁ ବାଧ୍ୟ କରୁଥିଲେ। ପୀଡ଼ିତା ବିରୋଧ କଲେ ମାଉସୀ ମାଡ଼ ମାରିବା ସହ ଗର୍ଭଧାରଣ ରୋକିବା ପାଇଁ ଜବରଦସ୍ତି ଔଷଧ ଦେଉଥିଲେ।

ପରବର୍ତ୍ତୀ ସମୟରେ ଜୟକୃଷ୍ଣ, ଫୁଲନ୍ଦିନୀ ଓ ମହେନ୍ଦ୍ର ମିଶି ଯୋଜନା କରିଥିଲେ। ଫୁଲନ୍ଦିନୀ ପୀଡ଼ିତାଙ୍କୁ ନେଇ ମହେନ୍ଦ୍ର ନାମକ ଜଣେ ଯୁବକ ସହ ପରିଚୟ କରାଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଦିନେ ମହେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କୁ ହୋଟେଲକୁ ନେଇ ଯାଇଥିଲା। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରେକର୍ଡ କରି ନେଇଥିଲା। ପୀଡ଼ିତା ବିବାହ କରିବା କଥା କହିବାରୁ, ସେ ମଉସା ଓ ମାଉସୀକୁ ଟଙ୍କା ଦେଇ ଶାରୀରିକ ସମ୍ପର୍କ ରଖିଥିବା ମହେନ୍ଦ୍ର କହିଥିଲା। ମଉସା ମାଉସୀ ଟଙ୍କା ନେଇ ଅନୈତିକ କାର୍ଯ୍ୟରେ ଲିପ୍ତ କରିଥିବା ଜାଣିବା ପରେ ପୀଡ଼ିତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ସେ ପ୍ରତିବାଦ କରି ନିଜ ପୈତୃକ ଘରକୁ ଚାଲିଯାଇଥିଲେ। ହେଲେ ମହେନ୍ଦ୍ର ସଂଗ୍ରହ କରିଥିବା ଫଟୋ ଓ ଭିଡିଓ ଭାଇରାଲ ଆଳରେ ତାଙ୍କୁ ବ୍ଲାକମେଲ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ହେଲେ ପୀଡ଼ିତା ଅରାଜି ହେବାରୁ ମହେନ୍ଦ୍ର ପୀଡ଼ିତାଙ୍କ ନାମରେ ନକଲି ସୋସିଆଲ ମିଡ଼ିଆ ଆକାଉଣ୍ଟ ଖୋଲି ଫଟୋ ଓ ଭିଡିଓ ପୋଷ୍ଟ କରି ଦେଇଥିଲା। ଏହାସହ ପୀଡ଼ିତାଙ୍କ କଲେଜ ସହପାଠୀ ଓ ସହକର୍ମୀଙ୍କୁ ପାଖକୁ ପଠାଇ ଦେଇଥିଲା ଏନେଇ ପୀଡ଼ିତା ନୂଆପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରିବା ସହ ମଉସା ଜୟକୃଷ୍ଣ ଓ ମାଉସୀ ଫୁଲନ୍ଦିନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅନ୍ୟତମ ଅଭିଯୁକ୍ତ ମହେନ୍ଦ୍ର କୁମାର ଫେରାର ରହିଛି।

## ପୁରୁଣା ଫଟୋ


## ପୁରୁଣା ସ୍ମୃତି



ଭୁବନେଶ୍ୱର, ୮।୭(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁନଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସିମୀତ ଥିଲା ଏହି ସହର। ଗାଡି ମଟର, ବଡ ବଡ ବିଲ୍ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ମୁଣ୍ଡ ଗୁଞ୍ଜିବାକୁ ଥିଲା ମାଟି ଛପର ଘର। ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ସମେତ ସାଇତା ହୋଇ ରହିଛି ଅନେକ ଶତାବ୍ଦୀ ପୁରାତନ ମନ୍ଦିର। ଯାହାକି ସେସମୟରୁ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ସାଜି ଆସିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ରାଜାରାଣୀ ମନ୍ଦିର।

ସାମଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ସେହି ମନ୍ଦିରର ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର। ଯେଉଁଥିରେ ପୁରୁଣା ସମୟରେ ରାଜାରାଣୀ ମନ୍ଦିରର ଝଲକ ପରିଲକ୍ଷିତ ହେଉଛି। ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ମନ୍ଦିରର ଏକ ପାର୍ଶ୍ୱର ହୋଇଥିବାବେଳେ ଏହା ୧୦୦ ବର୍ଷ ପୁରୁଣା ଫଟୋ ବୋଲି ଜଣାପଡ଼ିଛି। ଏହି ମନ୍ଦିରଟି ଏକାଦଶ ଶତାବ୍ଦୀରେ ସୋମବଂଶୀ ଶାସନ ସମୟରେ ଏବଂ କଳିଙ୍ଗସ୍ଥାପତ୍ୟ ଶୈଳୀରେ ନିର୍ମାଣ ହୋଇଛି।

# ସମ୍ପାଦକୀୟ



ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ। ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ।
-ପ୍ଲାଟୋ

ସକାଳ
THE SAKALA

## ବିଦେଶରେ ପ୍ରଶଂସା, ଜନ୍ମମାଟିରେ ଉପେକ୍ଷା

ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ସମ୍ପ୍ରତି ଇଣ୍ଡୋନେସିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧ୍ୟାୟର ସ୍ମୃତିଚାରଣ କରିବା ସହିତ ଭାରତ-ଇଣ୍ଡୋନେସିଆ ସମ୍ପର୍କରେ ବିଜୁବାବୁଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ବିଜୁବାବୁଙ୍କ ବୀରତ୍ୱ, ଅବଦାନ, ବଳିଦାନର ଗାଥା ଓଡ଼ିଶା ସୀମା ସରହଦ ଡେଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ପ୍ରସାରିତ। ଅଥଚ ରାଜନୀତିର ପଶାପାଲିରେ ବିଜୁବାବୁଙ୍କୁ ଜାତୀୟସ୍ତରରେ ଯେତିକି ସମ୍ମାନ ଓ ସ୍ୱୀକୃତି ମିଳିବା କଥା ତାହା ମିଳିନାହିଁ।

ମହାତ୍ମା ଗାନ୍ଧୀ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ପରେ ବ୍ରିଟିଶ ଶାସନାଧୀନ ଭାରତବର୍ଷର ରାଜନୈତିକ ନେତୃତ୍ୱଙ୍କ ମଧ୍ୟରେ ବିଶ୍ୱବନ୍ଦ୍ୟ ହେବାର ଗୌରବ ଅର୍ଜନ କରିଥିବା ଏକମାତ୍ର ବ୍ୟକ୍ତିତ୍ୱ ବିଜୁ ପଟ୍ଟନାୟକ କେବଳ ଏକ 'ଆଦର୍ଶ' ନୁହନ୍ତି ଏକ 'ବାଦ'(ଇଜିମ୍) ର ଯୁଗପୁରୁଷ। ସ୍ୱାଭାବିକ ଭାବେ 'ଶ୍ରେୟ', 'ସମ୍ମାନ', 'ଅଳଙ୍କାର', 'ପୁରସ୍କାର'ରୁ ବହୁଊର୍ଦ୍ଧ୍ୱରେ ଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ 'ସ୍ୱପ୍ନଦ୍ରଷ୍ଟା' ଭାବେ ଯେତିକି ଅନୁକରଣୀୟ 'ସ୍ୱପ୍ନସ୍ରଷ୍ଟା' ଭାବେ ତା'ଠାରୁ ଅଧିକ ବନ୍ଦନୀୟ। ବିଶେଷକରି ୨୦୩୬ରେ ବିକଶିତ ଓଡ଼ିଶାର ରୂପରେଖ ପ୍ରସ୍ତୁତ କଲା ବେଳେ 'ବିଜୁବାଦ'ର ପ୍ରାସଙ୍ଗିକତା ଆହୁରି ଅଧିକ। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟରେ ଯେଉଁ ପାହାଚଗୁଡ଼ିକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଛି ସେଗୁଡ଼ିକ ବିଷୟରେ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ବିଜୁବାବୁ ବହୁପୂର୍ବରୁ ସୂଚାଇ ସାରିଥିଲେ। ତେଣୁ ସେହି ପାହାଚଗୁଡ଼ିକୁ ଉତ୍ତରଣ କଲା ବେଳେ ବିଜୁ ବାବୁ ସ୍ୱତଃସ୍ମରଣକୁ ଆସନ୍ତି।

ଏହା ଅବଶ୍ୟ ଭିନ୍ନ କଥା ଯେ ସଂକୀର୍ଣ୍ଣ ରାଜନୈତିକ ମାନସିକତାରେ ବିଜୁବାବୁଙ୍କ ଆଦର୍ଶକୁ ଖର୍ବକାୟ କରିବାର ହୀନମନ୍ୟତା ଆରମ୍ଭ ହୋଇସାରିଛି। ପଞ୍ଚାୟତିରାଜ ବ୍ୟବସ୍ଥାର ଜାତୀୟ ବିନ୍ଧାଣୀ ବିଜୁବାବୁଙ୍କୁ ତାଙ୍କ ଜନ୍ମଦିନରେ ହିଁ ସେହି ଶ୍ରେୟରୁ ବଞ୍ଚିତ କରାଯାଇଛି। ଓଡ଼ିଶାରୁ ଓଡ଼ିଆତ୍ୱକୁ ଭିନ୍ନ କରିବାର ଉଦ୍ୟମ ଯେଭଳି ହାସ୍ୟାସ୍ପଦ, ଓଡ଼ିଶାର ଜନଜୀବନରୁ 'ବିଜୁବାଦ'କୁ ବିଲୋପ କରିବାର ଚକ୍ରାନ୍ତ ତା'ଠାରୁ ଅଧିକ ଆପତ୍ତିଜନକ। ବରଂ 'ବିଜୁବାଦକୁ ପାଥେୟ ନ କରିବା ପର୍ଯ୍ୟନ୍ତ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିବ ନାହିଁ - ଏହି ଆପ୍ତବାକ୍ୟକୁ କ୍ଷମତାସୀନ ଦଳ ହେଜିବା ଦରକାର।

ବିଜୁବାବୁଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବାଳୀ ଏହି ଉଦ୍‌ଘୋଷଣା କରେ ଯେ ପ୍ରଗତି ରଥରେ ସାରଥିର ଭୂମିକା ନିର୍ବାହ କରିବାକୁ ହେଲେ ସ୍ୱପ୍ନ ଓ ଦୁଃସାହସ ଦରକାର। ଜୀବନ ଜିଇଁବାର ଶ୍ରେଷ୍ଠ ଗୌରବ କେବଳ ରାଜନୈତିକ ଜୟ-ପରାଜୟତାରେ ସୀମିତ ନୁହେଁ, ବରଂ ପ୍ରତିଥର ପଡ଼ିଯିବା ପରେ ପୁନର୍ବାର ଉଠି ଆଗକୁ ମାଡ଼ି ଚାଲିବା ଆବଶ୍ୟକ। ବିଶାଳ ଯୁବବର୍ଗ ହିଁ ମାନବ ସମ୍ବଳ ଓ ଶକ୍ତିର ଅଫୁରନ୍ତ ପୁଞ୍ଜି। ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାକାର କରିବାକୁ ହେଲେ ଯୁବକମାନଙ୍କୁ ଯଥାର୍ଥ ଗୁରୁତ୍ୱ ଦେଇ ସେମାନଙ୍କୁ ସେନାପତି ଦାୟିତ୍ୱ ଦେବାକୁ ପଡ଼ିବ। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ ଯୁବଶକ୍ତି ନିଜ ସ୍ୱାର୍ଥଠାରୁ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ କାହାର ଦୟା କିମ୍ବା ଅନୁକମ୍ପାର ପାତ୍ର ନ ହୋଇ ନିଜ ଶକ୍ତି ଓ ବୁଦ୍ଧି ଉପଯୋଗ କରିବାକୁ ପଡ଼ିବ। ସେମାନେ ନିଜେ ନିଜ ଭିତରେ ଭରି ରଖିବାକୁ ପଡ଼ିବ ଅଖଣ୍ଡ ଭରସା ଓ ଆତ୍ମାଭିମାନ। ସେମାନଙ୍କ ଦକ୍ଷତା, ବୁଦ୍ଧିମତ୍ତା ହିଁ ଇତିହାସର ମୋଡ଼ ବଦଳାଇଦେବ। ବିଜୁବାବୁଙ୍କ ଏହି ମାର୍ମିକ ଉକ୍ତି ବିକଶିତ ଓଡ଼ିଶା ଲକ୍ଷ୍ୟ ପଥରେ ଏକ ଦିଗବାରେଣି। ଏହାକୁ ଅନୁସରଣ କଲେ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ସୁଗମ ହୋଇପାରିବ।

୧୯୬୧-୬୩ ର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁବାବୁ ଅନୁଭବ କରିଥିଲେ ଶିଳ୍ପ ହିଁ ସମୃଦ୍ଧିର କାରଣ। ସେତେବେଳେ ସେ ବିକଶିତ ଓଡ଼ିଶାର ଯେଉଁ ନକ୍ସା ଆଙ୍କିଥିଲେ ଆଜି ମଧ୍ୟ ତାହା ଅନତିକ୍ରମଣୀୟ ହୋଇରହିଛି। ଆଜି ଶିଳ୍ପାୟନ ଯୋଗୁଁ ଦ୍ରୁତ ପରିବେଶ ଅବକ୍ଷୟ ଓ ବିସ୍ଥାପନ ସମସ୍ୟା ବଢ଼ି ଚାଲିଥିବା ବେଳେ ପ୍ରକୃତି ସହନଶୀଳ ଓ ପରିବେଶ ଅନୁକୂଳ ବିକାଶ ଦିଗରେ 'ବିଜୁବାଦ'ର ପ୍ରାସଙ୍ଗିକତା ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ। ରାଜ୍ୟର ଜଣେ ଶାସନମୁଖ୍ୟ ଶିଳ୍ପପତିଙ୍କୁ ଯେଉଁ ଦୃଷ୍ଟିରେ ଦେଖିବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦରିଦ୍ର ଲୋକଟିକୁ ତା'ଠାରୁ ଅଧିକ ଭଲ ଦୃଷ୍ଟିରେ ଦେଖିବା ଆବଶ୍ୟକ। ବିଜୁବାବୁଙ୍କ ସମାବେଶୀ ବିକାଶମନ୍ତ୍ରର ଏହି କଳା ସମ୍ପ୍ରତି ରାଜନେତାମାନେ ଶିଖିଲେ ଓ ଆଦରି ନେଲେ ବିକଶିତ ଓଡ଼ିଶା ସ୍ୱପ୍ନ ଲକ୍ଷ୍ୟ ପୂରଣ ହେବ।

ସମ୍ପ୍ରତି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂକୀର୍ଣ୍ଣ ଦଳୀୟ ରାଜନୀତିର ଯେଉଁ କଳୁଷପୂର୍ଣ୍ଣ ପରମ୍ପରା ଆରମ୍ଭ ହୋଇସାରିଛି ତାହା ସଂଘୀୟ ବ୍ୟବସ୍ଥା ଓ ସାମଗ୍ରିକ ବିକାଶର ପରିପନ୍ଥୀ। ରାଜ୍ୟର ନିରନ୍ତର ବିକାଶ ଚିନ୍ତା କରୁଥିବା ରାଷ୍ଟ୍ରନେତା ଏହି ସଂକୀର୍ଣ୍ଣ ମାନସିକତାରୁ ଉର୍ଦ୍ଧ୍ୱକୁ ଉଠି ବିଜୁବାବୁଙ୍କ ସେବା, ସଂଗ୍ରାମ ଓ ବିକାଶର ଦୃଷ୍ଟିକୋଣକୁ ଆପଣେଇବାକୁ ପଡ଼ିବ। ଜାତି, ଧର୍ମ, ବର୍ଣ୍ଣ, ଦଳ, ନୀତି, ଆଦର୍ଶ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରିନେବାର କଳା ବିଜୁବାବୁଙ୍କଠାରୁ ଶିଖିବାକୁ ହେବ। ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ରାଜ୍ୟ ସରକାର ତେଣୁ ପ୍ରଥମେ 'ବିଜୁବାଦ'ର ପାଠ ପଢ଼ନ୍ତୁ। କାରଣ ଏକ ଜନମଙ୍ଗଳ ରାଷ୍ଟ୍ରନୀତିରେ 'ବିଜୁବାଦ'ଠାରୁ ବଡ଼ ଶିକ୍ଷଣୀୟ ଓ ଅନୁକରଣୀୟ ମାନଦଣ୍ଡ ଆଉ କିଛି ହୋଇ ନ ପାରେ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ। କିନ୍ତୁ ବିଡ଼ମ୍ବନା ଯେ ଏଭଳି ଜଣେ ବହୁମୁଖୀ ବ୍ୟକ୍ତିତ୍ୱଙ୍କୁ ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା ବେଳେ ନିଜ ଦେଶ ଓ ମାଟିରେ ହିଁ ଉପେକ୍ଷା କରାଯାଇଛି। ବିଶ୍ୱର ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଯଥାର୍ଥରେ 'ବିଶ୍ୱରତ୍ନ', ଅଥଚ ସେ ସ୍ୱାର୍ଥାନ୍ୱେଷୀ ଭୋଟସର୍ବସ୍ୱ ରାଜନୀତିର ପଶାପାଲିରେ 'ଭାରତରତ୍ନ' ସମ୍ମାନରୁ ବଞ୍ଚିତ। ଏବେ ଓଡ଼ିଶାରେ ବିଭିନ୍ନ ସରକାରୀ ଯୋଜନାରୁ ତାଙ୍କ ନାମ ବାଦ୍ ଦିଆଯିବାର ନିନ୍ଦନୀୟ ଓ ଅଶୋଭନୀୟ ପରମ୍ପରା ଯେଉଁମାନେ ଆରମ୍ଭ କରିଛନ୍ତି ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଓଡ଼ିଶା ବିକାଶର ରୂପକାର ଓ ଓଡ଼ିଆ ସ୍ୱାଭିମାନର ଏହି ଉଦାହରଣୀୟ ମାର୍ତ୍ତଣ୍ଡଙ୍କୁ ପ୍ରଣାମ। ●

# ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ମୋ ସ୍ୱପ୍ନର ଓଡ଼ିଶା**

*ପୂର୍ବପ୍ରକାଶିତ ଉତ୍ତାରୁ...*

### ଅସନ୍ତୋଷ ହିଁ ମୂଳ ପ୍ରେରଣା:

ଅଧିକାଂଶ ଆଶା ଅପୂରଣୀୟ ହୋଇ ରହିଥିଲେ ମଧ୍ୟ ଅନେକ ଆଶା ଯେ ସାର୍ଥକ ହୋଇପାରିଛି, ଏହାକୁ ଆମେ କଦାପି ଅସ୍ୱୀକାର କରିପାରିବା ନାହିଁ। ହତାଶାଜନକ ପରିସ୍ଥିତି ସତ୍ତ୍ୱେ ବହୁ ଉଚ୍ଚକୋଟୀର ପ୍ରତିଭାଙ୍କ ଆବିର୍ଭାବ, ଗଣତନ୍ତ୍ର ଶାସନ ଓ ପ୍ରଶାସନ ଦ୍ୱାରା ଜନମଙ୍ଗଳକର କାର୍ଯ୍ୟ, ଅଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ, ନାରୀଶିକ୍ଷାର ପ୍ରସାର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ, ଭାଷା ସାହିତ୍ୟର ସମୁନ୍ନତି, ଓଡ଼ିଶାର ସବୁ ଅଞ୍ଚଳର ସଂସ୍କୃତି ସମ୍ପର୍କରେ ଗବେଷଣା, ପାରସ୍ପରିକ ସଂପ୍ରୀତି ଆଦି ବହୁବିଷୟର ଉତ୍ସାହଜନକ ଉଦାହରଣ ବିଦ୍ୟମାନ। ତେବେ ସନ୍ତୁଷ୍ଟ ହୋଇଯିବା ଶୂକର ପକ୍ଷରେ ଶୋଭନୀୟ ହୋଇପାରେ; ମଣିଷ ପକ୍ଷରେ ନୁହେଁ। ଚିତ୍ତରଞ୍ଜନ ଦାସ ସେଥିପାଇଁ ଲେଖିଲେ 'ଶୂକର ଓ ସକ୍ରେଟିସ'। ସକ୍ରେଟିସ ଅସନ୍ତୋଷର ପ୍ରତୀକ। ନିଜସ୍ୱ ପ୍ରଗତିରେ ଯିଏ ପରିତୃପ୍ତ, ତାହାର ଚେତନାର ସମ୍ପ୍ରସାରଣ ସେତିକିରେ ହୋଇଯାଏ ସ୍ଥଗିତ। ତେଣୁ ଆଗକୁ ଆଗକୁ ଅଗ୍ରସର ହେବାକୁ ଚାହିଁଲେ ଅସନ୍ତୋଷ ହିଁ ଆମର ମୂଳ ପ୍ରେରଣା।

### ଅପ୍ରମିତ ଆଶା: ସୁଦୃଢ଼ ଆତ୍ମପ୍ରତ୍ୟୟ:

ଆମେ ଯେଉଁମାନେ ଉଚ୍ଚଆଦର୍ଶ କାର୍ଯ୍ୟକାରୀ ହେବାକୁ ଅସମ୍ଭବ ବୋଲି ମନେ କରୁ, ମନରେ ପ୍ରଶ୍ନ ଆସେ ଆମେ ଅଛୁ କାହିଁକି ତେବେ? ଆମ ଉପସ୍ଥିତିର ଯଥାର୍ଥତା କାହିଁକି ରହିବ ଏ ଭୂମିରେ? ଯାହା ବିଗତ ନବେବର୍ଷ ମଧ୍ୟରେ ସମ୍ଭବ ହୋଇଛି, ତାହାରି ଭରସାରେ ଆଗାମୀ ଦଶବର୍ଷ ମଧ୍ୟରେ କ୍ରାନ୍ତିକାରୀ ପରିବର୍ତ୍ତନ ନ ହେବ ବୋଲି କିଏ କହିପାରିବ? ପୃଥିବୀ ମାତା ଆମଠାରୁ ନୈରାଶ୍ୟସୂଚକ ବାଣୀ ଶୁଣିବା ପାଇଁ ଚାହେଁନା। ପରିସ୍ଥିତି ଯେତେ ଉତ୍ତେଜନା ପୂର୍ଣ୍ଣ ବା ଭୟାବହ ହୋଇଥାଉ ନା କାହିଁକି ଆମେ ସମ୍ମିଳିତ ଭାବରେ ଶାନ୍ତିର ଆବାହନ କରିପାରିବା। ହିଂସା ମଧ୍ୟରେ ଅହିଂସାର ମନ୍ତ୍ର ଉଚ୍ଚାରଣ କରିବା। ଶତ୍ରୁତା ଭିତରେ ମିତ୍ରତାର ଦୃଷ୍ଟାନ୍ତ ହୋଇ ଛିଡ଼ା ହେବା। ସବୁକିଛି ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ବି ଅସୀମ ଧୈର୍ଯ୍ୟ ସହକାରେ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିବା। ସ୍ୱପ୍ନଶୂନ୍ୟ ଜୀବନ ମନୁଷ୍ୟର ହୋଇପାରେନା। ବିଭିନ୍ନ ଅପଶକ୍ତି ଦ୍ୱାରା ନାନା ବିପତ୍ତି ସୃଷ୍ଟି ହୁଏ। ତେବେ ଯାହାର ଆତ୍ମପ୍ରତ୍ୟୟ ସୁଦୃଢ଼ ତା'ର ପରାଜୟ ବୋଲି କିଛି ନ ଥାଏ। କୃଷ୍ଣପ୍ରସାଦ ମିଶ୍ର ଲେଖିଲେ ଏକ ମିନି ଗଳ୍ପ 'ତୈମୁର'। ଜଣେ କୃଷକର କ୍ଷେତ ଘର ଧ୍ୱସ୍ତବିଧ୍ୱସ୍ତ କରି ତୈମୁରର ସୈନ୍ୟବାହିନୀ ଚାଲି ଯାଉଛନ୍ତି। ଚାଷୀଟି ବିପର୍ଯ୍ୟସ୍ତ ଘର ବାଡ଼ି ସଜାଡ଼ିବାରେ ଧ୍ୟାନ ଦେଲା। ତା'ର ପତ୍ନୀ ତାକୁ କହୁଛି - 'ଆଉ କାହିଁକି ସଜାଡୁଛ? ସେମାନେ ପୁଣି ଆସିବେ ଭାଙ୍ଗିବା ପାଇଁ।' କୃଷକ ଉତ୍ତର ଦେଉଛି - 'ସେମାନେ ଯେତେଥର ଭାଙ୍ଗିବେ ମୁଁ ସେତେଥର ସଜାଡ଼ି ଦେଉଥିବି। କାରଣ ମୁଁ ଚାଷୀ।'

ତେଣୁ ବହୁ ଐଶ୍ୱର୍ଯ୍ୟ ଆମର ନଷ୍ଟବିନଷ୍ଟ ହୋଇଯାଇଛି। ତଥାପି ପରାଜୟ ବରଣ କରିନେବାକୁ ଓଡ଼ିଶା ଗଢ଼ା ହୋଇନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉ ତାହାକୁ ଅତିକ୍ରମ କରିଯିବାର ଅନ୍ତର୍ଶକ୍ତି ଆମ ଭିତରେ ତେଜସ୍କ୍ରିୟ। ଆମ ଉତ୍ତର ଦାୟାଦମାନଙ୍କ ପାଇଁ ଗୌରବ ଅନୁଭବ କରିପାରିବା ପରି ଏକ ଓଡ଼ିଶାର ନିର୍ମାଣ ଅସମ୍ଭବ ହୋଇ ରହିପାରେନା। ୧୯୩୬ ରେ ଓଡ଼ିଶା ଗଠନ ହେଲା। ଏହା ଆମ ପୂର୍ବପୁରୁଷଙ୍କ ଆମ ପ୍ରତି ଶ୍ରେଷ୍ଠ ଦାନ। କିନ୍ତୁ ଗଠନ ପରେ ସବୁ କିଛି ସରିଯାଏ ନାହିଁ। ଭାରତର ସ୍ୱାଧୀନତା ପରେ ଅଧିକାଂଶ ସଂଗ୍ରାମୀ ମନେକରନ୍ତି କାର୍ଯ୍ୟ ସମାପ୍ତ। ଗାନ୍ଧିଜୀ ଚେତାଇ ଦେଲେ ଯେ, ପ୍ରକୃତ କାର୍ଯ୍ୟ ଏଥର ଆରମ୍ଭ ହେବ। ନିଜ କଳ୍ପନାକୁ କି ଶୃଙ୍ଖଳିତ ରୂପରେ ସୁସଜ୍ଜିତ କରି ରଖିଥିଲେ ବାପୁଜୀ! ଗ୍ରାମ ଓ ସହର ନିର୍ମାଣର କୌଶଳଠାରୁ ଭାଷା, ସାହିତ୍ୟ, ସଂସ୍କୃତି, ସମାଜ, ଶିକ୍ଷା, ରାଜନୀତି, ଆଇନର କେଉଁଦିଗର ସୁସ୍ଥ ବିକାଶ ବିଷୟରେ ସେ ଭାବି ନାହାନ୍ତି! କହିଲେ - 'ଭାରତର ଆତ୍ମା ଅଛି ପଲ୍ଲୀ ପରିବେଶରେ'। ଆମର ପବିତ୍ର କର୍ତ୍ତବ୍ୟ ଥିଲା ନବନିର୍ମିତ ସହରଗୁଡ଼ିକରେ ଆଧୁନିକ ବ୍ୟବସ୍ଥା ଭିତରେ ବି ଗ୍ରାମ୍ୟ ଜୀବନର ବାସ୍ନା ଭରିଦେବା। ତା'ର ବିପରୀତ ଆଚରଣ ପ୍ରଦର୍ଶନ କରି ସହରର କୁଟିଳତା ଆଣି ଗ୍ରାମ୍ୟ ସରଳତାକୁ ବିଷାକ୍ତ କରିଦିଆଗଲା ଆଉ ଗ୍ରାମ୍ୟ ବାତାବରଣର ଅନ୍ଧବିଶ୍ୱାସ, କୁସଂସ୍କାର, ସଂକୀର୍ଣ୍ଣତା, ପରଚର୍ଚ୍ଚା - ଏହାସବୁ ସହରରେ ବି ରହିଲା ଅପରିବର୍ତ୍ତିତ। ଯୁବସମାଜ ରଚନାତ୍ମକ କାର୍ଯ୍ୟାନୁରାଗୀ ହେବା ପରିବର୍ତ୍ତେ ନିଶାଖୋର ଓ ନିଶାଚର ହେବାରେ ଅଧିକ ଆଗ୍ରହୀ ହେଲେ। ଅଧୁନା ଗାଁ ହେଉ କି ସହର, କୌଣସି ସ୍ଥାନ କ'ଣ ନିରାପଦ ଓ ନିରୁପଦ୍ରବ ହୋଇ ରହିଛି? ଗାନ୍ଧିଜୀ ଯେଉଁ ନିଶାମୁକ୍ତ ଓ ସଶକ୍ତ-ସୁରକ୍ଷିତ -ମହିଳା ସମାଜ କଥା କହୁଥିଲେ ତାହା ଆଜି ସ୍ୱପ୍ନ ହୋଇଯାଇ ନାହିଁ କି?

ଯାହା କିଛି ନଷ୍ଟ ହୋଇ ସାରିଛି, ତାହା ସବୁ ତ ଫେରି ଆସିବା ସମ୍ଭବ ହୋଇ ନପାରେ। ତେଣୁ ତା'କୁ ନେଇ ଚିନ୍ତାଗ୍ରସ୍ତ ହେବା ଦ୍ୱାରା ଅଧିକ କ୍ଷତି। ସେଥିରେ ନୈରାଶ୍ୟ ଓ ଉଦାସୀନତା ବଢ଼ିବ। ସ୍ଥାଣୁତା ହିଁ ଅବରୁଦ୍ଧ କରିଦେବ ବିକାଶର ମାର୍ଗ। ଯାହା କିଛି ଗଠନ ହୁଏ, ସେତିକିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ନାହିଁ। ସଜାଡ଼ିବାକୁ ପଡୁଥାଏ ବାରମ୍ବାର। ପୁନର୍ଗଠନ ଧାରାରେ ବିରାମ ନଥାଏ। ପ୍ରତିଟି ବର୍ଷ, ପ୍ରତିଟି ଦିନ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ପୁନଃସଜ୍ଜୀକରଣ ପାଇଁ ଏକ ଏକ ଆହ୍ୱାନ। ଏକ ଏକ ସୁବର୍ଣ୍ଣ ସୁଯୋଗ। ତେଣୁ ସାମାନ୍ୟ କ୍ଷଣଟିଏ ମଧ୍ୟ ଆମ ପାଇଁ ଅର୍ଥହୀନ ହୋଇ ନ ଯାଉ। ପ୍ରତିକ୍ଷଣ ହେଉ ସୃଜନ-କ୍ଷମ।

### ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ:

ଠିକ ଏହି ନାମରେ ପୁସ୍ତକଟିଏ ରଚନା କରିଛନ୍ତି ମହାପାତ୍ର ନୀଳମଣି ସାହୁ। ଯଦି ସ୍ୱପ୍ନର ବୃକ୍ଷଲତା ପ୍ରତିକୂଳ ବାତାବରଣରେ ପୂର୍ଣ୍ଣ ବିକଶିତ, ପଲ୍ଲବିତ, ପୁଷ୍ପିତ ହୋଇପାରିନାହିଁ ବୋଲି ଆମର ଅନୁଭୂତ ହେଉଛି, ଆହୁରି ଆହୁରି ଜଳ ଓ ଯତ୍ନ ଦାନରେ ସେ ସବୁକୁ ସତେଜ କରି ରଖିବା ଆମ ଦାୟିତ୍ୱ। ଅସଂଖ୍ୟ ଛାତ୍ରଛାତ୍ରୀ, ଶିଶୁ, ନାବାଳକ, ସାବାଳକ ସମସ୍ତଙ୍କ ମଧ୍ୟରେ ଭରିଦେବା ଅଗଣିତ ସ୍ୱପ୍ନର ଉପାଦାନ, ଯାହା ତାଙ୍କୁ ଜାଗ୍ରତ କରି ରଖିବ ଦେଶ ଗଠନ ପାଇଁ। ଜଣେ ବ୍ୟକ୍ତି ଟ୍ରେନରେ ଗଲାବେଳେ କେତେ ଗଛର ମଞ୍ଜି ଝରକା ଦେଇ ବାହାରକୁ ନିକ୍ଷେପ କରିଦିଅନ୍ତି। କିଛିଦିନ ପରେ ସେସବୁ ମଧ୍ୟରୁ ଅନେକ ଜଣାଅଜଣା ବୃକ୍ଷ ପତ୍ର ମେଲିଦେବ ନିଶ୍ଚିତ ଭାବରେ। ଏଇ ଆଶା ଟିକକ ହିଁ ତ ମଣିଷର ଶ୍ରେଷ୍ଠ ସମ୍ବଳ। ଗାନ୍ଧିଜୀ ପ୍ରାତଃଭ୍ରମଣ ବେଳେ ପ୍ରତିଦିନ ରାସ୍ତାର ଏକ ଅସମାନ୍ତର ସ୍ଥାନରେ ମୁଠାଏ ଗୋଡ଼ି ପକାଇ ଦିଅନ୍ତି। କିଛିଦିନ ପରେ ରାସ୍ତା ହୋଇଗଲା ସମାନ। ଏହି ସମାନତା ଆଣିବା ପାଇଁ କେବଳ ଆବଶ୍ୟକ ନିରୁତା ଆନ୍ତରିକତା। ନିବିଡ଼ ଆତ୍ମୀୟତା। ନିଜ ଦେଶ, ରାଜ୍ୟର ମଣିଷ ପ୍ରତି ନିଃସର୍ତ୍ତ ସ୍ନେହଶୀଳତା। ତାହା ପ୍ରତ୍ୟେକଙ୍କ ଅନ୍ତରରେ ସନ୍ନିହିତ।

ଏହି ପୃଷ୍ଠଭୂମିରେ ମନେପଡ଼େ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜୀବନର ଅନ୍ତିମ ମୁହୂର୍ତ୍ତର କିଛି ଭାବଗମ୍ଭୀର ଶବ୍ଦ। ମୃତ୍ୟୁ ତାଙ୍କୁ ସମ୍ପୂର୍ଣ୍ଣ କୋଳାଗ୍ରତ କରିବାର କିଛିକ୍ଷଣ ପୂର୍ବରୁ ସେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ପଚାରୁଛନ୍ତି - 'ମୁଁ ଜାଣିବାକୁ ଚାହୁଁଛି, ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିବା ପରି ଦେଶପ୍ରାଣ ଓଡ଼ିଆ ଲୋକମାନଙ୍କର ଅଭାବ ଓଡ଼ିଶାରେ ଦେଖାଯିବ ନାହିଁ ତ?' ୨୦୩୬ରେ ସ୍ୱୟଂସମ୍ପୂର୍ଣ୍ଣ ଓଡ଼ିଶାର ସ୍ୱପ୍ନ ସାକାର କରିବାର ପ୍ରସ୍ତୁତି ପଥରେ ଏହି ପ୍ରଶ୍ନ ସର୍ବାଦୌ ପ୍ରାସଙ୍ଗିକ। 'ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର କିଛି ବାର୍ତ୍ତା ଅଛି କି?' - ପଣ୍ଡିତ ନୀଳକଣ୍ଠଙ୍କ ଏହି ପ୍ରଶ୍ନରେ ମଧୁସୂଦନଙ୍କ ଉତ୍ତର ଥିଲା - 'ଓଡ଼ିଶାର ନିର୍ମଳ ଲୋକମାନଙ୍କୁ କହିବ ଯେ ସେମାନେ ସବୁବେଳେ ସେମାନଙ୍କ ଅନ୍ତରକୁ ନିର୍ମଳ ରଖିବେ। ତା' ହେଲେ ସେମାନଙ୍କ ଅନ୍ତରାତ୍ମା ପବିତ୍ର ରହିବ।' ଉତ୍କଳଗୌରବଙ୍କ ଦୃଷ୍ଟିରେ ସେହି 'ନିର୍ମଳ ଲୋକମାନଙ୍କର' ଆବିଷ୍କାର ହିଁ ଆଜି ସବୁଠାରୁ ଆହ୍ୱାନପୂର୍ଣ୍ଣ। ଏହି 'ନିର୍ମଳ ଲୋକମାନଙ୍କ' ଉପରେ ଆସ୍ଥାଶୀଳ ହୋଇ ପୁନଃନିର୍ମାଣ ପଥର ଯାତ୍ରୀ ହେବା ପାଇଁ ଦରକାର ଛଦ୍ମତା ବିହୀନ ଆନ୍ତରିକତା।

ପରସ୍ପର ପ୍ରତି ଈର୍ଷା, ଅସୂୟା, ଅହଂକାର ନୁହେଁ, ନିର୍ବିଚାର ଭାବରେ ଉତ୍ତାଳ ସମୁଦ୍ର ପରି ଶୁଷ୍କ ବେଳାଭୂମିକୁ ମମତାପ୍ଳୁତ କରିଦେବାର ଶକ୍ତି କେହି କାହାଠାରୁ ଛଡ଼ାଇ ନେଇପାରିବେ ନାହିଁ। ଯାହା ମହାକାଳ ମଧ୍ୟ ଧ୍ୱଂସ କରିଦେବାରେ ସମର୍ଥ ନୁହେଁ, ସେଇ ବିରଳ କଳା ଓ କାରିଗରୀ ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ବଳ। ତା'ର ସୀମା ନାହିଁ। ତେଣୁ ସମ୍ଭାବନାର ଅନ୍ତଃ ଘଟିପାରେନା କେବେ ବି। ଆଜିର ପରିପ୍ରେକ୍ଷୀରେ ଅବିଶ୍ରାନ୍ତ ଭାବରେ ଓଡ଼ିଶାର ପୁନର୍ଗଠନ ହିଁ ହେଉ ଆମର ଶ୍ରେଷ୍ଠ ସ୍ୱପ୍ନ, ସର୍ବୋତ୍ତମ କର୍ତ୍ତବ୍ୟ।(ସମାପ୍ତ) ●

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)
ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

# ଭଙ୍ଗା ହୃତ୍‌ପିଣ୍ଡକୁ ଯୋଡୁଥିବା ଅକସିଟୋସିନ୍

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ମସ୍ତିଷ୍କର 'ହାଇପୋଥାଲାମସ୍'ରେ ଉତ୍ପନ୍ନ ହେଉଥିବା 'ଅକ୍ସିଟୋସିନ୍'କୁ ଆମେ 'ପ୍ରେମ ହର୍ମୋନ୍' ବୋଲି କହୁ। କାରଣ ଏହା କେବଳ ଶିଶୁର ଜନ୍ମ ପ୍ରକ୍ରିୟା ଏବଂ ମା'ଠାରେ କ୍ଷୀରର କ୍ଷରଣ ସହ ସଂପୃକ୍ତ ନୁହେଁ। ସେଥିସହିତ ସାମାଜିକ ବନ୍ଧନ, ଯୌନ ଆଚରଣ, ପ୍ରେମ ଏବଂ ବିବିଧ ଆନନ୍ଦଦାୟୀ ଅନୁଭବ ମଧ୍ୟ ସୃଷ୍ଟି କରେ। କିନ୍ତୁ ଏବେ ଗବେଷକମାନେ ସେଥିରେ ଆବିଷ୍କାର କଲେଣି ଏକ ଆଶତୀତ ଗୁଣ। ତାହା ହେଲା ଭଙ୍ଗା ହୃତ୍‌ପିଣ୍ଡର ମରାମତି। ସେମାନଙ୍କ ଅଧ୍ୟୟନ ଅନୁସାରେ କାଣ୍ଡକୋଷିକାମାନଙ୍କୁ ହୃଦ୍‌ଘାତରେ କ୍ଷତିଗ୍ରସ୍ତ ହୋଇଥିବା ହୃତପିଣ୍ଡକୁ ସଜାଡ଼ିବା ଏବଂ ତାର ସଙ୍କୋଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା 'କାର୍ଡିଓମାଇଓସାଇଟସ୍' ନାମକ ମାଂସପେଶୀରୁ ଜୀବକୋଷମାନଙ୍କ ବିକାଶକୁ ଉଦ୍ଦୀପିତ କରେ।

ହୃତ୍‌ପିଣ୍ଡ ଯଥେଷ୍ଟ ଅମ୍ଳଜାନ ପ୍ରାପ୍ତ ନ ହେଲେ ଏଗୁଡ଼ିକ ମୃତ୍ୟୁବରଣ କରନ୍ତି। ଅବଶ୍ୟ, 'ଏପିକାର୍ଡିୟମ୍-ଡେରାଇଭଡ୍ ପ୍ରୋଜେନିଟର୍ ସେଲସ୍' କୁହାଯାଉଥିବା କାଣ୍ଡକୋଷିକା ସଦୃଶ୍ୟ ଜୀବକୋଷମାନଙ୍କ ଦ୍ୱାରା ତାହାର ପୁନରୁତ୍ପତ୍ତି ହୋଇପାରେ। କିନ୍ତୁ ମଣିଷର ଏ ସାମର୍ଥ୍ୟ ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ତା'ର କ୍ଷତିଗ୍ରସ୍ତ ହୃତପିଣ୍ଡ ଜୀବକୋଷଗୁଡ଼ିକୁ କ୍ଷତଗ୍ରସ୍ତ ତନ୍ତୁକୁ ରୂପାନ୍ତର କରେ। ଏହି ଅସ୍ଥାୟୀ ସମାଧାନ ପରବର୍ତ୍ତୀ ସମୟରେ ହୃତପିଣ୍ଡ ଅକାମୀ ହେବାର କାରଣ ହୋଇପାରେ। ସେଥିପାଇଁ ମିଚିଗାନ୍ ରାଜ୍ୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏଇଟର୍ ଆଗୁଇରେ ମଣିଷଠାରେ ହୃତପିଣ୍ଡର କାର୍ଯ୍ୟ ସାମାନ୍ୟ କରିବା ଲାଗି 'କାର୍ଡିଓ ମାଇଓସାଇଟସ୍'ର ପୁନରୁତ୍ପତ୍ତି କରିବା ପାଇଁ ଉପାୟଟିଏ ଆବିଷ୍କାର କରିବାକୁ ମନ ବଳାଇଲେ। ତାଙ୍କ ଗବେଷଣାରେ କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡର ଉପଶମନ ପାଇଁ ସେ ମସ୍ତିଷ୍କ ଉପରେ ଧ୍ୟାନ ଦେଲେ। ଏହାର ହାଇପୋଥାଲାମସ୍ ଏବଂ ପିଟ୍ୟୁଟାରୀ ଭଳି ସ୍ନାୟବିକ ସଂରଚନାଗୁଡ଼ିକ ବିଭିନ୍ନ ହରମୋନ୍‌ର କ୍ଷରଣ ଘଟାଇ ଆମ ହୃତ୍‌ସ୍ପନ୍ଦନ ହାର ଏବଂ ରକ୍ତଚାପ ଭଳି ହୃଦ୍‌ବାହିନୀ କ୍ରିୟାକଳାପକୁ ନିୟନ୍ତ୍ରଣ କରନ୍ତି।

ଅନ୍ୟପକ୍ଷରେ, ଜେବ୍ରା ମାଛ ଉପରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହାର ଅନେକ ହର୍ମୋନ୍ ହୃତପିଣ୍ଡ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି। ଉଦାହରଣ ସ୍ୱରୂପ ଏଷ୍ଟ୍ରୋଜେନ୍ ଏହାକୁ କ୍ଷିପ୍ର କଲା ବେଳେ 'କୋର୍ଟିସଲ' ଏହାକୁ ହ୍ରାସ କରେ। ପୁନଶ୍ଚ ଆଫ୍ରିକାର କେତେକ ଜାତିର ବେଙ୍ଗଛୁଆଙ୍କଠାରେ ହୋଇଥିବା ପରୀକ୍ଷାରୁ ହାଇପୋଥାଲାମସ୍‌ରେ କ୍ଷତ ହେଲେ ହୃତପିଣ୍ଡ ପୁନର୍ବିନ୍ୟାସ ବାଧାପ୍ରାପ୍ତ ହେବାର ଜଣାପଡ଼ିଛି। ଏହି ସବୁ ବିଚାରକୁ ନେଇ ଆଗୁଇରେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ମସ୍ତିଷ୍କ ଏହାର ପୁନର୍ବିନ୍ୟାସକୁ ସୁଗମ କରିବାକୁ ବିବିଧ ହରମୋନ୍‌ର କ୍ଷରଣ ଘଟାଏ।

ସେ ଓ ତାଙ୍କର ସହଯୋଗୀମାନେ ଏପ୍ରକାର ୧୫ ଟି ଚିହ୍ନଟ କରିପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଗ୍ରୋଥ୍ ହର୍ମୋନ୍' (ମାଂସପେଶୀ ପୁନଃବିନ୍ୟାସକାରୀ), ପ୍ରୋଲାକଟିନ୍ (ମୂଷାମାନଙ୍କ ଠାରେ ବୃକ୍‌କ ପୁନର୍ବିନ୍ୟାସ ନିୟନ୍ତ୍ରକ) ଏବଂ ଅକ୍ସିଟୋସିନ୍ (ମାଂସପେଶୀର ସୁରକ୍ଷା ଏବଂ ପୁନର୍ବିନ୍ୟାସ ପାଇଁ ଲୋଡ଼ା)। ଆଗୁଇରେ ଓ ତାଙ୍କ ସହଯୋଗୀମାନେ ଏହି ହର୍ମୋନ୍‌ଗୁଡ଼ିକୁ ଏପିପିକ୍‌ସରେ ମିଶାଇ ତାହା ହୃତପିଣ୍ଡର ପୁନର୍ବିନ୍ୟାସ କରିପାରନ୍ତି କି ନାହିଁ, ତାହା ପରୀକ୍ଷା କରିବାକୁ ଲାଗିଲେ। ଫଳରେ ସେମାନେ ଦେଖିବାକୁ ପାଇଲେ ଯେ ଏଥିମଧ୍ୟରେ ସବୁଠାରୁ ଶକ୍ତିଶାଳୀ ପ୍ରଭାବଥିଲା 'ଅକ୍ସିଟୋସିନ୍'ର। ଏହା ଏପିପିକ୍‌ମାନଙ୍କର ଦ୍ରୁତ ଉତ୍ପାଦନ କରିବାର ଦକ୍ଷତା ଅନ୍ୟମାନଙ୍କ ତୁଳନାରେ ୩ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିବାର ଦେଖାଗଲା। ସେମାନେ ତତ୍ପରେ ଏକ ସଜୀବଠାରେ ହୃତପିଣ୍ଡର ପୁନର୍ବିନ୍ୟାସ ପାଇଁ 'ଅକ୍ସିଟୋସିନ୍' ର ଭୂମିକା ସଂପର୍କରେ ଅଧିକ ଗବେଷଣା କରିବାକୁ ଚାହିଁଲେ। ସେଥିପାଇଁ ସେମାନେ ଜେବ୍ରାମାଛକୁ ବାଛିଲେ। କାରଣ ଏହାର ମସ୍ତିଷ୍କ ରେଟିନା ଆଦି ଆଭ୍ୟନ୍ତରୀଣ ଅଙ୍ଗ, ହାଡ଼ ଓ ଚର୍ମ ଆଦି ପୁନର୍ବିନ୍ୟାସ କରିବାର ଅସାଧାରଣ ଦକ୍ଷତା ରହିଛି। ସେଥିପାଇଁ ସେମାନଙ୍କୁ ହୃଦ୍‌ଘାତ ହୁଏ ନାହିଁ। ପୁନଶ୍ଚ ସେମାନେ ଏଥିପାଇଁ ମଣିଷ ଭଳି ଏପିପିକ୍‌ଙ୍କ ଉପରେ ନିର୍ଭର କରନ୍ତି।

ପରୀକ୍ଷାରେ ଗବେଷକମାନେ ଜେବ୍ରା ମାଛର ହୃତସ୍ପନ୍ଦନ ଦେଖିବା ପାଇଁ ତା' ଛାତିକୁ ଚିରିଦେଲେ। ତତ୍ପରେ ଧୀରେ ଧୀରେ ଏକ ତରଳ ଯବକ୍ଷାରଜାନ ଦ୍ୱାରା ହିମୀକୃତ ଧାତବ ପରୀକ୍ଷା ଯନ୍ତ୍ରକୁ ହୃତପିଣ୍ଡକୁ ଛୁଆଁଇ ୪୫ ସେକେଣ୍ଡ ପାଇଁ ରଖିଲେ। ଶେଷରେ ସେମାନେ ଚିରା ସ୍ଥାନକୁ ବନ୍ଦ କରିଦେଲେ ଏବଂ ମାଛଟିକୁ 'ଆକ୍ୟୁଆରମ୍' ମଧ୍ୟରେ ଛାଡ଼ିଦେଲେ। ଫଳରେ କ୍ଷତ ହେବାର ତିନିଦିନ ମଧ୍ୟରେ ତା' ମସ୍ତିଷ୍କରେ 'ଅକ୍ସିଟୋସିନ୍' ୧୮ ଗୁଣ ବୃଦ୍ଧି ପାଇବାର ଦେଖାଗଲା। ଏହା ୭ ଦିନ ଧରି ଚାଲିଲା। ଏଥିରୁ ଜଣାପଡ଼ିଲା ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ଏକ ନିର୍ଦ୍ଦିଷ୍ଟ ସମୟ ଧରି ମସ୍ତିଷ୍କ ରକ୍ତସ୍ରୋତ ମଧ୍ୟକୁ ପ୍ରଚୁର 'ଅକ୍ସିଟୋସିନ୍'ର ପ୍ରବାହ ଘଟାଏ। ହୃତପିଣ୍ଡ ତନ୍ତୁର ପୁନର୍ବିନ୍ୟାସ ଲାଗି ଏହି ପ୍ରେମହର୍ମୋନର ଆବଶ୍ୟକତା ନିଶ୍ଚିତ କରିବା ପାଇଁ ଗବେଷକମାନେ କିଛି ଜେବ୍ରାମାଛଙ୍କ ହୃତପିଣ୍ଡ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କୁ 'ଅକ୍ସଟୋସିନ୍' ପ୍ରତିରୋଧକ ଇଂଜେକସନ୍ ଦେଲେ। ଫଳରେ ସମୟକ୍ରମେ କ୍ଷତଗୁଡ଼ିକ ଶୁଖିଲା, କିନ୍ତୁ ତହିଁରେ ବହୁସଂଖ୍ୟାକ ଦାଗଯୁକ୍ତ ତନ୍ତୁମାନ ଦେଖାଗଲା। ଅତଏବ ହୃତପିଣ୍ଡ ପୂର୍ବାବସ୍ଥାକୁ ଫେରିଆସିଲା ନାହିଁ।

ଏହି ଫଳାଫଳ ପ୍ରଦର୍ଶନ କଲା ଯେ 'ଅକ୍ସିଟୋସିନ୍' ଦ୍ୱାରା ଏପିପିକ୍ ଉତ୍ପାଦନ ପ୍ରକ୍ରିୟାର ତ୍ୱରାନ୍ୱିତ ହୁଏ, ଯାହାକି ହୃତପିଣ୍ଡର ମରାମତିରେ ସହାୟତା କରେ। ମଣିଷଠାରେ ଏ ସାମର୍ଥ୍ୟ ରହିଛି ସୀମିତ ମାତ୍ରାରେ। ତଥାପି ଏହାଦ୍ୱାରା ତା'ର ହୃଦ୍‌ଘାତ ପରବର୍ତ୍ତୀ ଚିକିତ୍ସା କରାଯାଇ ପାରିବାର ସମ୍ଭାବନା ରହିଛି। ଏଥିପାଇଁ ଏବେ ନାନାପ୍ରକାର ଔଷଧ ପ୍ରସ୍ତୁତି ଲାଗି ଉଦ୍ୟମ ଚଳାଇଛନ୍ତି ଗବେଷକମାନେ। ତାହା 'ଅକ୍ସିଟୋସିନ'ର କ୍ଷରଣ ଘଟାଇ ଏ ପ୍ରକ୍ରିୟାକୁ ଦ୍ରୁତ ଏବଂ ଅଧିକ ଫଳପ୍ରସୂ କରିବ ବୋଲି ଆଶା। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୭୦

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର

**ଚାରଣ ବସନ୍ତ ପଣ୍ଡା**

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**



ସମଗ୍ର ଭୂମିଖଣ୍ଡ ଯାହାଙ୍କ ଚରଣ, ଅନ୍ତରୀକ୍ଷ ଯାହାଙ୍କ ନାଭି, ଦଶଦିଶ ଯାହାଙ୍କ କର୍ଣ୍ଣ, ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କ ନୟନ ଯୁଗଳ, ସ୍ୱର୍ଗଲୋକ ଯାହାଙ୍କ ମସ୍ତକ, ସେହି ତ୍ରିଲୋକବ୍ୟାପୀ ପରମେଶ୍ୱର ପୁରୁଷୋତ୍ତମଙ୍କ ବାସଯୋଗ୍ୟ ମନ୍ଦିର ନିର୍ମାଣ କରିବାକୁ କେଉଁମାନେ ସମର୍ଥ ହେବେ? ଏହାଭାବି ବୋଧହୁଏ ପୂର୍ବର ନରପତିମାନେ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣରେ ଉପେକ୍ଷା କରିଥିଲେ। କିନ୍ତୁ ଚୋଡ଼ଗଙ୍ଗ ଦେବ ଶ୍ରୀପୁରୁଷୋତ୍ତମଙ୍କ ମହାମନ୍ଦିର ନିର୍ମାଣ କରାଇଦେଲେ। ତେବେ ପ୍ରଶ୍ନ ଉଠେ ଅନନ୍ତବର୍ମ ଚୋଡ଼ଗଙ୍ଗ (ଖ୍ରୀଷ୍ଟାବ୍ଦ. ୧୦୭୮-ଖ୍ରୀଷ୍ଟାବ୍ଦ.୧୧୪୭) ୨୧୩ଫୁଟ ୮ଇଞ୍ଚ(ପ୍ରାୟ) ଉଚ୍ଚ ମହାମନ୍ଦିର ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ପାଇଁ ସମୁଦ୍ର କୂଳରେ ନିର୍ମାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା? ମହାବିଷ୍ଣୁ ଶ୍ରୀପୁରୁଷୋତ୍ତମଙ୍କ ପାଇଁ ଏ ମହାମନ୍ଦିର (ଶ୍ରୀବସ୍ତ୍ର ଖଣ୍ଡାଶାଳ) ନିର୍ମାଣ ପାଇଁ କେଉଁ ସୂତ୍ରରୁ ବିପୁଳ ଧନରାଶି ସେ ସଂଗ୍ରହ କରିଥିଲେ? ଆପଣାର ବାହୁବଳରେ ଅର୍ଜନ କରିଥିବା ସେ ବିପୁଳ ଧନ ରାଶି ତତ୍କାଳୀନ ସମୟେ କେଉଁଠାରେ ଗଚ୍ଛିତ କରି ରଖିଥିଲେ ? ଏ ସବୁର ଉତ୍ତର ପାଇଁ ଫେରିଯିବାକୁ ପଡ଼ିବ ଓଡ଼ିଶା ଇତିହାସର କୁକ୍ଷି ମଧ୍ୟକୁ।

ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଥିଲେ ସମରନିପୁଣ। ଉତ୍କଳର ସୋମବଂଶୀ ଓ ବେଙ୍ଗୀ ରାଜ୍ୟର ଚାଲୁକ୍ୟ ରାଜାଙ୍କ ସମେତ ଅନ୍ୟାନ୍ୟ ରାଜାମାନଙ୍କୁ ପରାସ୍ତ କରି ଅପାର ଧନ ରାଶି ଲାଭ କରିଥିଲେ। ସମରଲବ୍ଧ ଧନକୁ କେବଳ ଧର୍ମ କାର୍ଯ୍ୟରେ ବିନିଯୋଗ କରିବା ଶାସ୍ତ୍ରସମ୍ମତ। ତେଣୁ ସେହି ଧନସମ୍ପଦକୁ ମନ୍ଦିର ନିର୍ମାଣରେ ବିନିଯୋଗ କଲେ। ପୂର୍ବେ ଧନରତ୍ନର ସୁରକ୍ଷା ନିମନ୍ତେ ଭୂଗର୍ଭରେ ଭଣ୍ଡାର ନିର୍ମାଣ କରାଯାଉଥିଲା। ଚୋଡ଼ଗଙ୍ଗ ସେହିପରି ଗୋଟାଏ ଭଣ୍ଡାର ନିର୍ମାଣ କରାଇ ସେଥିରେ ପ୍ରଚୁର ଧନ ରଖି ତାଙ୍କ ଗୁରୁଙ୍କ ଜିମାରେ ଦେଇ ବଡ଼ ଦେଉଳ ନିର୍ମାଣ କାର୍ଯ୍ୟରେ ବ୍ୟୟ କରିବାକୁ ସ୍ଥିର କଲେ। ବର୍ତ୍ତମାନ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଯେଉଁ 'ସୁନା କୂଅ' ଅଛି ତାହା ହିଁ ଭଣ୍ଡାର ହୋଇଥିଲା। ତାହାର ସୁରକ୍ଷା ସକାଶେ ଦେବୀ ଶୀଳତା ମାଁଙ୍କୁ ସେଠାରେ ସ୍ଥାପନା କରାଯାଇଥିଲା(ଉତ୍କଳ ପ୍ରସଙ୍ଗ/ ରଥ ବିଶେଷାଙ୍କ/ ୨୦୦୨/ଡ଼ଃ. ସତ୍ୟ ନାରାୟଣ ରାଜଗୁରୁ/ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ଓ ମନ୍ଦିର ପ୍ରତିଷ୍ଠା)। ଏହା ହିଁ ବୋଧେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରଥମ ରତ୍ନଭଣ୍ଡାର। ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର କେବଳ ବିମାନ ଓ ଜଗମୋହନ ନିର୍ମାଣ କରିଥିଲେ। ଉକ୍ତ ମନ୍ଦିର କ୍ରମାଙ୍କ ନଂ -୮, ପ୍ଲଟ ନଂ -୫ରେ ବାହାର ଭଣ୍ଡାର ଓ ସେହି କ୍ରମାଙ୍କ ପ୍ଲଟ ନଂ:-୬ରେ ଭିତର ଭଣ୍ଡାର ରହିଛି। ସେଠାରେ ବିପୁଳ ପରିମାଣର ହୀରା, ଲୀଳା, ମୋତି, ମାଣିକ୍ୟ, ସୁନା, ରୁପା, ତମ୍ବା, ପିତଳର ବହୁମୂଲ୍ୟ ପଦାର୍ଥମାନ ଗଚ୍ଛିତ କରି ରଖା ଯାଇଥିଲା। ଶ୍ରୀପୁରୁଷୋତ୍ତମଙ୍କ ଉପାସନା ନିମନ୍ତେ ତତ୍କାଳୀନ ଶାସକ/ ବିତ୍ତଶାଳୀ ସମାଜ ଶ୍ରେଷ୍ଠୀ/ରାଜ କର୍ମଚାରୀ ଧନ ରତ୍ନ ଦାନ ସୂତ୍ରରେ ଦେଇଥିବା ଶ୍ରୀନୃସିଂହ ମନ୍ଦିର ଶିଳାଲେଖ, ମାଦଳା ପାଞ୍ଜି, ଡ଼ଃ. ସତ୍ୟ ନାରାୟଣ ରାଜଗୁରୁଙ୍କ ଆଲେଖ୍ୟରୁ ପ୍ରମାଣ ମିଳେ।

ରତ୍ନଭଣ୍ଡାର ଦୁଇକୋଠରି ବିଶିଷ୍ଟ। ବାହାର ଭଣ୍ଡାର, ଯାହାର ଆନୁମାନିକ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୦ ଫୁଟରେ ୨୦ ଫୁଟ ଥିବାବେଳେ ଭିତରଭଣ୍ଡାର ସେହିକ୍ରମରେ ୪୦ ରେ ୪୦ ଫୁଟ। ଏହାର ଭୂଇଁ ପ୍ରସ୍ତର ନିର୍ମିତ ହୋଇଥିବା ବେଳେ ଛାତ ଢଳେଇ ଦ୍ୱାରା ଆବୃତ। ଭିତର ଭଣ୍ଡାରର ପୂର୍ବ ଓ ପଶ୍ଚିମ ଦିଗରେ ଦୁଇଟି ଗୋଲାକାର ରନ୍ଧ୍ର ରହିଛି। ପୂର୍ବେ ଏହି ରନ୍ଧ୍ର ଜରିଆରେ ଶ୍ରୀପୁରୁଷୋତ୍ତମଙ୍କ ଭଣ୍ଡାରରକ୍ଷକ ସର୍ପମାନଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରଦାନ କରାଯାଉ ଥିବାର ଶୁଣାଯାଏ। ମାତ୍ର ଅଧୁନା ସେବ୍ୟବସ୍ଥା ନାହିଁ।

ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଗଜପତି ଭାନୁଦେବ( ୪ର୍ଥ) ଙ୍କ ପର୍ଯ୍ୟନ୍ତ ଦୀର୍ଘ ୨୦୦ବର୍ଷର ଗଙ୍ଗବଂଶୀଙ୍କ ଶାସନ ସମୟେ ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାରକୁ ପ୍ରଦାନ କରାଯାଇଥିବା ମହାର୍ଘ୍ୟ ସମ୍ଭାରର ହିସାବ ଫର୍ଦ୍ଦ (ସାମାନ୍ୟ ଭାବେ କିଛିର ସୂଚନା କେବଳ ମାଦଳାପାଞ୍ଜିର ରାଜଭୋଗ ଇତିହାସରେ ଉଲ୍ଲେଖ ଅଛି) ଅଧୁନା ଦେଖିବାକୁ ମିଳେ ନାହିଁ। ସମୟ ଆସିଛି ଯେତେବେଳେ ଧର୍ମକୁ ରାଜନୀତି ସହିତ ସଂପୃକ୍ତ କରାଯାଇଛି ସେତେବେଳେ ଶ୍ରୀପୁରୁଷୋତ୍ତମ ବୋଲାଇଛନ୍ତି ସମଗ୍ର ଗଙ୍ଗ ସାମ୍ରାଜ୍ୟର ଅଧୀଶ୍ୱର। ଏହାପରେ ଠାକୁର ହୋଇଗଲେ 'ରାଜା', ରାଜା ବୋଲାଇଲେ 'ଠାକୁରରାଜା'। ଠାକୁର ହୋଇଗଲେ 'ସେବ୍ୟ'। ରାଜା ବୋଲାଇଲେ 'ସେବକ'। ଆରମ୍ଭ ହେଲା 'ସ୍ୱରାଟ ରାଟ' ସେବା। ସେତେବେଳେ ମହାପ୍ରଭୁଙ୍କ ଉପାସନା କ୍ଷେତ୍ରରେ ଦେଖାଦେଲା 'ରାଜକୀୟଆଡ଼ମ୍ବର'। ଅର୍ଥାତ୍ ଜଣେ ସମ୍ରାଟଙ୍କ ସେବା ନିମନ୍ତେ ରାଜପ୍ରାସାଦରେ ଯେଉଁପରି ଖଞ୍ଜା ହେଉଥିଲା ତା'ର ଅନୁରୂପ ବ୍ୟବସ୍ଥା ରହିଲା। କାଳକ୍ରମେ ପୂରି ଉଠିଛି ମହାପ୍ରଭୁଙ୍କ ୫୨ କୋଟି ରତ୍ନଭଣ୍ଡାର(ଗଜପତି ରାଜାଙ୍କ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଓଡ଼ିଶାର ରାଜାମାନଙ୍କ ଦାନ - ଡ଼ଃ. ସତ୍ୟ ନାରାୟଣ ରାଜଗୁରୁ /ପାଞ୍ଚଜନ୍ୟ/୮ମବର୍ଷ/୨ୟ୩ୟ ସଂଖ୍ୟା/ଦଶହରା ବିଶେଷାଙ୍କ/୧୯୮୭ ଦ୍ରଷ୍ଟବ୍ୟ)।

ଇତିହାସ କୁହେ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ନିଃଶ୍ୱାସ ମଧ୍ୟରେ ବିଧର୍ମୀମାନଙ୍କ ସାମ୍ରାଜ୍ୟ ବିସ୍ତାର, ଧନ ଲିପ୍ସା ଓ ଧର୍ମାନ୍ଧତାର ଶିକାର ହୋଇଛି ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର। ପ୍ରାୟ ପନ୍ଦର ଥର ଲୁଣ୍ଠିତ ହୋଇଛି ଓଡ଼ିଆ ଜାତିର ଐତିହ୍ୟର ଐଶ୍ୱର୍ଯ୍ୟ। ବିଧର୍ମୀମାନଙ୍କ ଆକ୍ରମଣ ସହିତ କେଶୋଦାସ ମାରୁ ପରି ହିନ୍ଦୁ ମଧ୍ୟ ବିବେକକୁ ଭୁଲି ଲୁଣ୍ଠନ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ପ୍ରଥମେ ରକ୍ତବାହୁ, ତା' ପରକୁ ପର ବଙ୍ଗ ସୁଲତାନ ଇଲିୟାସ ଶାହ, ଫିରୋଜ ତୋଗଲକ, ଇସମାଇଲି ଗାଜି, କଳାପାହାଡ଼, ସୁଲେମାନ ଓ ଓସମାନ, ମିର୍ଜା ଖୁରୁମ, ହାସିମ ଖାଁ, କେଶୋଦାସ, କଲ୍ୟାଣ ମଲ୍ଲ, ମକରାମ ଖାଁ, ମିର୍ଜା ଅହମ୍ମଦ ବେଗ ଖାଁ, ଅମିର ଫତେ ଖାଁ, ଏକ ରାମ ଖାଁ, ମହମ୍ମଦ ତକିଆ ଖାଁ ଆକ୍ରମଣ ଓ ଲୁଣ୍ଠନ କରିଛନ୍ତି ରତ୍ନଭଣ୍ଡାର। ସବୁଠାରୁ ବର୍ବରୋଚିତ, ଲୋମହର୍ଷଣକାରୀ ଆକ୍ରମଣ ତଥା ଲୁଣ୍ଠନ ଥିଲା ବଙ୍ଗ ସୁଲତାନ ସୁଲେମାନ କରନିର ଅନ୍ୟତମ ସେନାପତି କଳାପାହାଡ଼(ହିନ୍ଦୁରୁ ମୁସଲମାନ ହୋଇଥିବା)ର। ଥରି ଉଠିଥିଲା ଓଡ଼ିଆ ଜାତିର ଅସ୍ଥି ପଞ୍ଜରା। ଆକ୍ରମଣରେ ସାମିଲ୍ ଥିବା ସୈନିକମାନେ ପ୍ରତ୍ୟେକେ ଗୋଟିଏ/ଦୁଇଟି ସୁବର୍ଣ୍ଣ ପ୍ରତିମା ପାଇଥିବା ଇତିହାସ କୁହେ। ତନ୍ମଧ୍ୟରୁ ସବୁଠାରୁ ବଡ଼ ପ୍ରତିମାର ଓଜନ ଥିଲା ୩୦ ମହଣ।(କ୍ରମଶଃ...) ●

ନୟାଗଡ଼, ମୋ: ୯୨୩୭୦୯୫୨୪୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହୋମିଓପାଥିକ ମେଡିକାଲ କଲେଜରେ ଅବସରପ୍ରାପ୍ତ କର୍ମଚାରୀ ନିଯୁକ୍ତି ପ୍ରସଂଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୮ ।୭ (ସମିସ): ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ପଦରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ପାଇଁ ସୁଯୋଗ ଦିଆଯିବା ଓ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡାକ୍ତର ଭାରତୀ ତ୍ରିପାଠୀ ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆୟୁଷ ନିର୍ଦ୍ଦେଶାଳୟ ଗତ ଜୁନ ୧୮ ର ବିଜ୍ଞପ୍ତି ଆଧାରରେ କୌଣସି ନିଯୁକ୍ତି ସଂକ୍ରାନ୍ତ ପଦକ୍ଷେପ ଏହି ମାମଲାର ଚୂଡାନ୍ତ ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ସରକାରୀ ହୋମିଓପାଥିକ ମେଡିକାଲ କଲେଜରେ ଶିକ୍ଷକ ନିଯୁକ୍ତି ସଂପର୍କିତ ନିୟମାବଳୀ ଏ ପର୍ଯ୍ୟନ୍ତ ଚୂଡାନ୍ତ ହୋଇ ନଥିବାରୁ ସରକାର ଏହି ସବୁ ପଦରେ ନିୟମିତ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ନେଇ ନାହାନ୍ତି। ଏଣୁ ଏ ସଂକ୍ରାନ୍ତରେ ସରକାରଙ୍କୁ ଜବାବ ରଖିବାକୁ ଦୁଇ ସପ୍ତାହ ମହଲତ ପ୍ରଦାନ କରିଛନ୍ତି ଅଦାଲତ। ଜୁଲାଇ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ଚୁକ୍ତିଭିତ୍ତିକ ପ୍ରଫେସର, ପ୍ରାଧ୍ୟାପକ ଓ ଅଧ୍ୟାପକ ପଦ ପୂରଣ ପାଇଁ ଜୁନ ୧୮ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବିଭିନ୍ନ ବିଭାଗରେ ୧୯ଟି ପ୍ରଫେସର, ୪୫ଟି ପ୍ରାଧ୍ୟାପକ ଓ ୧୭ଟି ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୬୪ବର୍ଷ ଧାର୍ଯ୍ୟ କରାଯାଇଥିଲା। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଯୁବ ବର୍ଗଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତଙ୍କ ମାଧ୍ୟମରେ ଏହି ସବୁ ପଦ ପୂରଣ ପାଇଁ ପଦକ୍ଷେପ ନିଆଯିବା ଗ୍ରହଣୀୟ ନୁହେଁ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ତ୍ରିଲୋଚନ ଦାଶ ମାମଲା ପରିଚାଳନା କରୁଛନ୍ତି।

# ମାଗଣା ଶିକ୍ଷା ପାଇଁ ୭୫% ଉପସ୍ଥାନ ଜରୁରୀ

ଭୁବନେଶ୍ୱର, ୮ ।୭ (ସମିସ): ଶିକ୍ଷାନୁଷ୍ଠାନରେ ଦୈନିକ ଉପସ୍ଥାନକୁ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ବାଇଓମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କରାଯିବା ଲାଗି ଯୋଜନା କରୁଛନ୍ତି ସରକାର। ଏହାସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯିବା ସହ ଉପସ୍ଥାନ କମିଲେ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧାରୁ ବାଦ୍ ଦିଆଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଏକ ଯୋଜନା ପ୍ରସ୍ତୁତ କରିଛି। ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନୀତି ଲାଗୁ ହୋଇଥିବାବେଳେ ପିଲାଙ୍କୁ ଶିକ୍ଷାମନସ୍କ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଅନେକ ବିସଂଗତି ପରିଲକ୍ଷିତ ହେଉଥିଲା। ତେଣୁ ଏବେ ଅଧ୍ୟାପକ ଅଧ୍ୟାପିକାଙ୍କ ପରି ପ୍ରତିଦିନ ଛାତ୍ରଛାତ୍ରୀମାନେ ମଧ୍ୟ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଶ୍ରେଣୀ ଗୃହରେ ୭୫ ପ୍ରତିଶତ ଉପସ୍ଥାନ ହେଉ ନ ଥିବା ପିଲାଙ୍କୁ ମାଗଣା ଶିକ୍ଷା ମିଳିବ ନାହିଁ। ନାମଲେଖା ଫି' ସାଙ୍ଗକୁ ଆନୁସଙ୍ଗିକ ଫି' ମଧ୍ୟ ଦାଖଲ କରିବାକୁ ପଡ଼ିବ। ନାମଲେଖା ସମୟରେ ହିଁ ୭୫ ପ୍ରତିଶତ ଉପସ୍ଥାନ ସହିତ ମାଗଣା ଶିକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀମାନେ ସମ୍ମତିପତ୍ର ଦେବେ ବୋଲି ଉଚ୍ଚଶିକ୍ଷା ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ନିଜର ଉପସ୍ଥିତି ସମ୍ପର୍କରେ ଦୈନିକ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଅନ୍ୟଥା ନାମଲେଖା ଫି' ଦାଖଲ କରିବେ ବୋଲି ନିଜର ସମ୍ମତି ଦେବାକୁ ପଡ଼ିବ।

**ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ବାଇଓମେଟ୍ରିକ୍**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ଚୁକ୍ତି ରଦ୍ଦ...

ହର୍ମୁଜ୍ ପ୍ରଣାଳୀରେ ସାମରିକ ଉତ୍ତେଜନା ମଧ୍ୟରେ ଓମାନ ପ୍ରସ୍ତାବିତ ଅସ୍ଥାୟୀ ଜଳପଥ ବ୍ୟବହାର କରିବାକୁ ଯାଉଥିବା ଏକ ଭାରତୀୟ ତୈଳବାହୀ ଜାହାଜକୁ ଇରାନ ଫେରାଇ ଦେଇଛି। ଇରାନ ନିଜେ ନିର୍ଦ୍ଧାରଣ କରିଥିବା ଜଳପଥ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି। ଖବର ଅନୁଯାୟୀ, ଓମାନ ଉପକୂଳ ଦେଇ ଯାଉଥିବା ଅସ୍ଥାୟୀ ଜଳପଥରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଜାହାଜକୁ ଇରାନର ସୁରକ୍ଷା ବାହିନୀ (ଆଇଆରଜିସି) ବେତାର ବାର୍ତ୍ତା ମାଧ୍ୟମରେ ଫେରିଯିବାକୁ କହିଥିଲା। ଏହି ଅସ୍ଥାୟୀ ଜଳପଥକୁ ଗତ ଜୁନ୍ ମାସରେ ଓମାନ ଏବଂ ଜାତିସଂଘର ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ ଉପସାଗରରେ ଅଟକିଥିବା ଜାହାଜଗୁଡ଼ିକର ସୁରକ୍ଷିତ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ଭାରତ, ଓମାନ, ଆମେରିକା କିମ୍ବା ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ କିଛି କୁହାଯାଇ ନାହିଁ।

### ବୁଡ଼ିଗଲା ୧୦ ଲକ୍ଷ...

ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାର ସକାଳେ ହ୍ରାସ ସହିତ ବଜାର ଖୋଲିଥିବାବେଳେ ଅପରାହ୍ନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ବିରତି ସମ୍ପର୍କିତ ବିବୃତ୍ତି ସେୟାର ବଜାରରେ ବଡ଼ ହ୍ରାସ ଘଟାଇଛି। ଏଥିଯୋଗୁ ଆଜି ସମସ୍ତ କ୍ଷେତ୍ରର ନିଫ୍ଟି ସୂଚକାଙ୍କ ତଳମୁହାଁ ରହିଥିଲା। ବ୍ୟାଙ୍କିଙ୍ଗ ଏବଂ ଏଫ୍ଏମ୍ସିଜି ଷ୍ଟକ୍ ସର୍ବାଧିକ ଚାପଗ୍ରସ୍ତ ଥିବାବେଳେ ପିଏସ୍ୟୁ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ନିଫ୍ଟି ସୂଚକାଙ୍କ ୨.୫%ରୁ ଅଧିକ ହ୍ରାସ ପାଇଛି। ନିଫ୍ଟି ବ୍ୟାଙ୍କ ସୂଚକାଙ୍କ, ନିଫ୍ଟି ଏଫ୍ଏମ୍ସିଜି ସୂଚକାଙ୍କ ଏବଂ ତୈଳ ଓ ଗ୍ୟାସ୍ ସୂଚକାଙ୍କ ୨%ରୁ ଅଧିକ ହ୍ରାସ ପାଇଛି। ଯଦିବା ସକାଳେ ବଜାର ନିମ୍ନ ସ୍ତରରେ କାରବାର ଆରମ୍ଭ କରିଥିଲା, କିନ୍ତୁ ଅପରାହ୍ନରେ ଏଥିରେ ଦ୍ରୁତ ଗତିରେ ସୁଧାର ଆସିଥିଲା। ଏହାବ୍ୟତୀତ ଯୁଦ୍ଧବିରତି ଶେଷ ହେବା ସହ ଅଶୋଧିତ ତୈଳ ମୂଲ୍ୟରେ ମଧ୍ୟ ୬% ବୃଦ୍ଧି ଘଟି ପୁଣି ଏହା ୭୫ ଡଲାର ପାଖାପାଖି ପହଞ୍ଚିଛି।

### ଆଜି ଆସୁଛନ୍ତି...

ମଧ୍ୟରେ ମାଛଧରି ପାରିବେ। ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ୍ୟ ମାଛଧରି ପାରିବେ। ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଏମ୍ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ। ଏହାଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ। ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ। ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ। ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୫ ଲକ୍ଷ ମତ୍ସ୍ୟଜୀବୀ ବଙ୍ଗୋପସାଗର ଉପରେ ପେଟପାଟଣା ପାଇଁ ନିର୍ଭର କରନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ପ୍ରାୟ ୨.୪ ଲକ୍ଷ ମେଟ୍ରିକ ଟନ ରହିଛି।

### ଯୁପିରୁ ବନ୍ଧାହେଲା...

ଆଜାଦ ନଗର ଅଞ୍ଚଳରେ ଥିବା ଏକ ଘରେ ଭଡ଼ା ରହୁଥିଲା। ଗତ ଜାନୁଆରୀ ୨୭ ତାରିଖ ଦିନ ସେହି କୋଠାର ପଞ୍ଚମ ମହଲାରେ ଦେଶୀୟ ଜ୍ଞାନକୌଶଳରେ ତିଆରି ବୋମା ବା ଆଇଇଡି ପ୍ରସ୍ତୁତ କରୁଥିବା ବେଳେ ବିସ୍ଫୋରଣ ହେଇଥିଲା। ବୋମା ବିସ୍ଫୋରଣରେ ଗୁରୁତର ହୋଇଥିବା ମୁଖ୍ୟ ଅଭିଯୁକ୍ତ ମଫି ଓ ତା'ର ମାଆ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମଫିର ବାନ୍ଧବୀ ଓ ସାଙ୍ଗ ଅମୀୟ ମଲ୍ଲିକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିଲେ। ଆରମ୍ଭରୁ ଏୟାରଫିଲ୍ଡ ଥାନା ତଦନ୍ତ କରୁଥିବା ବେଳେ ଆରଡିଏକ୍ସ ନମୁନା ମିଳିବା ପରେ ଏନ୍ଆଇଏ ତଦନ୍ତଭାର ନେଇଥିଲା।

ଏନ୍ଆଇଏର ଟିମ୍ ଏକାଧିକବାର ଘଟଣାସ୍ଥଳ ଓ ଏୟାରଫିଲ୍ଡ ଥାନାକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଜବତ ହୋଇଥିବା ଏକ ସ୍କୁଟିରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଆର୍ଥିକ କାରବାରର ତଦନ୍ତ ବେଳେ ରୋହନର ସଂପୃକ୍ତି ସାମ୍ନାକୁ ଆସିବା ପରେ ତାକୁ ଧରିବା ପାଇଁ ଉଦ୍ୟମ କରିଥିଲା। ହେଲେ ସେ ଘଟଣା ପରଠାରୁ ରାଜ୍ୟ ଛାଡ଼ି ପଳାଇଥିବା ଏନ୍ଆଇଏ ଜାଣିବାକୁ ପାଇଥିଲା। ରୋହନ ଉତ୍ତରପ୍ରଦେଶରେ ଆତ୍ମଗୋପନ କରିଥିବା ଖବରପାଇ ଏନ୍ଆଇଏ ଟିମ୍ ତାକୁ ଗିରଫ କରିଛି। ସେପଟେ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଉତ୍ସ, ଯୋଗାଣ ନେଟୱର୍କ ଓ ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ଖୋଳତାଡ଼ ଚଳାଇଛି। ଏତେ ପରିମାଣର ବିସ୍ଫୋରକ କ'ଣ ପାଇଁ ଓ କେଉଁଠି ବିସ୍ଫୋରଣ କରିବାକୁ ରଖାଯାଇଥିଲା, ସେନେଇ ମଧ୍ୟ ତଦନ୍ତ ଜାରି ରହିଛି। ଏହି ଘଟଣାର କୌଣସି ବଡ଼ ଅପରାଧିକ କିମ୍ବା ଆତଙ୍କବାଦୀ ଷଡ଼ଯନ୍ତ୍ର ସହିତ ଲିଙ୍କ୍ ରହିଛି କି ନାହିଁ, ସେ ନେଇ ପ୍ରମାଣ ଯୋଗାଡ଼ କରିବାକୁ ଏନ୍ଆଇଏ ଅନେକ ବ୍ୟକ୍ତିଙ୍କୁ ଜେରା ମଧ୍ୟ କରୁଛି। ଏହାସହିତ ଏହି ଘଟଣାର ଚେର ଖୋଜିବା ପାଇଁ ଏନ୍ଆଇଏ ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି।

### ପ୍ରବାସୀ ଶ୍ରମିକଙ୍କ...

ଶ୍ରମିକଙ୍କୁ ପଞ୍ଚାୟତସ୍ତରରେ ଚିହ୍ନଟ କରି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ତେବେ ଦାଦନ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ବେଳେ ଶ୍ରମମନ୍ତ୍ରୀଙ୍କ ଆଶ୍ୱାସନା ଉପରେ ରାଜ୍ୟବାସୀ କିପରି ଭରସା କରିବେ, ତାହା ସନ୍ଦେହ ସୃଷ୍ଟି କରିଛି।

ଶ୍ରମମନ୍ତ୍ରୀ କହିଛନ୍ତି ଯେ ସମଗ୍ର ରାଜ୍ୟରେ ଦଲାଲ୍ ସକ୍ରିୟ ରହିଛନ୍ତି। ଆଗାମୀ ଦିନରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଶ୍ରମିକ ପଠାଉଥିବା ଦଲାଲଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏହାସହ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବା ପାଇଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବାହାରକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ସଂପୂର୍ଣ୍ଣ ତଥ୍ୟ ଦେବେ ପଞ୍ଚାୟତ କର୍ତ୍ତୃପକ୍ଷ। ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫେରାଇ ଆଣି କାର୍ଯ୍ୟଦକ୍ଷତା ଅନୁଯାୟୀ ନିଜ ଜିଲ୍ଲାରେ ରୋଜଗାର ଦେବାକୁ ବିଭାଗ ଯୋଜନା କରିଛି ବୋଲି ସେ କହିଛନ୍ତି।

ନିକଟରେ ତାମିଲନାଡୁରେ ଏକ କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଓଡ଼ିଶାର ୧୫ ଜଣ ଲୋକଙ୍କ ଜୀବନ ଯାଇଛି। ତନ୍ମଧ୍ୟରେ କେବଳ କେନ୍ଦୁଝର ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତିର ଶ୍ରମିକ ସାମିଲ ରହିଥିଲେ। ଯାହା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାର ଦାଦନ ଶ୍ରମିକ ସମସ୍ୟାର ମୂଳୋତ୍ପାଟନ କରିବାକୁ ଘୋଷଣା କରିଥିବାବେଳେ ଏପରି ଅଘଟଣ କିପରି ଘଟିଲା ବୋଲି ରାଜ୍ୟବ୍ୟାପୀ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଦାଦନ ଶ୍ରମିକ ସମସ୍ୟାକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟାସ୍କ ଫୋର୍ସ ଗତ ଦୁଇ ବର୍ଷ ହେଲା କି ପଦକ୍ଷେପ ନେଇଛି ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଶ୍ରମମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିଶେଷଜ୍ଞ ଓ ରାଜନୈତିକ ସମୀକ୍ଷକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ରାଜ୍ୟସାରା ଦଲାଲ୍ ସକ୍ରିୟ ରହିଛନ୍ତି ବୋଲି ନିଜେ ମନ୍ତ୍ରୀ ସ୍ୱୀକାର କରୁଥିଲେ ହେଁ ସେମାନଙ୍କ ବିରୋଧରେ ବିଗତ ୨ ବର୍ଷରେ ସେପରି କିଛି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଏପଟେ ରାଜ୍ୟ ବାହାରେ ଥିବା ଶ୍ରମିକଙ୍କୁ ଫେରାଇ ଆଣି ରାଜ୍ୟରେ ନିଯୁକ୍ତି ଦେବାକୁ ମନ୍ତ୍ରୀ କହୁଛନ୍ତି। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୯ରୁ ୨୦୨୫ ମଧ୍ୟରେ ରାଜ୍ୟ ବାହାରେ ପ୍ରାୟ ୪୩୨ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ କର୍ମନିଯୁକ୍ତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇ ପାରି ନାହିଁ। ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣି ଏଠାରେ ନିଯୁକ୍ତି ଦେବାକୁ ସରକାର ସକ୍ଷମ କି ବୋଲି ମଧ୍ୟ ଅନେକ ସାମାଜିକ ସମୀକ୍ଷକ ମଧ୍ୟ ପ୍ରଶ୍ନ କରିଛନ୍ତି।

### ରାଜ୍ୟ ବିଜେପିରେ...

ଯୋଗଦାନ ବିଜେପିର ସଂଗଠନକୁ ମଜବୁତ କରୁଥିବା ଦାବି କରାଯାଉଥିବା ବେଳେ ପୁରୁଣା ନେତାମାନେ ନିଜ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ପ୍ରକାଶ କରୁଛନ୍ତି। କିଛି ମାସ ମଧ୍ୟରେ ବିଜେପିରେ ସାମିଲ ହୋଇଥିବା କଟକ, ବାଲେଶ୍ୱର, ଭଦ୍ରକର କତିପୟ ନେତାଙ୍କୁ ନେଇ ଦଳର ତୃଣମୂଳସ୍ତରରେ ଏକପ୍ରକାର ବିଦ୍ରୋହ ସୃଷ୍ଟି ହୋଇଛି। ନିଜର ବ୍ୟବସାୟିକ କାର୍ଯ୍ୟକଳାପ, ଅପରାଧିକ ମାମଲା ଓ ରାଜନୈତିକ ସୁରକ୍ଷା ପାଇଁ ଏହି ନେତାମାନେ ବିଜେପିରେ ସାମିଲ ହେଉଛନ୍ତି ବୋଲି ଖୋଦ୍ ବିଜେପି ନେତାମାନେ ଖୋଲାଖୋଲି କହୁଛନ୍ତି।

ଶାସକ ଦଳର ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ପ୍ରସଙ୍ଗରେ ଦୁଇଦିନ ତଳେ ସ୍ପଷ୍ଟ ଭାବରେ ବିଜେପିରେ ଯୋଗ ଦେଉଥିବା ନେତାମାନଙ୍କୁ 'ସାଇବେରିଆନ ପକ୍ଷୀ' ଭାବରେ ତୁଳନା କରି କଟାକ୍ଷ କରିଛନ୍ତି। ଭଦ୍ରକ ଜିଲ୍ଲାର କିଛି ନେତାଙ୍କ ବିଜେପି ପ୍ରବେଶ ପଛରେ ରାଜନୈତିକ ଲାଭ, ଅପରାଧିକ ମାମଲାରେ ସୁରକ୍ଷା ଆଦି ଉଦ୍ଦେଶ୍ୟ ଥିବା ସେ କହିଛନ୍ତି। ପଦ୍ମଲୋଚନ କହିଛନ୍ତି ଯେ ଏବେ ଯେଉଁମାନେ ବିଜେଡିରୁ ବିଜେପି ଆସୁଛନ୍ତି ସେମାନେ ୨୪ ବର୍ଷ ବିଜେଡିକୁ ଉପଭୋଗ କଲେ। ଏବେ ବେପାର ଓ ଭବିଷ୍ୟତ ପାଇଁ ବିଜେପିକୁ ଆସୁଛନ୍ତି। ସିମୁଳିଆରେ ଯିଏ ମିଶିଲେ ସେ ଜମି ବେପାରୀ। ସେ ନିଜ ସ୍ୱାର୍ଥ ପାଇଁ ବିଜେପିକୁ ଆସିଛନ୍ତି। ତାଙ୍କ ନାଁରେ ଅନେକ ଅଭିଯୋଗ ଅଛି। କିନ୍ତୁ ୨୦୨୯ ରେ କଣ ହେବ କିଛି କହି ହେବନାହିଁ ବୋଲି ସେ କହିଛନ୍ତି।

ଅନୁରୂପ ଭାବରେ ବାଲେଶ୍ୱରରେ ରବୀନ୍ଦ୍ର ଜେନା ବିଜେପିରେ ଯୋଗଦାନ ସମୟରେ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ପରୋକ୍ଷରେ ଆମଦାନୀ ନେତାଙ୍କୁ କଟାକ୍ଷ କରିଥିଲେ। ସେହିପରି ବିଜେଡିରୁ ବହିଷ୍କୃତ ଗଞ୍ଜାମ ଜିଲ୍ଲାର ଜଣେ ନେତା ବିଜେପିରେ ଯୋଗ ଦେଇ ନିର୍ବାଚିତ ହେବା ପରେ ଜିଲ୍ଲା ବିଜେପିରେ ଅସ୍ଥିରତା ସୃଷ୍ଟି ହୋଇଥିବା କୁହାଯାଉଛି। ବ୍ରହ୍ମପୁର ସାଂସଦ ଓ ମନ୍ତ୍ରୀ ବିଭୂତି ଜେନାଙ୍କ ମଧ୍ୟରେ ଫାଟ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆସ୍କା ସାଂସଦ ଓ ଖଲିକୋଟ ବିଧାୟକ, ଜଗତସିଂହପୁରରେ ସାଂସଦ-ବିଧାୟକ ବିବାଦ ଗଣମାଧ୍ୟମ ଶିରୋନାମା ପାଲଟିଛି। ପୁରୀ ସାଂସଦ ଓ ନୟାଗଡ଼ ବିଜେପି ସଙ୍ଗଠନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ପଶ୍ଚିମ ଓଡ଼ିଶାରେ ବଲାଙ୍ଗୀର ସାଂସଦଙ୍କ ସହ ସଂସଦୀୟ କ୍ଷେତ୍ରର ଅନେକ ବିଧାୟକ, ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବାଦ ସମସ୍ତେ ଜାଣନ୍ତି। ନିକଟରେ ଭଦ୍ରକର ମଣ୍ଡଳ ଦମ୍ପତି ବିଜେପିରେ ଯୋଗ ଦେବା ବେଳେ ସେଠାକାର ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କ ଅନୁପସ୍ଥିତି ମଧ୍ୟ ପରୋକ୍ଷରେ ଦଳୀୟ ଅସନ୍ତୋଷ ଓ ଆଗକୁ ହେବାକୁ ଥିବା ପତିଆରା ଲଢ଼େଇକୁ ଜଳ ଜଳ ଦେଖାଉଛି। ରାଜ୍ୟ ନେତୃତ୍ୱ ଏହି ଫାଟକୁ ମିଟାଇବା ପାଇଁ ଚେଷ୍ଟା କରୁଥିବା ବେଳେ କେନ୍ଦ୍ରୀୟ ନେତାମାନେ ଏହାକୁ ସତର୍କତାର ସହ ଅନୁଧ୍ୟାନ କରୁଛନ୍ତି। ଅନ୍ୟ ଦଳର ନେତାଙ୍କ ଯୋଗଦାନ ବିଜେପିର ଆଭ୍ୟନ୍ତରୀଣ ସନ୍ତୁଳନ ବିଗାଡ଼ିବା ସହ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିପାରେ ଦଳୀୟ ନେତାମାନେ ଆଶଙ୍କା କରୁଛନ୍ତି।

### ମମତାଙ୍କ ଚିନ୍ତା...

ଏହି ମାମଲାରେ ମମତା ବାନାର୍ଜୀ ଏବଂ ଅଭିଷେକ ବାନାର୍ଜୀଙ୍କୁ ପଚରାଉଚରା କରାଯାଇପାରେ ବୋଲି ଇଡି ପକ୍ଷରୁ କୁହାଯାଇଛି। ଅନ୍ୟପଟେ, ତୃଣମୂଳ କଂଗ୍ରେସ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିହିଂସା ବୋଲି ଅଭିଯୋଗ କରିଛି।

**ପଶ୍ଚିମ ରେଳପଥ – ରତଲାମ**
**ସଂଶୋଧନ ବିଜ୍ଞପ୍ତି**
NIT ନଂ. W/623/5/1/NIT, ତାରିଖ 04.07.2026, ନଂ. RTM-2026-27-64 ବିଜ୍ଞପ୍ତି ଏହି କାର୍ଯ୍ୟାଳୟର ସମ ସଂଖ୍ୟାକ ପତ୍ର, ତାରିଖ 04.07.2026 ମାଧ୍ୟମରେ ପ୍ରକାଶନ ପାଇଁ ପ୍ରେରଣ କରାଯାଇଥିଲା। ଏହାଦ୍ୱାରା ସୂଚିତ କରାଯାଉଛି ଯେ, ଉକ୍ତ କାର୍ଯ୍ୟର ସମାପ୍ତି ଅବଧି ୧୫ ମାସରୁ ବୃଦ୍ଧି କରି ୨୪ ମାସ କରାଯାଇଅଛି। (ସଂଶୋଧନ ସୂଚନା ସଂଖ୍ୟା-୦୨ ଏଥିସହ ସଂଲଗ୍ନ)।
0135 ବରିଷ୍ଠ ବିଭାଗୀୟ ଯନ୍ତ୍ରୀ, (ପୂର୍ବ), ରତଲାମ
Like us on: facebook.com/WesternRly

**AFFIDAVIT**
By virtue of an affidavit sworn before the Notary Public, Bhubaneswar dated 30.06.2026, I Nalinibala Ratha, aged about 51 years, W/o. Basanta Kumar Rath, permanent resident of At: Kenduapalli, PO: Madhapur, Dist. Nayagarh, PIN: 752078, Currently residing At: Kenduapalli, PO: Madhapur, Dist. Nayagarh, PIN: 752078, declare that I have Changed my name from Nalini Ratha to Nalinibala Ratha. Henceforth, I shall be known as **Nalinibala Ratha** for all purposes.
**(Nalinibala Ratha)**

**AFFIDAVIT**
By Virtue of an affidavit sworn before Notary Public Bhograi, no-205, dated 03.07.2026, I Pitambar Patra,s/o Nityananda Patra, Vill-Sundradi,Po -Kumhharmuli, PS-Bhograi, District-Balsore, Odisha, pin-756036 declare that, I have changed my name from Tapas Kumar Patra to Pitambar Patra.Henceforth,I shall be known as **Pitambar Patra** for all purpose.

**VEHICLE FOR SALE**
BHARAT BENZ 3528 C, MODEL 2023, Regn. No -OD-25-P-3487, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**AFFIDAVIT**
By virtue of an affidavit sworn before Executive Magistrate, Kabisuryanagar, Ganjam vide Sl. No.A-II dated 23.7.2026, I, T Sakuntala Reddy, W/o- Late T. Arjun Reddy resident of Vill./Po.- Jhadabai, Ps.- Kabisuryanagar, Dist.- Ganjam, Odisha, declare that, In my Voter Id No.-809419480190 my name has been mentioned as **T Saibani Redi, W/o- Ts. Arjun Redi**. In the ROR of Mouza-Pathara vide Khatian No.-90 my name has been mentioned as **K Saibani Reddy, D/o- K Narsu Reddy**. That, **T Sakuntala Reddy @ K Saibani Reddy, D/o- K Narsu Reddy** both the names are same and one person.

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Jashoda Deep** (new name), W/o Dhanurya Deep, permanent & current resident of AT: Piplibandha, PO: Siker, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Bhuma Dip** (old name) to **Jashoda Deep** (new name). Henceforth, I shall be known as **Jashoda Deep** (new name) for all future purposes.
**Jashoda Deep**

**ସଂଶୋଧନ**
ମୁଁ ଶ୍ରୀମତୀ ମମତା ପଟ୍ଟନାୟକ, ସ୍ୱାମୀ - ମଳୟ କୁମାର ପଟ୍ଟନାୟକ, ବାପା- ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି, ଆଧାର ନଂ ୨୪୫୩ ୪୦୨୨ ୦୭୧୯, ଗ୍ରାମ - ବ୍ଲକ ନଂ ୬/୭ବି, ସ୍ପିଂଭିଲେ ହୋମ୍ସ, ମାନପୁର, ପୋଷ୍ଟ - ଦାନଗଦି, ଥା ଯାଜପୁର ରୋଡ, ଜିଲ୍ଲା- ଯାଜପୁର, ପିନ - ୭୫୫୦୨୬ ସତ୍ୟପାଠ ନମ୍ବର ୧୧୬୨/୨୬ ଆଧାରରେ ସର୍ବସାଧାରଣରେ ଜଣାଉଛି ଯେ ସ୍ୱାମୀ ଶ୍ରୀ ପଟ୍ଟନାୟକଙ୍କୁ ବିବାହ ପରେ ମୁଁ ମୋ ସଂଜ୍ଞା ମହାନ୍ତି ବଦଳରେ ପଟ୍ଟନାୟକକୁ ପରିବର୍ତ୍ତନ କରିଛି। ଆଜି ଠାରୁ ସର୍ବସାଧାରଣରେ ମୁଁ ମମତା ପଟ୍ଟନାୟକ ନାମରେ ସମସ୍ତ ସରକାରୀ ଓ ବେସରକାରୀ ସ୍ତରରେ ପରିଚିତ ହେବି। ମମତା ପଟ୍ଟନାୟକ ଏବଂ ମମତା ମହାନ୍ତି ସମାନ ଓ ଜଣେ ବୋଲି ଗ୍ରହଣ କରାଯିବ।

**ATAL BEHARI COLLEGE, BASUDEVPUR**
BHADRAK, ODISHA, 756125
principal.abcollege@gmail.com
**CALL FOR QUOTATION**
Sealed quotations are invited from authorized firms/suppliers/dealers having valid registration, PAN, and GSTIN for the supply of 8 (Eight) Desktop Computers (Intel Core i5 or higher, minimum 12th Generation), 8 (Eight) UPS units, and 1 (One) Multi-Function Printer for the upgradation of the IT infrastructure of the College. The sealed quotations must reach the undersigned on or before **14.07.2026 (Tuesday) by 2.00 PM.** For further details, terms and conditions, and technical specifications of the items, kindly visit the College website: https://abcollegebasudevpur.ac.in.
Sd/- Principal

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/11/114/2627
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -10 ରେ ପ୍ଲଟ୍ ନଂ-10-1F/447 ଟିକୁ ଶ୍ରୀ ଭାଗିରଥୀ ବେହେରା, ପିତା-ν ନାରାୟଣ ବେହେରା, ସା-ପ୍ଲଟ ନଂ-୧୪୭, ପୋ- ବୁଦ୍ଧେଶ୍ୱରୀ, ଥା- ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଭାଗିରଥୀ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦେବେନ୍ଦ୍ର ନାଥ ସାହୁ, ପିତା-ν ଚକ୍ରଧର ସାହୁ, ସା-ବ୍ରହ୍ମପୁର, ପୋ-ଚାରୀରକବ, ଭାୟା-ସାଲେପୁର, ଥା- ଲେମାଲୋ, ଜିଲ୍ଲା-କଟକ, ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13001/13037/1/26-27/0069 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

4001/192/2627
GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in
No. 604 Dated 06.07.2026
**TENDER CALL NOTICE FOR ELECTRIC VEHICLE (EV) HIRING**
Sealed quotations / tenders are invited from interested reputed Travel Agencies / Tour Operators / Private individuals for providing 01 (one) no. of Electric driven Commercial light vehicle having sitting capacity not more than 5 (Five) including driver on Monthly rent basis. Details available in the office from 06.07.2026 to 28.07.2026 or Website: www.eicelectricityodisha.nic.in. The Schedule of tender is as follows.

| Last Date of Receipt of Tender | Time | Opening of Tender | Time |
|---|---|---|---|
| 28.07.2026 | 3.00 P.M. | 28.07.2026 | 4.00 P.M. |

The undersigned reserves the right to reject any or all the tenders without assigning any reason thereof.
Sd/-
Additional Chief Engineer
-Cum-Electrical Inspector, Koraput
OIPR-4001/4095/1/26-27/0002

GOVERNMENT OF ODISHA 32001/518/2627
DEPARTMENT OF WATER RESOURCES
Office of the Superintending Engineer
Deo Head Works Division, Karanjia
AT/PO – Karanjia, Dist. – Mayurbhanj – 757037
E-mail: teedhwd@gmail.com
**e-Procurement Notice**
Bid Identification No.: 02/SEDHWD of 2026-27
No.: 1971 /SE-DHWD, Date: 07.07.2026
1. **Nature of the Work:** Civil Work
2. **Number of Works:** 02 (Two) Nos. of Individual Work
3. **Approximate Amount Put to Tender:** ₹60.3 Lakhs, ₹63.2 Lakhs
4. **Period of Completion:** 06 (Six) Calendar Months
5. **Class of Contractor:** "B" Class Contractor
6. **Date & Time of Availability of Bid Document in the Portal:** 10.07.2026 (10:00 AM) to 24.07.2026 (5:30 PM)
7. **Last Date & Time of Seeking Tender Clarification:** 22.07.2026 up to 1:00 PM
8. **Last Date & Time of Receipt of Bids in the Portal:** 24.07.2026 up to 5:30 PM
9. **Date, Time & Place of Opening of Technical Bid/s (Cover-I): 28.07.2026 at 11:30 AM in the** Office of the Superintending Engineer, Deo Head Works Division, Karanjia, Mayurbhanj.
10. **Date, Time & Place of Opening of Financial Bid/s (Cover-II):** To be intimated after evaluation of Technical Bid.
11. **Name & Address of the Officer Inviting Bid: Superintending Engineer,** Deo Head Works Division, Karanjia, AT/PO – Karanjia, PS – Karanjia, Dist. – Mayurbhanj, PIN – 757037

*Further details can be seen from the Government website: www.tendersodisha.gov.in. Any addendum, corrigendum or cancellation of the tender can also be seen in the said website.
Superintending Engineer
Deo Head Works Division, Karanjia
OIPR-32001/32248/1/26-27/0002

**AFFIDAVIT**
By virtue of an affidavit before the Executive Magistrate, Baripada, affidavit no-143 on dated 09/06/2026. I Subash Chandra Si, S/o- Late Mukunda Si, At/Po:- Paunsia, P.S- Badasahi, Dist:- Mayurbhanj, pin:- 757025, Odisha. That I am the father of my minor son Saibinayak Si which is mentioned in his birth certificate vide regd no-886, on dated 24/07/2013. But in his Adhara Card wrongly it is mentioned as Sahibinayak Si S/O - Subash Chandra Si. So at all times hereafter in all records, deeds, Writings and in all proceedings, dealings and transaction private as well as public and upon all Occasion he will be known as Saibinayak Si instead of Sahibinayak Si.

**NOTICE**
I, **Debesh Kumar Agrawal,** (Proprietor of Vishesh Industries), S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, Odisha, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which Money Receipt No. **636071** dated- **25.10.2004,** was duly issued to me. I further declare that the aforementioned original money receipt has been destroyed by white ants, this affidavit is to filled before the TPWODL, Nuapada for release of aforesaid security deposit as affirmed in the affidavit No. 495, dated- 08.07.2026, executed before the Executive Magistrate, Nuapada, Odisha.

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 08/07/2026. I, **Nurabati Suna** (new name), D/o- Baichandra Sika, permanent & current resident of AT: Malisira, PO: Malisira, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Nuraiatb Suna** (old name) to **Nurabati Suna** (new name). Henceforth, I shall be known as **Nurabati Suna** (new name) for all future purposes.
**Nurabati Suna**

**AFFIDAVIT**
I, Surath Sethi, aged about 40 years, S/o- Gobinda Sethi, resident of At/Po- Singhbrahmapur, Ps- Delang, Dist- Puri, Odisha, PIN- 752015, do hereby declare by this affidavit No. 1367, dtd- 08/07/2026, that now onwards I shall be known as **SURATHA SETHI** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar vide Serial No. 63 dtd- 19.06.2026. I, **Rinki Routray** resident of Village/Town- Jujhagada, P.O.- Daruthenga, P.S.- Chandaka, Dist- Khordha, PIN-754005, Odisha declare that I have changed my name from **Rasmita Routray** to **Rinki Routray.** Henceforth I shall be known as **Rinki Routray** for all purposes.
**Rinki Routray**

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Tanuja Bharasagar** (applicant name), W/o Trinath Bharasagar, permanent & current resident of AT: Kumuda, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my minor daughter's name from **Shiba Bharasagar** (old name) to **Shilpa Bharasagar** (new name). Henceforth, she shall be known as **Shilpa Bharasagar** (new name) for all future purposes.
**Tanuja Bharasagar**

**NOTICE**
It is, for information of all concerned that the Registered Sale Deed No.: **969**, ROR Khata No.: 240/557, Plot No.: 20/1199, executed on 25.05.2009 at SRO Pipili by Sri Chakradhar Prusty in favour of Swatik Smriti Das was in my custody. Inadvertently, the said sale deed has been misplaced / lost from my custody. In spite of due diligence, I could not trace the same. Therefore, take notice that if anybody gets it kindly return back the same to the undersigned. If it is found to be misused, penal action will be taken against the miscreants and I shall not be held responsible for the same.
**Sri Santanu Kumar Mohapatra,**
S/o: Late Chaitanya Charan Mohapatra, Plot No.: 20/1199, Madhuban (Xavier University Area) Nizigada- Kurukhi, Harirajpur, Dist.: Puri-752050, Presently residing At: Subham Residency, Phase-2, 4th Floor, B-404, Infront of Patia College, Patia, Bhubaneswar, PIN-751024, Odisha, **Contact: 8249158465**





### ମୁକ୍ତାକାଶ ବ୍ୟାୟାମଶାଳାରେ ଅବ୍ୟବସ୍ଥା

# ନଷ୍ଟ ହେଉଛି ବ୍ୟାୟାମ ଉପକରଣ; ମୁହଁ ଫେରାଉଛନ୍ତି ଲୋକ

ଭୁବନେଶ୍ୱର, ୮।୭(ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ମୁକ୍ତାକାଶ ବ୍ୟାୟାମଶାଳାର ସୁବିଧା କରାଯାଇଥିଲା। ଫଳରେ ଲୋକ ସେଠାରେ ହେଲେ ତାହା ଏବେ ବର୍ଷା ପାଣି ଖାଇବା ବ୍ୟତୀତ ଆଉ କିଛି କାମରେ ଆସୁନି କହିଲେ ଚଳେ। କେଉଁଠି ଉପକରଣରେ ବର୍ଷା ପାଣି ଖାଇ କଳଙ୍କି ଲାଗିଲାଣି ତ ଆଉ କେଉଁଠି ପିଲାଙ୍କ ଖେଳ ସ୍ଥାନ ଓ ପାର୍କିଂ ସ୍ଥଳ ପାଲଟୁଛି।





ଏହି ବ୍ୟାୟାମଶାଳା ଗୁଡିକ ରାଜଧାନୀରେ ବିଭିନ୍ନ ଛକ, ରାସ୍ତାର ପାର୍ଶ୍ୱ ଏବଂ ଖେଳ ପଡ଼ିଆ ଏବଂ ପାର୍କରେ ମଧ୍ୟ ନିର୍ମାଣ କରାଯାଇଥିଲା। ବ୍ୟାୟାମ ଦ୍ୱାରା ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉଦେଶ୍ୟରେ ନିର୍ମିତ ହୋଇଥିଲେ ହେଁ ଏବେ ସବୁଠି ଅଲୋଡା ହୋଇ ପଡ଼ି ରହିଥିବା ନଜରକୁ ଆସୁଛି। ବିଏମ୍‌ସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ରାଜଧାନୀର ରାସ୍ତାକଡରେ ଖୋଲା ଯାଇଥିବା ଏହି ବ୍ୟାୟାମଶାଳା ଏବେ କାମରେ ଆସୁନି କହିଲେ ଭୁଲ ହେବ ନାହିଁ। କାରଣ ଲୋକଙ୍କ ମଧ୍ୟରେ ଏହାକୁ ବ୍ୟବହାର କରିବାର ସେତେଟା ଆଗ୍ରହ ଆଉ ପରିଲକ୍ଷିତ ହେଉ ନଥିବାବେଳେ ଉପକରଣଗୁଡିକ ପଡ଼ି ପଡ଼ି ନଷ୍ଟ ହେବାରେ ଲାଗିଲାଣି। ବର୍ତ୍ତମାନ ବର୍ଷା ଦିନ ହୋଇଯାଇଥିବା ଯୋଗୁଁ ଯେତିକି ଲୋକ ଆସୁଥିଲେ ତାହା ବି ଏବେ ବନ୍ଦ ହୋଇଗଲେଣି। ଖୋଲା ଆକାଶ ତଳେ ଏହି ଉପକରଣ ଗୁଡିକ ଥିବା ଯୋଗୁଁ ପଡ଼ି ପଡ଼ି କଳଙ୍କି ଲାଗିଯାଇ ଶେଷରେ ନଷ୍ଟ ହେବାକୁ ବସିଛି। ସେହି ଉପକରଣ ଗୁଡିକ ମଧ୍ୟରେ ବ୍ୟାକ୍ ଲେଗ୍, ସୁଇଟ ସ୍ୱିଙ୍ଗ, ଗ୍ଲାଇଡର, ଟ୍ୱିଷ୍ଟର, ବେଞ୍ଚ, ସ୍କାଏ ୱାକର୍ ଆଦି ରହିଥିଲା। ଯାହା ଭୁବନେଶ୍ୱରର ପୋଖରୀପୁଟ୍, ଖଣ୍ଡଗିରି, ଡୁମ୍‌ଡୁମା, କଲ୍ୟାଣୀ ମାର୍କେଟ, ରେଣ୍ଟାଲ କଲୋନୀ ଭଳି ଅନେକ ଗୁଡିଏ ସ୍ଥାନରେ ଏହାକୁ ନିର୍ମାଣ କରାଯାଇଥିଲା। ଅନ୍ୟପଟେ ପାର୍କ ଗୁଡିକରେ ମଧ୍ୟ ସମାନ ଅବସ୍ଥା, ସେଠାରେ ନିର୍ମାଣ ହୋଇଥିବା ଉପକରଣ କିଛି ମାତ୍ରାରେ ଉପଯୋଗୀ ହେଉଥିଲେ ହେଁ ଏବେ ବର୍ଷା ଯୋଗୁଁ ସେ ବି ଅଲୋଡା। ପ୍ରାତଭ୍ରମଣ କରିବାକୁ ଅଧିକାଂଶ ଲୋକ ପାର୍କକୁ ନିଜ ସାଙ୍ଗସାଥୀଙ୍କ ସହ ବ୍ୟାୟାମ ପାଇଁ ଆସୁଥିଲେ, ହେଲେ ବର୍ତ୍ତମାନ ବର୍ଷା ଦିନରେ ସେତକ ବି ସମ୍ଭବ ହେଉନାହିଁ ବୋଲି ଖଣ୍ଡଗିରିର ଜଣେ ବାସିନ୍ଦା କିଶୋର ସାହୁ ମତ ପ୍ରକାଶ କରିଥିଲେ। ସେହିଭଳି ଡୁମଡୁମାସ୍ଥିତ ଆର୍ଯ୍ୟ ଭିଲେଜ ନିକଟରେଥିବା ଏକ ଛୋଟ ପଡ଼ିଆ ଅନ୍ତର୍ଗତ ନିର୍ମାଣ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳା ଏବେ ଛୋଟ ପିଲାଙ୍କ ପାଇଁ ଖେଳ ସ୍ଥାନ ପାଲଟିଛି। ଅନ୍ୟପଟେ ଯେଉଁ ମୁକ୍ତାକାଶ ବ୍ୟାୟାମଶାଳା ପାଖରେ କୌଣସି ଅଫିସ କି ସ୍କୁଲ ରହିଛି ସେଠାରେ ଲୋକ ତାକୁ ପାର୍କିଂ ସ୍ଥଳୀରେ ପରିଣତ କରିସାରିଲେଣି। ଯେଉଁ ଉଦେଶ୍ୟରେ ଏହିସବୁ ନିର୍ମାଣ କରାଯାଇଥିଲା ତାଠୁ ସମ୍ପୂର୍ଣ୍ଣ ଭିନ୍ନ ବ୍ୟବହାରରେ ଆସୁଛି। ଆଉ କେଉଁଠି ସନ୍ଧ୍ୟାହେଲେ ଯୁବପିଢ଼ିଙ୍କ କେବଳ ସମୟ କାଟିବାର ସ୍ଥାନ କରିସାରିଲେଣି।

## ଧଉଳି ପାହାଡ଼ ପାଦଦେଶରେ ବୃକ୍ଷରୋପଣ

● ବିଭିନ୍ନ ଫଳ ଓ ଫୁଲଗଛ ଲଗେଇଲେ ଶିଳ୍ପୀ ଓ ଛାତ୍ରଛାତ୍ରୀ




ଭୁବନେଶ୍ୱର, ୮।୭(ସମିସ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସର ଓ ଧଉଳି ପାଦଦେଶରେ ବିଭିନ୍ନ ଫଳ ଓ ଫୁଲଗଛ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀ ଓ ମଦରସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବରିଷ୍ଠ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ବନ ମହୋତ୍ସବ ଅବସରରେ ଗଛ ଲଗାଇବା ଶୁଭାରମ୍ଭ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ଛାତ୍ରଛାତ୍ରୀମାନେ ପିଜୁଳି, ଡାଳିମ୍ବ, ଜାମୁକୋଳି, ଅଁଳା, କୃଷ୍ଣଚୂଡ଼ା, ରାଧାଚୂଡ଼ା, ଅଶୋକ ଓ ସୁନାରି ଆଦି ଫଳ ଓ ଫୁଲଗଛ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନଏସଏସ ର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ କୁମାର ସାମଲ, ସୋମନାଥ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପକ ଭୂପତିଭୂଷଣ ପଣ୍ଡା, ସୁବାସ ଚନ୍ଦ୍ର ମୁଦୁଲି, ଅମୃତା ଏବଂ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ'




ଭୁବନେଶ୍ୱର, ୮।୭(ସମିସ): ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ସ୍ୱାଭିମାନରୁ ସମୃଦ୍ଧି:ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ଜନଆନ୍ଦୋଳନ' ଶୀର୍ଷକ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବୁଦ୍ଧିଜୀବୀ ଓ ଫାଉଣ୍ଡେସନ୍ ସଭାପତି ଅମ୍ବିକା ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍ ଉପସଭାପତି ଡ. ସୁନୀତି ମୁଣ୍ଡ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଲେଖିକା ସୁଜାତା ନନ୍ଦ, ସମାଜସେବୀ ପ୍ରଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୮।୭(ସମିସ): ପରିବେଶ ସୁରକ୍ଷା ଅଭିଯାନ ଦ୍ୱାରା ଜାମୁଝରି ସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଭିଯାନର କର୍ମକର୍ତ୍ତା ରଘୁନାଥ ପୃଷ୍ଟି- ସାଧାରଣ ସମ୍ପାଦକ, କଲ୍ୟାଣୀ ମହାନ୍ତି-ଉପ ସଭାପତି, ନମିତା ମହାପାତ୍ର - କୋଷାଧ୍ୟକ୍ଷା ଏବଂ ଅରୁଣ ଶଙ୍କର ଜେନା ଓ ଡ. ଜଗତ ଜୀବନ ଆଚାର୍ଯ୍ୟ, କାର୍ଯ୍ୟବାହୀ ସଦସ୍ୟବୃନ୍ଦ ଅନ୍ତେବାସୀଙ୍କ ସହଯୋଗରେ ଆମ୍ବ, ପିଜୁଳି, ଲିଚୁ ଓ ସପେଟା ଇତ୍ୟାଦି ଫଳ ଚାରା ରୋପଣ କରିଥିଲେ। ଚାରରୋପଣର ଅବ୍ୟବ୍ୟହିତ ପୂର୍ବରୁ ଅନ୍ତେବାସୀମାନଙ୍କର ଏକ ସଭାରେ କଲ୍ୟାଣୀ ମହାନ୍ତି 'ଜୈବ ତରଳ ସାର'ର ଉପକାରିତା ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ଏହାର ପ୍ରସ୍ତୁତି ପ୍ରଣାଳୀ ବୁଝାଇ ଥିଲେ। ଡ. ଜଗତ ଜୀବନ ଆଚାର୍ଯ୍ୟ ଏକକ ବ୍ୟବହୃତ ପ୍ଲାଷ୍ଟିକର କୁପରିଣାମ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କାରା ଅଧୀକ୍ଷକ ସ୍ମିତା ମହାନ୍ତି ତଥା ସହକାରୀ କାରାପାଳ ସ୍ୱାଗତ ରଞ୍ଜନ ସାହୁ ଓ କାରା କଲ୍ୟାଣ ଅଧିକାରୀ ରଞ୍ଜନ ମାଝୀଙ୍କର ସହଯୋଗଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ୧୧ରୁ ଆଇଏନ୍‌ଏଆଇର ଦୁଇଦିନିଆ 'ଟେକ୍ନୋଲୋଜି କନ୍‌କ୍ଲେଭ-୨୦୨୬'

ଭୁବନେଶ୍ୱର, ୮।୭(ସମିସ):ଇଣ୍ଡିଆନ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଆଇ) ପକ୍ଷରୁ 'ଟେକ୍ନୋଲୋଜି କନ୍‌କ୍ଲେଭ-୨୦୨୬' ଆସନ୍ତା ଜୁଲାଇ ୧୧ ଓ ୧୨ ତାରିଖରେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ବୁଧବାର ସୋଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଏଆଇର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଇଞ୍ଜିନିୟରିଂ କ୍ଷେତ୍ରର ଗବେଷକ, ଅଧ୍ୟାପକ, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କ ପାଇଁ ଏହି କନ୍‌କ୍ଲେଭ ଜ୍ଞାନର ଆଦାନପ୍ରଦାନ ଓ ବୈଷୟିକ ଆଲୋଚନାର ଏକ ପ୍ରମୁଖ ମଞ୍ଚ ହେବ। ଯୁବ ଇଞ୍ଜିନିୟରମାନଙ୍କୁ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସେଗୁଡ଼ିକର ନବସୃଜନାତ୍ମକ ସମାଧାନ ଖୋଜିବା ଏହାର ଉଦ୍ଦେଶ୍ୟ ବୋଲି ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ୍ ଏଜୁକେସନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ପୂର୍ବତନ ଏନପିସିଆଇଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୁବନ ଚନ୍ଦ୍ର ପାଠକ, ଅଏଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ରଞ୍ଜିତ ରଥ, ଆଇଆଇଟି ହାଇଦ୍ରାବାଦର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ୟୁ.ବି. ଦେଶାଇ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ମୁମ୍ବାଇର ପ୍ରଫେସର ଜି. ଡି. ଯାଦବ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବେ। ଉଦ୍‌ଘାଟନୀ ଅଧିବେଶନରେ 'ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ)'ରଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଫେସର ଅଭୟ କରନ୍ଦିକର, ଡିଆରଡିଓର ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ସିଷ୍ଟମ୍ସର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ଯୋଗଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଟି ଭୁବନେଶ୍ୱରର ଡିନ୍ ପିଜି ଆଣ୍ଡ ରିସର୍ଚ୍ଚ ପ୍ରୋଗ୍ରାମ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।



## ଷ୍ଟୁଆର୍ଟ ସ୍କୁଲର ୭୬ ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୮।୭(ସମିସ): ଷ୍ଟୁଆର୍ଟ ସ୍କୁଲର ୭୬ ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଟକ ଡାଏସିସ, ଚର୍ଚ୍ଚ ଅଫ ନର୍ଥ ଇଣ୍ଡିଆ ତରଫରୁ ସୁରେନ୍ଦ୍ର କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷା, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ରିଜିଓନାଲ ଡାଇରେକ୍ଟର ତଥା କାଲଭରୀ ଗସ୍ପେଲ ମିନିଷ୍ଟ୍ରିଜ ପୂର୍ଣ୍ଣସାଗର ନାଗ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ରେଭ ଏଫ.ସି ନର୍ଥ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପ୍ରମାଣିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏହି ସମାରୋହରେ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅତିଥିମାନେ ଉପସ୍ଥିତ ଥିଲେ। ଏଥିସହିତ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଏଫଏସ୍‌ଡିଏସ୍‌ର ପରିଚାଳନା ପରିଷଦ ବୈଠକ

ଭୁବନେଶ୍ୱର, ୮।୭(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (ଓଏଫଏସଡିଏସ୍)ର ୩୮ତମ ପରିଚାଳନା ପରିଷଦ ବୈଠକ ବୁଧବାର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ତଥା ପରିଷଦର ସଭାପତି ଭାସ୍କର ଜ୍ୟୋତି ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (ଜାଇକା) ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟ, ଆମ ଜଙ୍ଗଲ ଯୋଜନା, ଓଏଫଏସଡିଏସ୍‌ଓମ୍ବାଡସି ସମେତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପ୍ରକଳ୍ପର କାର୍ଯ୍ୟକାଳକୁ କୌଣସି ଅତିରିକ୍ତ ବ୍ୟୟ ବିନା ୨୦୨୭ରୁ ୨୦୩୦ ପର୍ଯ୍ୟନ୍ତ ତିନି ବର୍ଷ ବୃଦ୍ଧି କରିବା ପ୍ରସ୍ତାବକୁ ପରିଷଦ ଅନୁମୋଦନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ବିଧିବଦ୍ଧ ଅନୁମୋଦନ ନିଆଯିବ। ଫାର୍ମ ଫରେଷ୍ଟ୍ରି କାର୍ବନ କ୍ରେଡିଟ୍ ପଦକ୍ଷେପର ଅଗ୍ରଗତି ସମୀକ୍ଷା କରାଯାଇଥିବାବେଳେ ୧୨ଟି ବନଖଣ୍ଡର ୨, ୭୦୦ରୁ ଅଧିକ ଚାଷୀଙ୍କୁ ୧, ୮୦୦ ଏକରରୁ ଅଧିକ ଜମିରେ କାର୍ବନ କ୍ରେଡିଟ୍ ବ୍ୟବସ୍ଥା ସହ ଯୋଡ଼ାଯାଇଛି। ଏହା ଚାଷୀଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷାରେ ସହାୟକ ହେବ ବୋଲି କୁହାଯାଇଛି। ଏହାସହ ପ୍ରକଳ୍ପ ଶେଷ ପରେ ମଧ୍ୟ ବନାଞ୍ଚଳ ଅଧିବାସୀଙ୍କୁ ନିରନ୍ତର ସହାୟତା ଯୋଗାଇବା ପାଇଁ ଜୀବିକା ସମ୍ବଳ କେନ୍ଦ୍ର ଏଲଆରସି ଗଠନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନଜାତ ଉଦ୍ୟୋଗକୁ ପ୍ରଯୁକ୍ତିଗତ ଏବଂ ବ୍ୟବସାୟିକ ସହାୟତା ମିଳିବ। ଭୋପାଳସ୍ଥିତ ଭାରତୀୟ ବନ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ତୃତୀୟ ପକ୍ଷ ମୂଲ୍ୟାଙ୍କନର ଅଗ୍ରଗତି ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. କେ ମୁରୁଗେସନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସ୍ୱୟମ୍ ମଲ୍ଲିକ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶିକା ରିଙ୍କୁ କୁମାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଦେବରାୟ ମହାବିଦ୍ୟାଳୟରେ ବୃକ୍ଷରୋପଣ




ଭୁବନେଶ୍ୱର, ୮।୭(ସମିସ): ବନମହୋତ୍ସବ ସପ୍ତାହ ଉପଲକ୍ଷେ ମଙ୍ଗଳବାର ନୟାପଲ୍ଲୀସ୍ଥିତ ଦେବରାୟ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଭାମଞ୍ଜରୀ ପଟ୍ଟନାୟକ, ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ଶୁଭଙ୍କର ସାହୁ, ଜଗନ୍ନାଥ ସାହୁ, କାହ୍ନୁଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଏନ୍.ଏସ୍.ଏସ୍ ଯୋଜନା ଅଧିକାରୀ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାଶ ପରିଚାଳନା କରିଥିଲେ।

## ଜନଗଣନାର ଡିଜିଟାଇଜେସନରେ ଆନ୍ଧ୍ର ଅଧିକାରୀଙ୍କ ହସ୍ତକ୍ଷେପ ବନ୍ଦ କରିବାକୁ ଦାବି

ଭୁବନେଶ୍ୱର, ୮।୭(ସମିସ): ବିଭିନ୍ନ ଗଣମାଧ୍ୟମରେ ଖବର ଆସୁଛି ଯେ ଆନ୍ଧ୍ର ପ୍ରଦେଶର ସାଲୁର ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ କୋଟିଆ ଅଞ୍ଚଳରେ ପ୍ରବେଶ କରି ଜନଗଣନାର ଡିଜିଟାଇଜେସନ କାମ ଆରମ୍ଭ କରିଛନ୍ତି। ଏହା ଓଡିଶାର ପ୍ରସନିକ ସ୍ୱାୟତ୍ତତା ଉପରେ ପ୍ରତ୍ୟକ୍ଷ ହସ୍ତକ୍ଷେପ। ଏହାକୁ ଓଡ଼ିଆ ଅସ୍ମିତା ପରିଷଦ ତୀବ୍ର ନିନ୍ଦା କରୁଛି. ତୁରନ୍ତ ଓଡିଶା ପ୍ରଶାସନ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଅସ୍ମିତା ପରିଷଦ। ଓଡିଶା ସରକାର ପୂର୍ବରୁ ଏ ଅଞ୍ଚଳରେ ଜନଗଣନା କାମ ସାରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଥିଲେ। ଆଜି ଆନ୍ଧ୍ର ଅଧିକାରୀମାନେ ଜନଗଣନା ଡିଜିଟାଇଜେସନ କରିବା କ୍ଷୋଭର କଥା। ତୁରନ୍ତ ପଦକ୍ଷେପ ନେବାକୁ ସଂଗଠନ ଦାବି କରିଛି।

## ତୀରବିଦ୍ଧ ହୋଇଆସିଥିଲେ: ନୂଆ ଜୀବନ ଦେଲେ କିମ୍‌ସ ଡାକ୍ତର



ଭୁବନେଶ୍ୱର, ୮।୭(ସମିସ): ଛାତିରେ ତୀରବିଦ୍ଧ ଅବସ୍ଥାରେ ଅସିଥିବା ଜଣେ ବ୍ୟକ୍ତି କିମ୍‌ସ ଭୁବନେଶ୍ୱର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ନୂଆ ଜୀବନ ପାଇଛନ୍ତି। ରାଉରକେଲାର ଜନୈକ ୨୨ବର୍ଷୀୟ ଯୁବକଙ୍କ ଛାତିରେ ବିଦ୍ଧ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। କିମ୍‌ସର ସର୍ଜନ ଡ. ଅମରେଶ ମିଶ୍ରଙ୍କ ନେତୃତ୍ୱରେ ଡ. ଏସ୍ କେ. ସାହୁ, ଡ. ବିଏସ୍ ପୂଜାରୀ, ଡ. ଏସ୍ ସାମଲ ଓ ଡ. ଡି ହୋତାଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାରର ଜଟିଳତା ଉପରେ ସୂଚନା ଦେଇ ସର୍ଜରୀ ବିଭାଗ ଡ. ସୁବ୍ରତ ସାହୁ କହିଛନ୍ତି, ଏଭଳି ଘଟଣା ଅତ୍ୟନ୍ତ ବିରଳ। ଅନେକ କ୍ଷେତ୍ରରେ ରୋଗୀମାନେ ତୀର କାଢ଼ିବା ସମୟରେ ରକ୍ତସ୍ରାବ ବନ୍ଦ ହୋଇ ନପାରିବା କାରଣରୁ ଅନେକ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥାଏ। କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତର ସତ୍ୟଜିତ୍ ସାମଲ କହିଛନ୍ତି, ଅସ୍ତ୍ରୋପଚାର ସମୟରେ ଫୁସଫୁସର କ୍ଷତିଗ୍ରସ୍ତ ହୋଇଥିବା ଅଂଶ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା। ଏହି ଘଟଣାରେ କିଟ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

# ନଡ଼ିଆକତା ଦେଇଛି ଅଶୋକଙ୍କୁ ନୂଆ ପରିଚୟ

ଭୁବନେଶ୍ୱର, ୮।୭(ସମିସ): ପରିସ୍ଥିତି ଯେତେ ବିଷମ ହେଉ ପଛକେ। ନିଜ ଭିତରର ସଂକଳ୍ପ ଆଉ ଧୈର୍ଯ୍ୟ ସହ ଯେ କେହି କିଛିବି ଅସାଧ୍ୟକୁ ସାଧ୍ୟ କରିପାରେ। ଏଥିପାଇଁ ଅନ୍ୟର ଉତ୍ସାହ ଯେତେ ଜରୁରୀ, ନିଜର ଉଦ୍ୟମ ବି ସେତିକି ଦରକାର। ସେହିଭଳି ଦୃଢ ମନବଳ ରଖୁଥିବା ମଣିଷ ହେଲେ ଅଶୋକ ଜେନା।

ଅଶୋକଙ୍କ ବୟସ ୫୦ ବର୍ଷରୁ ଅଧିକ ହେବ ଏବଂ ଗୋଡ ତାଙ୍କର ପୋଲିଓ ଗ୍ରସ୍ତ, ତଥାପି ସେ ନିଜକୁ ରୋଜଗାରକ୍ଷମ କରି ସମାଜରେ ମୁଣ୍ଡଟେକି ଚାଲିବାକୁ ସକ୍ଷମ ହୋଇପାରିଛନ୍ତି। ଘରେ ପତ୍ନୀ ମଧ୍ୟ ଏହି କାମରେ ସାହାଯ୍ୟ କରିଥାନ୍ତି। ଦୁଇ ହାତ କେବେ ତାଙ୍କୁ କାହା ଉପରେ ବୋଝ ହବାକୁ ଦେଇନି। ନଡିଆ କତା ତାଙ୍କ ପାଇଁ ପାଇଟିଛି ରୋଜଗାରର ମାଧ୍ୟମ। ସେ ଜଣେ ହସ୍ତଶିଳ୍ପୀ ଓ ପୁରୀ ଜିଲ୍ଲା କାକଟପୁର ହେଉଛି ତାଙ୍କ ଘର। ହେଲେ ରାଜଧାନୀରେ ମେଳା ମହୋତ୍ସବ ହେଉଛି ତାଙ୍କ ଠିକଣା। ସେଥିପାଇଁ ଅଧିକାଂଶ ସମୟ ସେ ରାଜଧାନୀରେ ରୁହନ୍ତି। ଏକାମ୍ର ହାଟରେ ମଧ୍ୟ ତାଙ୍କ ଷ୍ଟଲ ପକେଇଥାନ୍ତି। ପରିବାର ପୋଷିବା ଓ ରୋଜଗାର କରିବା ନିଶାରେ ସେ ପ୍ରଥମେ ଆନ୍ଧ୍ର ପ୍ରଦେଶରେ ପହଁଚିଥିଲେ।

### ହାର ମାନିଛି ଶାରିରୀକ ଅକ୍ଷମତା

ସେଠାରେ ଏକ ନଡ଼ିଆକତା କାରଖାନାରେ କାମ କରୁଥିବା ସମୟରେ ଦେଖିଲେ ନଡ଼ିଆକତାର ସାମଗ୍ରୀ ତିଆରି ପରେ ବାହାରୁଥିବା ବର୍ଜ୍ୟବସ୍ତୁକୁ ଫୋପାଡ଼ି ଦିଆଯାଉଛି। ପୂର୍ବରୁ ଅନେକ ସ୍ଥାନରେ ନଡ଼ିଆକତାରୁ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବା ତାଙ୍କ ନଜରରେ ଆସିଥିଲା। ତେଣୁ ବର୍ଜ୍ୟବସ୍ତୁକୁ ଫୋପାଡି ନଦେଇ ତାକୁ କିପରି ବିଭିନ୍ନ ସୁନ୍ଦର ଜିନିଷରେ ପରିଣତ କରିହେବ ସେ ଦିଗରେ ଚେଷ୍ଟା କଲେ। ପରେ ପରେ ପୁଣି ନିଜ ଘର ତଥା ଓଡ଼ିଶାକୁ ଫେରି ଆସିଲେ। ନିଜ କଳା ଓ କୌଶଳରେ ନଡିଆକତାରେ ଗଢିଲେ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଓ ବାଇ ଚଢେଇର ବସା ଏବଂ ଆହୁରି ଅନେକ ଘର ସାଜସଜ୍ଜା ଉପକରଣ। ପ୍ରାରମ୍ଭ ଦିନରେ ୨୦ ଟଙ୍କାରେ ବାଇ ଚଢେଇ ବସା କରି ବିକୁଥିଲେ। ଏବେ କିନ୍ତୁ ସବୁଠି ଦରଦାମ୍ ବୃଦ୍ଧି ଓ ଘର ଖର୍ଚ୍ଚକୁ ନଜରରେ ରଖି ସେ ସାମାନ୍ୟ ଉପକରଣର ମୂଲ୍ୟ ବଢ଼ାଇଛନ୍ତି। ସେ ୭ ଇଞ୍ଚରୁ ଆରମ୍ଭ କରି ୭ଫୁଟ୍ ପର୍ଯ୍ୟନ୍ତ ନଡ଼ିଆକତାରେ ବିଭିନ୍ନ ସାମଗ୍ରୀ ତିଆରିକରି ବିକୁଛନ୍ତି। ଯେଉଁଥିରେ ହରିଣ, ହାତୀ, ଘୋଡ଼ା, ଜିରାଫ ଓ ବାଇ ଚଢେଇ ବସା ଆଦି କେତେ କଣ ଜୀବଜନ୍ତୁ ତିଆରି କରୁଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୯୭ • ପାଉଣ୍ଡ ୧୨୭.୫୭
- ୟୁରୋ ୧୧୯.୦୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୨୦୦ (ଭୁବନେଶ୍ୱର)
- ରୁପା : ୨,୪୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୬,୫୦୩.୦୦
- ନିଫ୍ଟି ୨୩,୮୮୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ଆର୍‌ବିଆଇର ନୂଆ ନିୟମ

# ଏସ୍‌ଏମ୍‌ଏସ୍ ଆଲର୍ଟ ପାଇଁ ଶୁଳ୍କ ନେଇପାରିବେନି ବ୍ୟାଙ୍କ



**ପ୍ରତି ତିନି ମାସରେ ଆକାଉଣ୍ଟରୁ କଟୁଥିଲା ୧୮ ଟଙ୍କା ଶୁଳ୍କ**

**ଛୋଟ କାରବାର ପାଇଁ ଏସ୍‌ଏମ୍‌ଏସ୍ ବାଧ୍ୟତାମୂଳକ ନୁହେଁ**

**ବ୍ୟାଙ୍କଙ୍କୁ ଲାଗିବ ୩୬୦ କୋଟି ପର୍ଯ୍ୟନ୍ତ ଝଟ୍‌କା**

ମୁମ୍ବଇ,୮।୭(ଏଜେନ୍ସି): ଏଣିକି ବ୍ୟାଙ୍କଗୁଡ଼ିକ ଆଉ ନିୟମ ଅନୁପାଳନ, ସଚେତନତା କିମ୍ବା ପ୍ରଚାରମୂଳକ ବାର୍ତ୍ତା ପାଇଁ ଏସ୍‌ଏମ୍‌ଏସ୍ ଆଲର୍ଟ ନାମରେ ଗ୍ରାହକଙ୍କଠାରୁ ଶୁଳ୍କ ଅସୁଲ କରିପାରିବେନାହିଁ। ଏ ପର୍ଯ୍ୟନ୍ତ, ଦେଶର ପ୍ରାୟ ସମସ୍ତ ବ୍ୟାଙ୍କ ଏହିପରି ଭାବେ ଏସ୍‌ଏମ୍‌ଏସ୍ ପଠାଇବା ପାଇଁ ପ୍ରତି ତିନି ମାସରେ ଗ୍ରାହକଙ୍କ ଆକାଉଣ୍ଟରୁ ୧୫ ରୁ ୧୮ ଟଙ୍କା ଶୁଳ୍କ କାଟି ନେଉଥିଲେ। ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତା'ର ନୂଆ ନିୟମ ଜରିଆରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଏଭଳି ବଡ଼ ଝଟକା ଦେଇଛି। ଗ୍ରାହକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଆର୍‌ବିଆଇ ବ୍ୟାଙ୍କଗୁଡ଼ିକ ଦ୍ୱାରା ଏସ୍‌ଏମ୍‌ଏସ୍ ଆଲର୍ଟ ଫି' ଆଦାୟ ଉପରେ କଟକଣା ଲାଗୁ କରିଛି। କେନ୍ଦ୍ରୀୟ ବ୍ୟାଙ୍କର ନୂତନ ନିର୍ଦ୍ଦେଶ ପରେ ବ୍ୟାଙ୍କଗୁଡ଼ିକ ଆଉ ନିୟାମକ, ସଚେତନତା ଏବଂ ପ୍ରୋତ୍ସାହନମୂଳକ ଏସ୍‌ଏମ୍‌ଏସ୍ ଆଲର୍ଟ ପାଇଁ ଗ୍ରାହକଙ୍କଠାରୁ ଶୁଳ୍କ ନେଇପାରିବେନାହିଁ। ଏହି ନିୟମ ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଅପରପକ୍ଷେ ଏହି ନିୟମ ଏବେ ପ୍ରମୁଖ ବ୍ୟାଙ୍କଗୁଡ଼ିକର ଏସ୍‌ଏମ୍‌ଏସ୍ ଆଲର୍ଟ ବାବଦ ବାର୍ଷିକ ୩୦୦ କୋଟି ଟଙ୍କାରୁ ଅଧିକ ଶୁଳ୍କ ଆୟକୁ ଏକ ବଡ଼ ଝଟ୍‌କା ଦେଇଛି। ଏମିତିକି ଏହି ନିଷେଧାଦେଶ ପରେ ପ୍ରତ୍ୟେକ ପ୍ରମୁଖ ବ୍ୟାଙ୍କ ବାର୍ଷିକ ୩୬୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ସହିପାରନ୍ତି।

୫୦୦ ଟଙ୍କା କିମ୍ବା ତା'ଠାରୁ କମ୍ ମୂଲ୍ୟର କ୍ଷୁଦ୍ର କାରବାର ପାଇଁ ଏସ୍‌ଏମ୍‌ଏସ୍ ପଠାଇବା ବ୍ୟାଙ୍କଗୁଡିକର ଇଚ୍ଛାଧୀନ ବ୍ୟାପାର। ଏହାକରି ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ କିଛି ମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିଛି। ଏହାର ଅର୍ଥ ହେଉଛି ଛୋଟ କାରବାର ପାଇଁ ଏସ୍‌ଏମ୍‌ଏସ୍ ପଠାଇବା ଆଉ ବାଧ୍ୟତାମୂଳକ ହେବ ନାହିଁ। ଏହା ସତ୍ତ୍ୱେ, ଏଚ୍‌ଡିଏଫ୍‌ସି ଏବଂ ଆଇସିଆଇସିଆଇ ପରି ବଡ଼ ଘରୋଇ ବ୍ୟାଙ୍କଗୁଡ଼ିକ ଏହି ମେସେଜଗୁଡ଼ିକୁ ବନ୍ଦ କରିବେ ନାହିଁ, କାରଣ ସେମାନଙ୍କର ଗ୍ରାହକମାନେ ତୁରନ୍ତ ଆଲର୍ଟ ପାଇବାରେ ଅଭ୍ୟସ୍ତ, ଏବଂ ଛୋଟ କାରବାର ପାଇଁ ଏସ୍‌ଏମ୍‌ଏସ୍ ପଠାଇବା ଆଉ ବାଧ୍ୟତାମୂଳକକୁ ବ୍ୟାଙ୍କିଙ୍ଗ ଠକେଇ ରୋକିବା ପାଇଁ ଏବେ ବି ସବୁଠାରୁ ସୁରକ୍ଷିତ ମାଧ୍ୟମ ଭାବରେ ବିବେଚନା କରାଯାଏ।

ଅପରପକ୍ଷେ ଆର୍‌ବିଆଇ ନିଷ୍ପତ୍ତିର ପ୍ରଭାବ କେବଳ ବ୍ୟାଙ୍କଗୁଡ଼ିକ ପର୍ଯ୍ୟନ୍ତ ସୀମିତ ରହିବନାହିଁ। ରିଜର୍ଭ ବ୍ୟାଙ୍କର ଏହି ନିଷ୍ପତ୍ତି ଟେଲିକମ୍ କମ୍ପାନୀଗୁଡ଼ିକୁ ଅଧିକ ପ୍ରଭାବିତ କରିବ। ପ୍ରତି ମାସରେ ଭାରତରେ ୬୦ ରୁ ୮୦ ବିଲିୟନ ବାଣିଜ୍ୟିକ ଏସ୍‌ଏମ୍‌ଏସ୍ ପଠାଯାଏ, ଯାହା ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ମୂଲ୍ୟର କାରବାର ସହିତ ଜଡିତ। ଯଦି ବ୍ୟାଙ୍କଗୁଡ଼ିକ ୫୦୦ ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ଏସ୍‌ଏମ୍‌ଏସ୍ ପଠାଇବା ହ୍ରାସ କରନ୍ତି, ତେବେ ଟେଲିକମ୍ କମ୍ପାନୀଗୁଡ଼ିକର ଏସ୍‌ଏମ୍‌ଏସ୍ ବ୍ୟବସାୟ ମଧ୍ୟ ହ୍ରାସ ପାଇପାରେ। କାରଣ ଭାରତରେ ସମସ୍ତ ଖୁଚୁରା କାରବାରର ୬୦ ରୁ ୭୦ ପ୍ରତିଶତ ହେଉଛି ୫୦୦ ଟଙ୍କାରୁ କମ୍ କାରବାର। ଏହି ନିୟମ ଟେଲିକମ୍ କମ୍ପାନୀଗୁଡ଼ିକର ବାଣିଜ୍ୟିକ ଏସ୍‌ଏମ୍‌ଏସ୍ ଟ୍ରାଫିକକୁ ପ୍ରାୟ ୨୦% ହ୍ରାସ କରିବ। ଏହି ସମୟରେ, ଏସ୍‌ଏମ୍‌ଏସ୍‌ର ମହଙ୍ଗା ମୂଲ୍ୟ ଏଡାଇବା, ଗ୍ରାହକ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ବ୍ୟାଙ୍କଗୁଡ଼ିକର ଖର୍ଚ୍ଚ ବଞ୍ଚାଇବା ପାଇଁ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ବୈଧ ଚ୍ୟାନେଲ ଭାବରେ ହ୍ୱାଟ୍ସଆପ୍, ଗୁଗୁଲ୍ ଆର୍‌ସିଏସ୍ ଏବଂ ଇନ୍-ଆପ୍ ଆଲର୍ଟ ଏବଂ ମୋବାଇଲ୍ ପୁସ୍ ନୋଟିଫିକେସନ୍ ଭଳି ସୁଲଭ ଏବଂ ସ୍ମାର୍ଟ ଡିଜିଟାଲ୍ ବିକଳ୍ପଗୁଡ଼ିକୁ ବ୍ୟବହାର କରିବାକୁ ଅନୁମତି ଦେଇଛି। ଫଳରେ ଭବିଷ୍ୟତରେ ବ୍ୟାଙ୍କଗୁଡ଼ିକ ଗ୍ରାହକମାନଙ୍କୁ ସୂଚନା ପ୍ରଦାନ କରିବା ପାଇଁ ଏହି ପ୍ଲାଟଫର୍ମଗୁଡ଼ିକୁ ଅଧିକରୁ ଅଧିକ ବ୍ୟବହାର କରିପାରନ୍ତି। ତଥାପି, ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଏହି କ୍ଷତି ଭରଣା ପାଇଁ ବ୍ୟାଙ୍କଗୁଡ଼ିକ ଗୁପ୍ତ ଭାବରେ ଆକାଉଣ୍ଟ ରକ୍ଷଣାବେକ୍ଷଣ ଚାର୍ଜ କିମ୍ବା ସର୍ବନିମ୍ନ ବାଲାନ୍ସ ନ ରଖିବା ପାଇଁ ଜରିମାନା ଅର୍ଥରେ ବୃଦ୍ଧି କରିପାରନ୍ତି।

## ଆରକନ୍ ମୋଟର୍ସର ନୂଆ ଇଲେକ୍ଟ୍ରିକ୍ ଥ୍ରୀ ହ୍ୱିଲର 'ଟ୍ରାଇବ୍ ଟି୧୨ଏକ୍ସ'

ଭୁବନେଶ୍ୱର,୮।୭(ସମିସ): ଭୁବନେଶ୍ୱର-ଭିତ୍ତିକ ଇଭି ଷ୍ଟାର୍ଟଅପ୍ ଆରକନ୍ ମୋଟର୍ସ ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ଥ୍ରୀ ହ୍ୱିଲର 'ଟ୍ରାଇବ୍ ଟି୧୨ଏକ୍ସ'ର ବଜାର ପ୍ରବେଶ କରାଯାଇଛି। ଯାତ୍ରୀ ଏବଂ ଉପଯୋଗୀତା କାର୍ଯ୍ୟ ଉଭୟ ପାଇଁ 'ଟ୍ରାଇବ୍ ଟି୧୨ଏକ୍ସ' ହେଉଛି ଏକ ଉଚ୍ଚ-କ୍ଷମତା ବିଶିଷ୍ଟ ଇଲେକ୍ଟ୍ରିକ୍ ତିନି-ଚକିଆ ଯାନ। ଏହାରସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି, ଏହା ଥରୁଟିଏ ଚାର୍ଜରେ ୨୨୦ କିମିରୁ ଅଧିକ ଯାଇପାରିବ। ଏହାର ହ୍ୱିଲ୍ ଟର୍କ ୮୦୦ଏନ୍‌ଏମ୍ ରହିଛି, ଯାହାକି ୪୫% ଭାରି ମାଲ୍ ପରିବହନ କରିବାରେ ସକ୍ଷମ। 'ଟ୍ରାଇବ୍ ଟି୧୨ଏକ୍ସ'ର ପରିଚାଳନା ଖର୍ଚ୍ଚ ପ୍ରତି କିମି ପିଛା ୦.୪୦ ଟଙ୍କା। ୨୦୧୮ ରେ ଇଞ୍ଜିନିୟର ଏବଂ ଉଦ୍ୟୋଗୀ ଯୁବରାଜ ହରିଚନ୍ଦନଙ୍କ ଦ୍ୱାରା ପ୍ରତିଷ୍ଠିତ ଆରକନ୍ ମୋଟର୍ସ ଏକ ତୀକ୍ଷ୍ଣ, ଦ୍ୱୈତ-କେନ୍ଦ୍ରିତ ମିଶନ ସହିତ କାର୍ଯ୍ୟ କରୁଛି, ଯାହା ବାଣିଜ୍ୟିକ ଡ୍ରାଇଭରମାନଙ୍କର ଦୈନିକ ଲାଭ ପରିମାଣକୁ ବହୁଳ ଭାବରେ ବୃଦ୍ଧି କରିବା ସହିତ ସହରାଞ୍ଚଳ କାର୍ବନ ନିର୍ଗମନକୁ ହ୍ରାସ କରିବ। ଆମେ କେବଳ ଯାନ ନିର୍ମାଣ କରୁନାହୁଁ; ଆମେ ଉନ୍ନତ ଜୀବିକା ନିର୍ମାଣ କରୁଛୁ। ମୋବିଲିଟି ଲୋକଙ୍କୁ ବିନ୍ଦୁ ଏ ରୁ ବି କୁ ସ୍ଥାନାନ୍ତର କରିବା ଅପେକ୍ଷା ଅଧିକ କରିବା ଉଚିତ। ଏହା ଜୀବନକୁ ଆର୍ଥିକ ଭାବରେ ଆଗକୁ ବଢାଇବା ଉଚିତ ବୋଲି ଆରକନ୍ ମୋଟର୍ସର ସହ-ପ୍ରତିଷ୍ଠାତା ଏବଂ ସିଇଓ ମିଲାନ ନନ୍ଦ କହିଛନ୍ତି।



## ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ଫ୍ଲିପକାର୍ଟ ଗୋଟ ସେଲ୍ ଅଫର

ମୁମ୍ବଇ,୮।୭: ଏଆଇ+ ସ୍ମାର୍ଟଫୋନ ଫ୍ଲିପକାର୍ଟର ବହୁପ୍ରତିକ୍ଷୀତ ଗୋଟ୍ ସେଲ ଅବସରରେ ଏହାର ସ୍ମାର୍ଟଫୋନ ଓ ଏଆଇଓଟି ପ୍ରଡକ୍ଟ ପୋର୍ଟଫୋଲିଓ ଉପରେ ଆକର୍ଷଣୀୟ ମୂଲ୍ୟ ଘୋଷଣା କରିଛି। ଫ୍ଲିପକାର୍ଟ ପ୍ଲସ ଗ୍ରାହକମାନେ ଜୁଲାଇ ୩ ତାରିଖରୁ ଅର୍ଲି ଆକ୍‌ସେସ ପାଇପାରିବେ ଏବଂ ଗୋଟ୍ ସେଲ ଜୁଲାଇ ୪ ତାରିଖରୁ ସମସ୍ତ ଗ୍ରାହକଙ୍କ ପାଇଁ ଆରମ୍ଭ ହେବ। ଚଳିତ ବର୍ଷର ଗୋଟ୍ ସେଲର ପ୍ରମୁଖ ଆକର୍ଷଣ ମଧ୍ୟରୁ ଗୋଟିଏ ହେଉଛି ଏଆଇ+ ପଲ୍‌ସ ୨ ଯାହା ୮୯୯୯ ଟଙ୍କାର ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ ହେବ। ଏହାବ୍ୟତୀତ ଗ୍ରାହକମାନେ ନୋଭା ସିରିଜ, ୱେୟାରେବୁଲ୍ସ ଅଡିଓ ପ୍ରଡକ୍ଟ ଓ ଟାବ୍‌ଲେଟଗୁଡିକ ଉପରେ ମଧ୍ୟ ଆକର୍ଷଣୀୟ ଅଫର ପାଇପାରିବେ।

### ଟ୍ରୁ-କଲର୍‌କୁ ଟ୍ରାଇର ନିର୍ଦ୍ଦେଶ

# ସରକାରୀ ଓ ଅଧିକାରୀଙ୍କ କଲ୍‌ରୁ ସ୍ପାମ୍ ଲେବଲ୍ ହଟାଅ

ନୂଆଦିଲ୍ଲୀ,୮।୭(ଏଜେନ୍ସି): ସମ୍ପ୍ରତି ଦେଶରେ ବଢ଼ୁଥିବା ସ୍ପାମ କଲ୍ ମଧ୍ୟରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) କଲର ଆଇଡେଣ୍ଟିଫିକେସନ ଆପ୍ ଟ୍ରୁ-କଲର୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୧୪୦ ସିରିଜ୍ (ଟେଲି ମାର୍କେଟିଂ) ଓ ୧୬୦୦ ସିରିଜ୍ (ବ୍ୟାଙ୍କିଙ୍ଗ ଓ ଅଧିକାରୀକ ସେବା) ରୁ ଆସୁଥିବା କଲ୍‌ରେ ଯେପରି ସ୍ପାମ ଲେବଲ ନ ଦେଖାଯାଏ ସେଥିପାଇଁ ସତର୍କ କରାଇଛନ୍ତି। ଅର୍ଥାତ୍ ସରକାରୀ ଓ ଅଧିକାରୀଙ୍କ କଲ୍‌ରୁ ସ୍ପାମ୍ ଲେବଲ୍ ହଟାଇବାକୁ ଟ୍ରୁ-କଲର୍‌କୁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଟ୍ରାଇ ଅନୁସାରେ ୧୪୦ ଓ ୧୬୦୦ ସିରିଜ୍ ନମ୍ବର ବୈଧ ବ୍ୟବସାୟିକ ଓ ଅଧିକାରୀକ ସଞ୍ଚାର ନିମନ୍ତେ ନିର୍ଦ୍ଧାରିତ ହୋଇଛି। ଏହି ନମ୍ବରକୁ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ସରକାରୀ ଏଜେନ୍ସି ଓ ଅନ୍ୟ ଅଧିକୃତ ସଂସ୍ଥାମାନେ ଗ୍ରାହକଙ୍କ ସହ ସମ୍ପର୍କ କରନ୍ତି। ଏଣୁ ଏପରି କଲରେ ସ୍ପାମ୍ ଚେତାବନୀ ଦେଖିଲେ ଅନେକ ଗୁରୁତ୍ୱପୂର୍ଣ୍ଣ କଲ୍ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ।

ଟ୍ରାଇଙ୍କ କହିବା କଥା ହେଉଛି ୟୁଜର୍ସଙ୍କ ଦ୍ୱାରା ବହୁ ସଂଖ୍ୟାରେ କରାଯାଉଥିବା ସ୍ପାମ ରିପୋର୍ଟ ଯୋଗୁ ଅନେକ ବାସ୍ତବିକ ଓ ଜରୁରୀ କଲସ୍ ବ୍ଲକ୍ ଅଥବା ଅଣଦେଖା ହେଉଛି। ଏଣୁ ନିୟାମକ ଟ୍ରୁ କଲର ସମେତ ଅନ୍ୟ କଲର ଆଇଡି ଆପ୍ସକୁ ଏହି ସବୁ ନମ୍ବର ଉପରୁ




ସ୍ପାମ ଲେବୁଲ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଟ୍ରୁ କଲର ନିୟାମକଙ୍କ ଆଦେଶ ଅନୁପାଳନ କରୁଥିବା ମଧ୍ୟ କହିଛି। ତେବେ କମ୍ପାନୀ କହିଛି ଯେ ଏହି ପରିବର୍ତ୍ତନ ପରେ ପ୍ରତିଦିନ ପାଖାପାଖି ୫.୧ କୋଟି (୫୧ ମିଲିୟନ) ୧୪୦ ଓ ୧୬୦୦ ସିରିଜ କଲସ୍ ବିନା କୌଣସି ଚେତାବନୀରେ ଅନ ଆନସର୍ଡ ରହିଯାଉଛି। ଏହାଦ୍ୱାରା ଗ୍ରାହକ ଓ ସେବା ପ୍ରଦାତାଙ୍କ ମଧ୍ୟରେ ସଞ୍ଚାର ପ୍ରଭାବିତ ହୋଇପାରେ। ଇତିମଧ୍ୟରେ ଟ୍ରାଇ ଏହା ବି ସଂକେତ ଦେଇଛନ୍ତି ଯେ ସେ ସୂଚନା ଓ ପ୍ରଯୁକ୍ତି (ଆଇଟି) ଅଧିନିୟମରେ ଏପରି ଆପ୍ସକୁ ବିନିୟମିତ କରିବାକୁ ଅତିରିକ୍ତ ଆଇନଗତ ଅଧିକାର ହାସଲ କରିବାକୁ ଚାହୁଁଛି। ଏଣୁ ଭବିଷ୍ୟତରେ କଲର ଆଇଡି ଓ ସ୍ପାମ ଲେବଲିଂ ସମ୍ପର୍କିତ ମାମଲାରେ ନିୟାମକଙ୍କ ଭୂମିକା ଆହୁରି ମଜଭୁତ ହୋଇ ପାରିବ। ଭାରତରେ ପ୍ରତି ବର୍ଷ କୋଟିକୋଟି ସଂଖ୍ୟାରେ ସ୍ପାମ କଲ ଅଭିଯୋଗ ସାମ୍ନାକୁ ଆସୁଛି। ଏଣୁ ଗୋଟିଏ ପଟେ ଉପଭୋକ୍ତାଙ୍କୁ ଠକେଇ ଓ ମିଥ୍ୟା କଲ୍ ରୁ ବଞ୍ଚାଇବା ଚ୍ୟାଲେଞ୍ଜ ହୋଇ ପଡିଛି, ସେହିପରି ଅନ୍ୟପଟେ ଏହା ମଧ୍ୟ ସୁନିଶ୍ଚିତ କରିବା ଜରୁରି ଯେ ବ୍ୟାଙ୍କିଙ୍ଗ, ସରକାରୀ ଓ ଅନ୍ୟ ଅଧିକାରୀକ କଲସ୍ ବିନା ବାଧାରେ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚିବ। ଟ୍ରାଇ ଓ ଟ୍ରୁ-କଲର ମଧ୍ୟରେ ଏହି ମାମଲା ସନ୍ତୁଳନ ରକ୍ଷା କରିବାର ଚ୍ୟାଲେଞ୍ଜକୁ ଉଜାଗର କରୁଛି।

# ଅନୁଗୋଳରେ ପ୍ରତିଷ୍ଠା ହେବ ୧୦୮୦ ମେଗାୱାଟ ପାୱାର ପ୍ଲାଣ୍ଟ

ନୂଆଦିଲ୍ଲୀ,୮।୭(ଏଜେନ୍ସି): ଅନୁଗୋଳଠାରେ ୧୦୮୦ ମେଗାୱାଟ ଥର୍ମାଲ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼ (ନାଲ୍‌କୋ) ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଏନଏଲସିର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ) ସନୋଜ କୁମାର ଝା, ନାଲ୍‌କୋ ଅଧ୍ୟକ୍ଷ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ କୁମାର ବାଜପେୟୀ, ନାଲକୋ ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ



**ନାଲ୍‌କୋ –ଏନ୍‌ଏଲ୍‌ସି ଚୁକ୍ତିନାମା**

ଆରୋରା, ନିର୍ଦ୍ଦେଶକ (ବିତ୍ତ) ଅଭୟ କୁମାର ବେହୁରିଆ, ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ (ବିତ୍ତ) ଡ଼. ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ସହ ଖଣି ତଥା କୋଇଲା ମନ୍ତ୍ରଣାଳୟ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମିଳିତ ଉଦ୍ୟମ କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ପଞ୍ଜୀକୃତ ହେବ ଏବଂ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ଚେନ୍ନାଇରେ ତଥା କର୍ପୋରେଟ୍ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ। ପ୍ରତ୍ୟେକ କମ୍ପାନୀର ୫୦% ଇକ୍ୱିଟି ରହିବା ସହ ବିଦ୍ୟୁତ ଆଇନ, ୨୦୦୩ ର ଧାରା ୬୨ ଅନୁଯାୟୀ ୧୦୦% ବିଦ୍ୟୁତ୍ ଯୋଗାଣ ନିମନ୍ତେ ନାଲକୋ ସହିତ ୨୫ ବର୍ଷର ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ଏବଂ କୋଲ୍ ଇଣ୍ଡିଆ ଅଧିସୂଚିତ ମୂଲ୍ୟରେ କୋଇଲା ନିମନ୍ତେ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ଏକ ଦୀର୍ଘକାଳୀନ ଇନ୍ଧନ ଯୋଗାଣ ଚୁକ୍ତିନାମାର ଅଂଶ।

ଉଲ୍ଲେଖନୀୟ ଯେ, ଚଳିତ ବର୍ଷ ଫେବୃଆରୀ ରେ ଚେନ୍ନାଇରେ ନାଲକୋ ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ତାପଜ ଏବଂ ନବୀକରଣୀୟ ଶକ୍ତି ପ୍ରକଳ୍ପ ବିକାଶ ଏବଂ ଦୀର୍ଘକାଳୀନ କୋଇଲା ଯୋଗାଣ ବ୍ୟବସ୍ଥାରେ ସହଯୋଗ ପାଇଁ ବ୍ୟାପକ ଢାଞ୍ଚା ପ୍ରତିଷ୍ଠା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦେଶର ଏକ ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ନିର୍ମାତା ଭାବେ ନାଲକୋ ଓଡ଼ିଶାର ଅନୁଗୋଳଠାରେ ବାର୍ଷିକ ୦.୫ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତାର ଆଲୁମିନିୟମ ସ୍ମେଲ୍ଟର ସମ୍ପ୍ରସାରଣ କରୁଛି, ଯାହା ୨୦୩୦ - ୩୧ ରେ କାର୍ଯ୍ୟକ୍ଷମ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି। ଏହି ପ୍ଲାଣ୍ଟ ନିମନ୍ତେ ଅତିରିକ୍ତ ୮୦୦ ମେଗାୱାଟ କ୍ୟାପ୍ଟିଭ୍ ପାୱାର ଆବଶ୍ୟକତା ରହିଛି।

# ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୮।୭: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍‌ସୁ୍ୟରାନ୍ସ ପକ୍ଷରୁ ୧୦ ବର୍ଷର ଲାଇଫ କଭର ସହିତ ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସର ଶୁଭାରମ୍ଭ କରାଯାଇଛି ଯାହାକୁ ଗୃହ ଋଣ, ବ୍ୟବସାୟ ଋଣ ଓ ପିଲାମାନଙ୍କ ଶିକ୍ଷା ଋଣ ଭଳି ନିର୍ଦ୍ଦିଷ୍ଟ ଆର୍ଥିକ ପ୍ରତିବଦ୍ଧତା ଥିବା ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଛି। ଏହି ଉତ୍ପାଦ ଆର୍ଥିକ ଦାୟିତ୍ୱ ଏବଂ ଆୟ ଉପରେ ଅଧିକ ନିର୍ଭରଶୀଳତା ଥିବା ସମୟରେ ଲାଇଫ କଭର ପ୍ରଦାନ କରିଥାଏ। ଏହି ପ୍ରସ୍ତାବ ଏକ ନିର୍ଦ୍ଧାରିତ ଅବଧି ପାଇଁ ବ୍ୟବସାୟ ଋଣ ଥିବା ସ୍ୱ-ନିଯୁକ୍ତ ବ୍ୟକ୍ତି, ଗୃହ ଋଣ ନେଇଥିବା ବ୍ୟକ୍ତି ଏବଂ ନିଜ ପିଲାମାନଙ୍କ ଶିକ୍ଷା ପାଇଁ ଯୋଜନା କରୁଥିବା ଅଭିଭାବକଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ପ୍ରାସଙ୍ଗିକ ଅଟେ। ଏହାର ୧୦ ବର୍ଷର ଲାଇଫ କଭରକୁ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ସହ ସୁରକ୍ଷାକୁ ସଂଯୋଗ କରିବା ପାଇଁ ଡିଜାଇନ କରାଯାଇଛି। ଏହାର ଏକ ପ୍ରମୁଖ ଫିଚର ହେଉଛି ଏହାର ଲାଇଫ କଭର ୧୦ ବର୍ଷର ବୀମା ଅବଧି ସମୟରେ ସ୍ଥିର ରହିଥାଏ। ଏହି ଶୁଭାରମ୍ଭ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଅଧିକାରୀ ବିକାଶ ଗୁପ୍ତା କହିଛନ୍ତି, "ଏକ ଘର କିଣିବା, ଏକ ବ୍ୟବସାୟ ସ୍ଥାପନ କରିବା କିମ୍ବା ପିଲାମାନଙ୍କ ଶିକ୍ଷା ପାଇଁ ପାଣ୍ଠି ପ୍ରଦାନ କରିବା ଭଳି ଅନେକ ଆର୍ଥିକ ଲକ୍ଷ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମା ସହ ଜଡିତ।

ICICI PRUDENTIAL LIFE INSURANCE
Ke Saath Zimmedari Lagey Pyaari
Trusted by over 20 crore Indians in 25 YEARS

# ଜିସିଏଲ୍‌ଆଇସିଏଲ୍ ସୁନେହରା ପେନ୍‌ସନ୍ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୮।୭: ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଜିସିଏଲ୍‌ଆଇସିଏଲ୍), ଏକ ଘରୋଇ ଅଗ୍ରଣୀ ଜୀବନ ବୀମା କମ୍ପାନୀ, ସୁନେହରା ପେନ୍ସନ୍ ଯୋଜନା ଆରମ୍ଭ କରିଛି। ଏହା ଏକ ଅଂଶଗ୍ରହଣକାରୀ (ପିଏଆର), ଅନ-ଲିଙ୍କ୍ଡ୍, ପେନ୍ସନ୍, ସଞ୍ଚୟ-ମୁଖୀ ଜୀବନ ବୀମା ଯୋଜନା ଯାହା ପଲିସିଧାରକମାନଙ୍କୁ ସେମାନଙ୍କର ଭବିଷ୍ୟତ ଆର୍ଥିକ ସୁରକ୍ଷା ପାଇଁ ଏକ ଅବସର କର୍ପସ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାର ମୂଳ ବୀମା ଲାଭ ବ୍ୟତୀତ, ଏହି ଯୋଜନା ମାଗଣା ସୁସ୍ଥତା ସେବା ମଧ୍ୟ ପ୍ରଦାନ କରେ, ଯାହା ଏହାର ପଲିସିଧାରକମାନଙ୍କୁ ସାମଗ୍ରିକ ମୂଲ୍ୟ ପ୍ରଦାନ କରିବା ପାଇଁ ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସ ହେଉଛି ବିଶ୍ୱ ବୀମା କ୍ଷେତ୍ରରେ ଅଗ୍ରଣୀ ଜେନେରାଲି ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏକ ମିଳିତ ଉଦ୍ୟୋଗ, ଯାହା ସ୍ଥାନୀୟ ବ୍ୟାଙ୍କିଂ ଐତିହ୍ୟ ସହିତ ଆନ୍ତର୍ଜାତୀୟ ବିଶେଷଜ୍ଞତାକୁ ମିଶ୍ରଣ କରିଥାଏ। ୨୦୫୦ ସୁଦ୍ଧା, ଭାରତର ବୟସ୍କ ଜନସଂଖ୍ୟା ୨୦୨୨ ରେ ୧୦.୫% ରୁ ପ୍ରାୟ ଦ୍ୱିଗୁଣିତ ହୋଇ ପ୍ରାୟ ୨୦.୮% (୧) ହୋଇଯିବ ବୋଲି ଆଶା କରାଯାଉଛି। ସେହି ସମୟରେ, ପେନସନ ସମ୍ପତ୍ତି ବିକଶିତ ବଜାରରେ ୮୦% ତୁଳନାରେ ଜିଡିପିର ମାତ୍ର ୧୭% ରେ କମ୍ ରହିଛି (୨), ଯାହା ଦୃଢ଼ ଅବସର ପ୍ରସ୍ତୁତିର ଆବଶ୍ୟକତାକୁ ସ୍ପଷ୍ଟ କରେ।

GENERALI Central — LIFE INSURANCE —

## ବାଲେଶ୍ୱରରେ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନର ଶାଖା ପରିଷଦ ବୈଠକ

ବାଲେଶ୍ୱର,୮।୭(ସମିସ): ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ ବାଲେଶ୍ୱର ଶାଖାର ଶାଖା ପରିଷଦର ଏକ ବୈଠକ ମୁଖ୍ୟ ଉପଦେଷ୍ଟା ଡ. ଗୌରସାଧନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୟୁନିୟନର ଖଡ଼ଗପୁର ମଣ୍ଡଳ ସଂଯୋଜକ ଅଭିଜିତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଏଥିରେ ଶାଖାର ସମସ୍ତ ପଦାଧିକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସଦସ୍ୟ ସଂଗ୍ରହ, ରେଳ କର୍ମଚାରୀଙ୍କ କଲ୍ୟାଣ, ସଂଗଠନର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ବିଭିନ୍ନ ୟୁନିଅନ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ଖଡଗପୁର ମହିଳା ଶାଖାର ସହ-ସଂପାଦକ ରୂପେ ମିନତୀ ମାନ୍ନା ମହାନ୍ତି ଓ ଶାଖା ପରିଷଦ ରୂପେ ମେଙ୍କୁ ମାଝୀଙ୍କୁ ମୋନନିତ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଂଯୋଜକ ଅଭିଜିତ ମଲ୍ଲିକ, ଶାଖା କୋଷାଧ୍ୟକ୍ଷ ଅଭିମନ୍ୟୁ ବେହେରା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରି ମୁଖ୍ୟ ଉପଦେଷ୍ଟା, ମଣ୍ଡଳ ସଂଯୋଜକ, ସମସ୍ତ ପଦାକାରୀ କର୍ମକର୍ତ୍ତା, ଶାଖା ପରିଷଦ ସଦସ୍ୟ ତଥା ଉପଦେଷ୍ଟା ଓ ମହିଳା ଶାଖାର ସଦସ୍ୟା ଏବଂ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ।




# ଆଦାନୀଙ୍କ ବିରୁଦ୍ଧରେ ଖାରଜ ହୋଇପାରେ ଫୌଜଦାରୀ ମାମଲା

## ଫାଇଲ୍ ବନ୍ଦ କରିବା ପଛର କାରଣ ବତାଇଲା ଆମେରିକାର ନ୍ୟାୟ ବିଭାଗ

ନୂଆଦିଲ୍ଲୀ,୮।୭(ଏଜେନ୍ସି): ଭାରତୀୟ ଶିଳ୍ପପତି ଏବଂ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଏବଂ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଲାଞ୍ଚ ଏବଂ ଠକେଇ ଅଭିଯୋଗରେ ଚାଲିଥିବା ଫୌଜଦାରୀ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ, ଆମେରିକାର ନ୍ୟାୟ ବିଭାଗ(ଡିଓଜେ) ଭାରତୀୟ କୋଟିପତି ଗୌତମ ଆଦାନୀ ଏବଂ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ପ୍ରତ୍ୟାହାର କରିବାର ନିଷ୍ପତ୍ତିକୁ ଦୃଢ଼ ଭାବରେ ରକ୍ଷା କରିଛି। ବିଭାଗ ପକ୍ଷରୁ ଫେଡେରାଲ ବିଚାରପତିଙ୍କୁ କୁହାଯାଇଛି ଯେ ପ୍ରସିକ୍ୟୁସନର କାର୍ଯ୍ୟ ଆଇନଗତ ଭାବରେ ତ୍ରୁଟିପୂର୍ଣ୍ଣ, କୂଟନୈତିକ ଭାବରେ କ୍ଷତିକାରକ।

ପିଲ୍ସବରୀର କର୍ପୋରେଟ୍ ତଦନ୍ତ ପାର୍ଟନର ଆଡାମ ଗୋଲ୍ଡବର୍ଗ କହିଛନ୍ତି, ଯଦି କୋର୍ଟ ବିଭାଗ ସହିତ ସହମତ ହେବା ଏବଂ ମାମଲା ପ୍ରତ୍ୟାହାର କରିବା ବ୍ୟତୀତ ଅନ୍ୟ କିଛି କରନ୍ତି ତେବେ ଏହା ବହୁତ ଆଶ୍ଚର୍ଯ୍ୟଜନକ ହେବ। ନ୍ୟାୟ ବିଭାଗ କେବଳ ମାମଲା ପ୍ରତ୍ୟାହାର କରିବାକୁ ଚାହୁଁ ନ ଥିବା ଅନେକ କାରଣ ବିଷୟରେ ପ୍ରଚୁର ବିବରଣୀ ପ୍ରଦାନ କରିନାହିଁ, ବରଂ ଏହା କାହିଁକି ଆଗକୁ ବଢ଼ିବାକୁ ଚାହୁଁନାହିଁ ତାହାର ଏକ ସମର୍ଥିତ ଏବଂ ବିଶ୍ୱାସଯୋଗ୍ୟ ବ୍ୟାଖ୍ୟା ମଧ୍ୟ ପ୍ରଦାନ କରିଛି। ରିପୋର୍ଟ ଅନୁଯାୟୀ, ଡିଓଜେ ୧୦ ପୃଷ୍ଠାର ଫାଇଲିଂରେ ଦୃଢ଼ ଭାବରେ ଉଲ୍ଲେଖ କରିଛି ଯେ ମାମଲାକୁ ଗୋଟିଏ ବର୍ଷ ପୂର୍ବରୁ ଖାରଜ କରିଦିଆଯିବା ଉଚିତ ଥିଲା।ଅଥବା ଏହା କେବେ ଆରମ୍ଭ ହେବା ଉଚିତ୍ ନୁହେଁ। ସେମାନେ ଯୁକ୍ତି ଦର୍ଶାଇଥିଲେ ଯେ ସ୍ଥାୟୀ ଭାବରେ ଅଭିଯୋଗ ଖାରଜ କରିବାର ନିଷ୍ପତ୍ତି ସମୀକ୍ଷା କରିବାରେ କୋର୍ଟର ଭୂମିକା ସୀମିତ ଥିଲା। ଏହି ଚିଠି ଜୁନ୍ ୨୬ରେ ଆମେରିକା ଜିଲ୍ଲା ବିଚାରପତି ନିକୋଲାସ୍ ଗାରୌଫିସଙ୍କ ନିର୍ଦ୍ଦେଶର ଜବାବରେ ଆସିଥିଲା, ଯେଉଁଥିରେ ସରକାରଙ୍କୁ ଅଭିଯୋଗ ଖାରଜ କରିବାର କାରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆମେରିକା ଜିଲ୍ଲା ବିଚାରପତି ନିକୋଲାସ୍ ଗାରୌଫିସ୍ ବିଭାଗକୁ କାହିଁକି ସ୍ଥାୟୀ ଭାବରେ ଅଭିଯୋଗ ଖାରଜ କରିବାକୁ ଚାହାଁନ୍ତି ତାହା ବ୍ୟାଖ୍ୟା କରିବା ପରେ ଏହି ଫାଇଲିଂ କରାଯାଇଥିଲା। ବିଚାରପତି ବିଭାଗର ପୂର୍ବ ଆବେଦନକୁ ଅତ୍ୟଧିକ ସଂକୀର୍ଣ୍ଣ, ପ୍ରଭାବହୀନ ଏବଂ ଯଥେଷ୍ଟ ଆଧାରବିହୀନ ବୋଲି ବର୍ଣ୍ଣନା କରିଥିଲେ।

ସୂଚନା ଅନୁଯାୟୀ, ୨୦୨୪ରେ ଆମେରିକାର ପୂର୍ବ ବିଡେନ୍ ପ୍ରଶାସନ ଆଦାନୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଭାରତୀୟ ସରକାରୀ ଅଧିକାରୀମାନଙ୍କ ସହିତ ଜଡିତ ୨୫୦ ନିୟୁତ ଡଲାର ଲାଞ୍ଚ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲା। ସେମାନଙ୍କୁ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ପାଇଁ ଟଙ୍କା ସଂଗ୍ରହ କରିବା ପାଇଁ ଆମେରିକୀୟ ନିବେଶକଙ୍କୁ ମିଛ କହିବାର ମଧ୍ୟ ଅଭିଯୋଗ କରାଯାଇଥିଲା।



## ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପିଏମ୍ ଆବାସକୁ ୨୪ ଘଣ୍ଟିଆ ସୁଲଭ ସୌର ବିଜୁଳି

ଭୁବନେଶ୍ୱର,୮।୭(ସମିସ): ରାଜ୍ୟ ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ଆହରଣ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି। ବିଶେଷକରି ସୌର ଶକ୍ତି ଉତ୍ପାଦନ ଏବଂ ସାଧାରଣ ଲୋକେ ଅଧିକରୁ ଅଧିକ ବ୍ୟବହାର କରିବାକୁ ବ୍ୟାପକ ଅର୍ଥ ସବ୍‌ସିଡି ବାବଦରେ ଖର୍ଚ୍ଚ କରାଯାଉଛି। ଏହିକ୍ରମରେ ପିଏମ୍ ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ୍ ଆବାସ ଯୋଜନା ସହ ସଂଯୋଜନ କରାଯିବ। ତେବେ ଏହା ହିତାଧିକାରୀଙ୍କ ଇଚ୍ଛାଧୀନ ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଆନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍ ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ଗୁଣବତ୍ତାସମ୍ପନ୍ନ ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

ବୁଧବାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶକ୍ତିକ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଓପିଟିସିଏଲ୍‌ର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

- ପିଏମ୍ ସୂର୍ଯ୍ୟ ଘର ଯୋଜନା ସହ ସଂଯୋଜିତ ହେବ ପିଏମ୍ ଆବାସ
- ୧ କିଲୋୱାଟ ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ୧୮ ୭୫ ଟଙ୍କା
- ୩୭୦୮ କୋଟି ବ୍ୟୟରେ ବିଛାଯିବ ଭୂତଳ କେବୁଲ ତାର

କମିସନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍ ଆବାସ ଯୋଜନାରେ ସଂଯୋଜିତ ହେବାକୁ ଥିବା ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ୍ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦,୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫,୦୦୦ ଟଙ୍କାର ସବ୍‌ସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮ ୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ଏହି ଯୋଜନାରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହାଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର୍ ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଭାବେ ଖୋଲା ଥିବା ଏବଂ ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନ୍‌ସୁଲେଟେଡ୍ କଣ୍ଡକ୍ଟର(ଆବରଣ ଥିବା), ବିତରଣ ସବଷ୍ଟେସନ୍‌ରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବ୍‌ଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ଗାର୍ଡ ତାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

# ବନ୍ୟାଜଳ ପରିଚାଳନା ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଆଲୋଚନା

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଅଶୋକ ନିବାସଠାରେ ଆଜି ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ



ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ମ୍ୟାନେଜର ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ (ମହାନଦୀ ଓ ଇଷ୍ଟର୍ଣ୍ଣ ରିଭର୍ସ) ଜି. ନାଗାମୋହନଙ୍କ ସମେତ ଓଡ଼ିଶା ଓ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀ ଓ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ନାଗାମୋହନଙ୍କ ଅନୁଯାୟୀ, ବନ୍ୟା ନିୟନ୍ତ୍ରଣ ସକାଶେ ମହାନଦୀ ବେସିନକୁ ତିନୋଟି ବୃହତ୍ ଭାଗରେ ବିଭକ୍ତ କରାଯାଇଛି। ଏଥିମଧ୍ୟରୁ ସିଷ୍ଟମ୍-୨ରେ ହୀରାକୁଦ ଡ୍ୟାମ ଅଞ୍ଚଳ ରହିଛି। ଆସନ୍ତା ମାସ ସିଷ୍ଟମ-୧ର ଛତିଶଗଡ଼ର ରାୟପୁରରେ ହେବ। ଆଜି ସିଷ୍ଟମ୍-୨ ସକାଶେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧି ଡାକି ତଥ୍ୟ ଆଦାନପ୍ରଦାନ ଏବଂ ବନ୍ୟା ମୁକାବିଲା ନେଇ ଆଲୋଚନା କରାଯାଇଥିଲା ଏବଂ ସହମତି ପ୍ରକାଶ ପାଇଥିଲା ବୋଲି ସେ କହିଛନ୍ତି। ବୈଠକରେ କ୍ୟାଚ୍‌ମେଣ୍ଟ ଏରିଆରେ କେତେବର୍ଷା ହେଉଛି, ସେମାନଙ୍କ ଡ୍ୟାମ୍‌ରେ କେତେ ଜଳ ପ୍ରବେଶ କରୁଛି, କେତେ ଜଳ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ ଜଳ ନିଷ୍କାସନର ସୂଚନା ଦିଆଯାଇଥିଲା। ଜଳପ୍ରବେଶ ଅନୁସାରେ ହୀରାକୁଦ ଡ୍ୟାମ କେତେ ଜଳ ନିଷ୍କାସନ କରିବ। ବର୍ଷା ପରିମାଣ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ରୁ ଜଣା ପଡ଼ିଥାଏ, ସେଥିରୁ କେତେ ପାଣି ଆସିବ ତଦନୁଯାୟୀ ଜଳ ନିଷ୍କାସନର ଆକଳନ କରାଯାଇଥାଏ। ବନ୍ୟା ଜଳ ପରିଚାଳନା ପାଇଁ ଛତିଶଗଡ଼, ଓଡ଼ିଶା ଓ ସିଡବ୍ଲ୍ୟୁସିର ସନ୍ତୁଳିତ ତଥ୍ୟ ଆଦାନପ୍ରଦାନ ଦ୍ୱାରା ସଠିକ୍ ଭାବେ ହୋଇପାରିବ ବୋଲି ଶ୍ରୀ ନାଗାମୋହନ ଆଶାପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ ପକ୍ଷରୁ ବିଭିନ୍ନ ଡ୍ୟାମ୍ ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ତଥ୍ୟ ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଆଜି ବୈଠକ ପରେ ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ହ୍ରାସ କରାଯାଉଥିବା ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଛତିଶଗଡ଼ ଜଳସମ୍ପଦ ବିଭାଗ ଅଧିକାରୀମାନେ ନଦେଇ ଏଡ଼ାଇ ଯାଇଥିଲେ। ଏହାସହ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଓଡ଼ିଶାକୁ ଠିକ୍ ସହଯୋଗ କରୁ ଥିବା ନେଇ ଅଭିଯୋଗକୁ ଅଧିକାରୀମାନେ ଅସ୍ୱୀକାର କରିଥିଲେ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

# କେନ୍ଦ୍ରାପଡ଼ା ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ତ୍ରିଶୂଳିଆ/କେନ୍ଦ୍ରାପଡ଼ା, ୮।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ବନ ବିଭାଗର ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ବିରୋଧରେ ବୁଧବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି।

- ୪ଟି ସ୍ଥାନରେ ଏକକାଳୀନ ତଲାସୀ
- ନଗଦ ଅର୍ଥ, ସୁନାରୁପା ଅଳଙ୍କାର, ହୀରା ମୁଦି, ୬ଟି ପ୍ଲଟ୍‌ର ଦଲିଲ ସହ ବହୁ ସାମଗ୍ରୀ ଜବତ



ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଏକକାଳୀନ ଭାବେ ୪ଟି ସ୍ଥାନରେ ତଲାସୀ ଚଳାଇଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀସ୍ଥିତ ତାଙ୍କ ବାସଭବନରେ ଦୀର୍ଘ ସମୟ ଧରି ଖୋଳତାଡ଼ ଚାଲିଥିଲା। ତଲାସୀ ବେଳେ ବିପୁଳ ପରିମାଣର ନଗଦ ଅର୍ଥ, ସୁନା, ରୁପା ଓ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ଠାବ ହୋଇଥିବା ସୂଚନା ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା, ସୁନା ମୁଦି, ସୁନା ଚୁଡ଼ି, ସୁନା କାନଫୁଲ, ଦାମୀ ହାତଘଡ଼ି, ହୀରା ମୁଦି, ରୁପା ପାଉଁଜି, ରୁପା କଏନ, ବ୍ରେସଲେଟ, ୬ଟି ପ୍ଲଟର ଦଲିଲ ଓ ବହୁସଂଖ୍ୟକ ବୀମା ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଦଲିଲପତ୍ରର ମଧ୍ୟ ଯାଞ୍ଚ ଜାରି ରହିଛି। ରବୀନ୍ଦ୍ର କୁମାର ନାୟକ ୧୯୮୮ ଅଗଷ୍ଟ ୮ରେ ପୁନର୍ବାସ ଯୋଜନାରେ ଫରେଷ୍ଟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପୁରୀ ବନ ବିଭାଗ ଅଧୀନ ଖୋର୍ଦ୍ଧାରେ ପ୍ରାୟ ୧ ହଜାର ଟଙ୍କା ଦରମାରେ ତାଙ୍କ କାର୍ଯ୍ୟଜୀବନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱର ସହର ବନ ବିଭାଗ, ଚିଲିକା ବନ୍ୟପ୍ରାଣୀ ବିଭାଗ, ବାଲୁଗାଁ, ଚନ୍ଦକା ବନ୍ୟପ୍ରାଣୀ ବିଭାଗ, ମହାନଦୀ ବନ୍ୟପ୍ରାଣୀ ବିଭାଗ ଏବଂ ନୟାଗଡ଼ରେ ବିଭିନ୍ନ ସମୟରେ କାର୍ଯ୍ୟ କରିଥିଲେ। ୨୦୧୬ ଜୁଲାଇ ୭ରେ ସେ ଉପରେଞ୍ଜର ପଦକୁ ପଦୋନ୍ନତି ପାଇଥିଲେ। ଏହାପରେ ଭୁବନେଶ୍ୱର ଆରସିଏଫ୍ ଅଧୀନରେ ଦାୟିତ୍ୱ ତୁଲାଇଥିଲେ। ୨୦୨୧ ଫେବୃଆରୀ ୮ରେ ସେ ରେଞ୍ଜର ପଦକୁ ପଦୋନ୍ନତି ପାଇ ଆଠଗଡ଼ ଡିଏଫଓଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ପରେ ବଦଳି ହୋଇ କେନ୍ଦ୍ରାପଡ଼ା ବନ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଭାବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ପକ୍ଷରୁ ଜବତ ସମ୍ପତ୍ତିର ମୂଲ୍ୟାଙ୍କନ, ବ୍ୟାଙ୍କ ଜମା, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦଲିଲପତ୍ରର ଯାଞ୍ଚ ଜାରି ରହିଛି। ତଦନ୍ତ ଶେଷ ପରେ ଅଭିଯୋଗର ପ୍ରକୃତ ସତ୍ୟତା ଏବଂ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ସ୍ପଷ୍ଟ ହେବ।



ଜାତୀୟସ୍ତରର ପ୍ରତିଷ୍ଠିତ ସଙ୍ଗୀତ ମହାମଞ୍ଚ 'ଇଣ୍ଡିଆନ୍ ଆଇଡଲ୍'ର ଚୂଡ଼ାନ୍ତ ପର୍ଯ୍ୟାୟରେ ଜ୍ୟୋତିର୍ମୟୀ ନାୟକ

## +୨ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶିତ

# ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ରେଭେନ୍ସା

ଭୁବନେଶ୍ୱର/କଟକ, ୮।୭(ସମିସ): ଯୁକ୍ତ ଦୁଇ ନାମଲେଖା ପାଇଁ ମେଧା ତାଲିକା ଆଜି ପ୍ରକାଶ ପାଇଛି। ସମୁଦାୟ ୪ ଲକ୍ଷ ୬୧ ହଜାର ୩୨୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୪ ଲକ୍ଷ ୨୯ ହଜାର ୨୧୯ ଅର୍ଥାତ୍ ୯୩.୦୪% ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨ ଲକ୍ଷ ୪୯୩ ଜଣ ଛାତ୍ର, ୨ ଲକ୍ଷ ୨୮ ହଜାର ୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟ ଛାତ୍ରଛାତ୍ରୀ ଅଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟରେ କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ୨ ଲକ୍ଷ ୯୭ ହଜାର ୪୫୪ ଜଣ ପିଲା ନିଜର ପ୍ରଥମ ପସନ୍ଦ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଚୟନ ହୋଇଛନ୍ତି।

- ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍‌ଅଫ୍
- ନାମଲେଖାଇବାକୁ ୯୩.୦୪% ପିଲା ଚୟନ

ବିଜ୍ଞାନରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ସର୍ବାଧିକ ୯୩.୪ ପ୍ରତିଶତ ଯାଇଥିବାବେଳେ ଏହା ପଛକୁ ୯୦% କଟ୍‌ଅଫ୍ ସହ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଓ ୮୭.୧୭% କଟ୍‌ଅଫ୍ ସହ କଟକର ଯତିକବି ବୈରାଗୀ କିଶୋର ସରକାରୀ କଲେଜ ତୃତୀୟରେ ରହିଛନ୍ତି। ସେହିପରି କଳାରେ ରେଭେନ୍ସାର କଟ୍-ଅଫ୍ ସର୍ବାଧିକ ୮୧% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୦.୬୭% ଏବଂ ଭବାନୀପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮୦% କଟ୍‌ଅଫ୍ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ରେଭେନ୍ସାର କଟଅଫ୍ ସର୍ବାଧିକ ୮୨.୪% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୧.୨୦% ଏବଂ କଟକର ଯତିକବି ବୈରାଗୀ କିଶୋର କଲେଜର ୭୨.୬୭% ରହିଛି। ନାମଲେଖା ସରିବା ପରେ ଆସନ୍ତା ୨୩ ତାରିଖରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ

ଭୁବନେଶ୍ୱର, ୮।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ସରକାର ଘୋଷଣା କରିବା ପରେ +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ ପାଇଛି। ପୂର୍ବରୁ ନାମଲେଖା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ନୂତନ ଶିକ୍ଷାନୁଷ୍ଠାନକୁ ନିଜ ଆବେଦନରେ ଯୋଡ଼ି ପାରିବେ। ଏଥିପାଇଁ ଆଉ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ମାତ୍ର ପୂର୍ବରୁ ଆବେଦନ କରି ନ ଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଆବେଦନ କରିପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

- ପୂର୍ବ ଆବେଦନରେ ପରିବର୍ତ୍ତନ କରିପାରିବେ ଛାତ୍ରଛାତ୍ରୀ
- ଆସନ୍ତା ୨୦ରେ ପ୍ରକାଶ ପାଇବ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା
- ଜୁଲାଇ ୨୩ ରୁ ଆରମ୍ଭ ହେବ ପ୍ରଥମ ବର୍ଷ ପାଠପଢ଼ା

ସେହିପରି ପ୍ରଥମ ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ମଧ୍ୟ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଫ୍ରିଜ୍ ଅପ୍‌ସନ୍ ଦେଇ ନାମ ଲେଖାଇଥିଲେ ମଧ୍ୟ ତାକୁ ସ୍ଲାଇଡ୍ ବା ଫ୍ଲୋଟ୍ ଅପ୍‌ସନ୍ ଦେଇ ପାରିବେ। ଫଳରେ ସେମାନଙ୍କ ପୂର୍ବ ନାମଲେଖା ସ୍ୱତଃ ରଦ୍ଦ ହୋଇଯିବ ଓ ପୁନଃ ନାମଲେଖା ପ୍ରକ୍ରିୟାରେ ସାମିଲ ହେବେ। ଅନୁରୂପ ଭାବେ ଫ୍ରିଜ୍, ଫ୍ଲୋଟ୍ ବା ଅଲ୍‌ଟର୍ ଅପ୍‌ସନ୍ ଦେଇଥିବା ପ୍ରାର୍ଥୀମାନେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନକୁ ଯୋଡ଼ି ପାରିବେ। ଯଦି କୌଣସି ପ୍ରାର୍ଥୀ ନିଜ ଆବେଦନକୁ ପରିବର୍ତ୍ତନ ନ କରନ୍ତି, ତା'ହେଲେ ପୂର୍ବରୁ ଦେଇଥିବା ଅପ୍‌ସନ୍‌କୁ ମେଧା ଚୟନରେ ବିଚାରକୁ ନିଆଯିବ।

ସେହିପରି ମାଗଣା ଶିକ୍ଷା ସମ୍ପର୍କରେ ସୁବିଧାରେ ସୂଚନା ପାଇବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମ୍ପୂର୍ଣ୍ଣ ମାଗଣା ନାମଲେଖା ପାଇଁ ଉଦ୍ଦିଷ୍ଟ ସରକାରୀ ଶିକ୍ଷାନୁଷ୍ଠାନ, ନାମଲେଖା ଫି' ଦାଖଲ କରିବାକୁ ଥିବା ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ୍ ଏବଂ ଉଭୟ ରେଗୁଲାର ଓ ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ ଉପଲବ୍ଧ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୃଥକ କରାଯାଇଛି। ତହିଁରେ ଛାତ୍ରଛାତ୍ରୀମାନେ ସହଜରେ ଆବେଦନ କରିପାରିବେ। ରେଗୁଲାର୍ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍‌ରେ ଏକ ସମ୍ମତିପତ୍ର ଦେବାକୁ ହେବ। ତହିଁରେ ୭୫ ପ୍ରତିଶତ ଉପସ୍ଥାନ ସୁନିଶ୍ଚିତ କରିବାକୁ ଦୈନିକ ବାୟୋମେଟ୍ରିକ୍ ଉପସ୍ଥାନ ଦାଖଲ କରିବେ, ଅନ୍ୟଥା ମାଗଣା ଶିକ୍ଷା ବଦଳରେ ଫି' ଦାଖଲ କରିବାକୁ ହେବ ବୋଲି ସମ୍ମତି ପ୍ରଦାନ କରିବେ।

ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ମୋଟ୍ ୪ ରାଉଣ୍ଡରେ ସରିବ। ପୂର୍ବରୁ ପ୍ରଥମ ରାଉଣ୍ଡ ନାମଲେଖା ସରିଥିବାବେଳେ ଆସନ୍ତା ୧୨ ତାରିଖ ମଧ୍ୟରେ ଆବେଦନକାରୀ ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଆସନ୍ତା ୨୦ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୨୧ରୁ ୨୩ ତାରିଖ ମଧ୍ୟରେ ନାମଲେଖାଇବେ। ଏହାପରେ ୨୯ ତାରିଖରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଏବଂ ଅଗଷ୍ଟ ୧ ତାରିଖ ମଧ୍ୟରେ ଏହି ରାଉଣ୍ଡର ନାମଲେଖା ସରିବ। ବଳକା ସିଟ୍‌ରେ ସ୍ପଟ୍ ନାମଲେଖା ପାଇଁ ୪ ତାରିଖରେ ଛାତ୍ରଛାତ୍ରୀଙ୍କ ନାମ ପ୍ରକାଶ ପାଇବ। ୫ ଓ ୬ରେ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନେ ରିପୋର୍ଟିଂ କରିବେ। ୭ରେ ୱେଟିଂ ମେଧା ତାଲିକା ପ୍ରକାଶ ପାଇବା ପରେ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ଜୁଲାଇ ୨୭ ତାରିଖରୁ +୩ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଓଜେସିର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# ଫୋକସ୍‌ରେ ପୌର ନିର୍ବାଚନ

ଭୁବନେଶ୍ୱର,୮।୭(ସମିସ): ଆସନ୍ତା ପୌର ନିର୍ବାଚନ ଉପରେ ଫୋକସ୍ କରୁଛି ଓଡ଼ିଶା ଜନତା କଂଗ୍ରେସ। ଏହାକୁ ଆଧାର କରି ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ବୁଧବାର ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ସମସ୍ତ ପଦାଧିକାରୀ ଯୋଗ ଦେଇ ମୌଳିକ ସମସ୍ୟାର ସମାଧାନ ସହ ଦଳର ସଂଗଠନକୁ ସୁଦୃଢ଼ କରିବା କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରିଛନ୍ତି।

ଦଳର ସଭାପତି ଶ୍ରୀ ମୋକିମ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ରହିବ ବୋଲି କହିବା ସହ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ସର୍ବୋପରି ତେଣୁ ଓଡ଼ିଶା ଜନତା କଂଗ୍ରେସ ସମସ୍ତ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନ ଦିଗରେ ଅହର୍ନିଶି କାର୍ଯ୍ୟ କରିବ ଏବଂ ରାଜରାସ୍ତାରେ ଲଢେଇ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି କହିଛନ୍ତି। ଆଗାମୀ ଦିନରେ ସଭ୍ୟ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଏକ ମାସ ଭିତରେ ଜିଲ୍ଲା କମିଟି ଗଠନ ଏବଂ ଘୋଷିତ ଜିଲ୍ଲାରେ ବୁଥ୍ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ସବୁ ଜିଲ୍ଲାର ଜିଲ୍ଲା

**ବିକଶିତ ଓଡ଼ିଶା ଗଠନ ପାଇଁ ନିଷ୍ଠାପର ଉଦ୍ୟମ ଜାରି ରହିବ: ମୋକିମ୍**

ମୁଖ୍ୟାଳୟରେ ମାସକୁ ଅତିକମ୍‌ରେ ଦୁଇଟି ସ୍ଥାନୀୟ ସମସ୍ୟାକୁ ନେଇ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ମାସ ଅଗଷ୍ଟ ପ୍ରଥମ ସପ୍ତାହରେ ପୁରୀ ଠାରେ ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଆସନ୍ତା ପୌର ଏବଂ ପଞ୍ଚାୟତ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକଙ୍କ ସମସ୍ୟାକୁ ନେଇ ପ୍ରଚାର ଗାଡ଼ି ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ପେଶା ଆଇନ ଲାଗୁ ନ କରିବା ଦୁର୍ଭାଗ୍ୟଜନକ: କଂଗ୍ରେସ

ଭୁବନେଶ୍ୱର,୮।୭(ସମିସ): ଆଦିବାସୀ ବହୁଳ ଓଡ଼ିଶା ରାଜ୍ୟରେ ପେଶା ଆଇନ ଲାଗୁ ହୋଇ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ବିକ୍ରାନ୍ତ ଭୁରିଆ କହିଛନ୍ତି। ଏହି ଅବସରରେ କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଉପଦେଷ୍ଟା ପରିଷଦ ବୈଠକରେ ଯୋଗ ଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରି ଆଗାମୀ ଦିନରେ ଆଦିବାସୀ ସ୍ୱାର୍ଥ ପାଇଁ ଆଦିବାସୀ କଂଗ୍ରେସ ଲଢ଼େଇ କରିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ରାହୁଲ ଗାନ୍ଧୀ ଦେଶ ତମାମ୍ ଆରମ୍ଭ କରିଥିବା "ଛାତ୍ରୋଁ କି ଗୁଞ୍ଜ" କାର୍ଯ୍ୟକ୍ରମ ଶୃଙ୍ଖଳାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଦ୍ୱାରା ବୁଦ୍ଧ ମନ୍ଦିରରେ ଆୟୋଜିତ ଆଦିବାସୀ ଛାତ୍ରଙ୍କ ସହ ବାର୍ତ୍ତାଳାପ କରି ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନ, ଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ଗିରିଧାରୀ ଗମାଙ୍ଗୋ, ବିଧାୟକ ରାଜନ ଏକ୍କା, ଆଦିବାସୀ କଂଗ୍ରେସର ଓଡ଼ିଶା ପ୍ରଭାରୀ ଗଣେଷ ସିଂ ଧ୍ରୁବ୍ ପ୍ରମୁଖ ସାମିଲ ହୋଇଥିଲେ।

# ଚାପରେ ପୁଲିସ: ଖାଲି ପଡ଼ିଛି ୩୩ ହଜାର ପଦ

କଟକ,୮।୭(ସମିସ): ଓଡ଼ିଶା ପୁଲିସ ବିଭାଗରେ ବ୍ୟାପକ ମାନବ ସମ୍ବଳର ଅଭାବ ରହିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ। ଜନସଂଖ୍ୟା ଅନୁପାତ ଅନୁସାରେ ଅନ୍ୟ ରାଜ୍ୟ ତୁଳନାରେ ମାନବ ସମ୍ବଳ ଓଡିଶା ପୁଲିସରେ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ସୁଦ୍ଧା ବିଭାଗରେ ପ୍ରାୟ ୩୩ ହଜାର ପଦ ଖାଲି ପଡ଼ିଥିବା ସେ ପ୍ରକାଶ କରିଛନ୍ତି। ଡିଜିପିଙ୍କ କହିବାନୁଯାୟୀ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହା ଭିତରେ ୧୭ ହଜାର ନୂଆ ପଦ ସୃଷ୍ଟି କରିଛନ୍ତି। ପୂର୍ବରୁ ଥିବା ୧୬ ହଜାର ଖାଲି ପଦ ସହିତ ଏହି ନୂତନ ପଦକୁ ମିଶାଇ ସର୍ବମୋଟ ୩୩ ହଜାର ପଦ ଖାଲି ରହିଛି। ସମସ୍ତ ଖାଲି ଥିବା ପଦ ଖୁବଶୀଘ୍ର ପୂରଣ ହେବ ବୋଲି ଡିଜିପି ଆଶା ପ୍ରକଟ କରିଛନ୍ତି। ତେବେ ମାନବ ସମ୍ବଳ ଅଭାବ ପାଇଁ ପୁଲିସ ଚାପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସେହିଭଳି ଇନ୍ସପେକ୍ଟର ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ ମାମଲାର ତଦନ୍ତ ବର୍ତ୍ତମାନ ଜାରି ରହିଛି। ତଦନ୍ତ ଶେଷ ସହ ଏ ସମ୍ପର୍କିତ ରିପୋର୍ଟ ଆସିବା ପରେ ତଦନୁସାରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି। ଆଇପିଏସ୍ ଜଗମୋହନ ମୀନାଙ୍କ ଇସ୍ତଫା ପ୍ରସଂଗରେ ଡିଜିପି କହିଥିଲେ ଯେ ବ୍ୟକ୍ତିଗତ କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ଓଡ଼ିଶା ହାତରୁ ଖସି ନ ଯାଉ ଶଙ୍ଖାମେଦି

## ଏସ୍‌ଆଇଆର ପ୍ରକ୍ରିୟାରେ ୨୬୮ ଭୋଟର ପଶ୍ଚିମବଙ୍ଗରେ ପଞ୍ଜିକୃତ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୮।୭ (ସମିସ): ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଭୋଗରାଇ ବ୍ଲକର ଶଙ୍ଖାମେଦି ଗାଁକୁ ନେଇ ପୁଣି ଥରେ ସୀମା ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସମ୍ପ୍ରତି ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସ୍‌ଆଇଆର) ପ୍ରକ୍ରିୟା ବେଳେ ଏହି ଗାଁର ୨୬୮ ଜଣ ବାସିନ୍ଦାଙ୍କ ନାମ ପୂର୍ବରୁ ପଶ୍ଚିମବଙ୍ଗର ଭୋଟର ତାଲିକାରେ ପଞ୍ଜୀକୃତ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି କରିବା ସହିତ ଓଡ଼ିଶାର ସୀମା ସୁରକ୍ଷା ଓ ପ୍ରଶାସନିକ ଅଧିକାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ଏହାକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଶଙ୍ଖାମେଦୀ ଗାଁ ଓଡିଶା ହାତରୁ ଖସି ନଯାଉ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀଙ୍କଠାରେ ଦାବି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଶଙ୍ଖାମେଦି ଗ୍ରାମର ଲୋକେ ବର୍ଷ ବର୍ଷ ଧରି ଓଡ଼ିଶା ସରକାରଙ୍କ ଅଧୀନରେ ରହି ଆସୁଛନ୍ତି। ଅଧିକାଂଶ ଲୋକ ଓଡ଼ିଆ ଭାଷାଭାଷୀ। ସେମାନଙ୍କ ପିଲାମାନେ ସେଠାରେ ଥିବା ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ବିଦ୍ୟାଳୟରେ ପାଠ ପଢ଼ନ୍ତି। ପରିବାରଗୁଡ଼ିକ ଓଡ଼ିଶା ସରକାରଙ୍କ ରାସନ ବ୍ୟବସ୍ଥା ସହିତ ବିଭିନ୍ନ ସରକାରୀ ସୁବିଧା ପାଉଛନ୍ତି ଏବଂ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଓଡ଼ିଶା ସହିତ ଜଡ଼ିତ। ତଥାପି ସେମାନଙ୍କ ନାମ ପଶ୍ଚିମବଙ୍ଗର ଭୋଟର ତାଲିକାରେ ରହିଥିବାରୁ ସେମାନେ ଓଡ଼ିଶାରେ ଭୋଟ ଦେବା ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଦେଖାଯାଉଛି।

**ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଦାବି କଲେ ବିଧାୟକ ଗୌତମବୁଦ୍ଧ**

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଅନୁସାରେ, ଯଦି ଏହି ପରିସ୍ଥିତିର ସମାଧାନ ଶୀଘ୍ର ନ କରାଯାଏ, ତେବେ ଶଙ୍ଖାମେଦି ଉପରେ ପଶ୍ଚିମବଙ୍ଗର ଦାବିକୁ ଅଧିକ ବଳ ମିଳିପାରେ ଏବଂ ଭବିଷ୍ୟତରେ ଓଡ଼ିଶାର ଦାବି ଦୁର୍ବଳ ହୋଇପାରେ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଥିଲେ। ସେ ମନ୍ତ୍ରୀଙ୍କୁ ଅବଗତ କରାଇ କହିଥିଲେ ଯେ, ଏହା କେବଳ ଭୋଟର ତାଲିକାର ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସୀମା ସୁରକ୍ଷା ସହ ଜଡ଼ିତ ଏକ ଗୁରୁତର ବିଷୟ। ସେ ରାଜ୍ୟ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଧାୟକ ଶ୍ରୀ ଦାସଙ୍କ ସୂଚନା ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି ତତ୍‌କ୍ଷଣାତ୍ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ବିଧାୟକ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଭୋଗରାଇ ଅଞ୍ଚଳରେ ଆଉ ପାଞ୍ଚଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଗତବର୍ଷରୁ କରାଯାଇଥିବା ଦାବିକୁ ମଧ୍ୟ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ମନ୍ତ୍ରୀ ଏହି ପ୍ରସ୍ତାବ ଉପରେ ମଧ୍ୟ ଶୀଘ୍ର ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଶଙ୍ଖାମେଦି ପ୍ରସଙ୍ଗ ବର୍ତ୍ତମାନ କେବଳ ଏକ ସୀମାନ୍ତ ଗାଁର ସମସ୍ୟା ହୋଇ ରହିନାହିଁ; ଏହା ଓଡ଼ିଶାର ଭୌଗୋଳିକ ପରିଚୟ, ସ୍ଥାନୀୟ ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଓ ରାଜ୍ୟର ସାର୍ବଭୌମ ପ୍ରଶାସନିକ ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି। ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବୀ ମହଲ ଆଶା କରୁଛନ୍ତି ଯେ ରାଜ୍ୟ ସରକାର ଏହି ବିଷୟରେ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇ ଶଙ୍ଖାମେଦିର ସ୍ୱାର୍ଥ ଓ ଓଡ଼ିଶାର ଅଧିକାରକୁ ସୁରକ୍ଷିତ ରଖିବେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଶୁଭଫଳ ପ୍ରଦାନ କରିପାରେ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିପାରେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଦାନ ଧର୍ମ କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୁରୁଣା ନିବେଶରୁ ଲାଭ ମିଳିବ। କାର୍ଯ୍ୟରେ ସଫଳତା ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁ ମିଳନ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ଚଞ୍ଚଳ ରହିବ।

**ମକର:** ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଧୈର୍ଯ୍ୟ ରଖି ଚାଲିବେ। ପରିଶ୍ରମର ଫଳ ମିଳିବ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ଲାଭ ମିଳିବ।

## ଆଜିର ଇତିହାସ

- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୨୫- ବଲିଉଡ୍‌ର ପ୍ରଖ୍ୟାତ ନିର୍ଦ୍ଦେଶକ ଗୁରୁଦତ୍ତଙ୍କ ଜନ୍ମ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

## 'ବାରାଣସୀ' ସେଟ୍‌ରୁ ମହେଶ ବାବୁଙ୍କ ଫଟୋ ଲିକ୍



ଏସ୍. ଏସ୍. ରାଜାମୌଲିଙ୍କ ଫିଲ୍ମ 'ବାରାଣସୀ'ର ରିଲିଜ୍‌କୁ ଦର୍ଶକେ ଏବେ ଅପେକ୍ଷା କରି ରହିଛନ୍ତି। ସେଥିପାଇଁ ନିର୍ମାତା ଫିଲ୍ମ ସମ୍ପର୍କିତ ଅପଡେଟ୍ ଦର୍ଶକଙ୍କ ନିମନ୍ତେ ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି। ନିକଟରେ ଫିଲ୍ମର ସୁଟିଂ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଛି। ଏହା ମହେଶବାବୁଙ୍କ ରାମ ଭୂମିକାର ଫଟୋ ବୋଲି କୁହାଯାଉଛି। ଭାଇରାଲ ଫଟୋରେ ମହେଶ ବାବୁ ହାତରେ ଧନୁ ଶର ଧରି ନଜର ଆସିଛନ୍ତି। ଏହି ସିନ୍ ରାମଙ୍କ ବନବାସ ସମୟର ବୋଲି କୁହାଯାଉଛି। ଫଟୋ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସମାନେ ଏହାକୁ ରଣବୀର କପୁରଙ୍କ 'ରାମାୟଣ' ଲୁକ୍ ସହିତ ତୁଳନା କରିବା ଆରମ୍ଭ କରିଦେଇଛନ୍ତି। ଏଥିରେ କିଛି ଦର୍ଶକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ନମିତ ଏବଂ ରଣବୀର ପ୍ରସ୍ତୁତ ରହିବା ଉଚିତ। ରାଜାମୌଲିଙ୍କ ୧୦ ମିନିଟ୍ ସମ୍ପୂର୍ଣ୍ଣ 'ରାମାୟଣ' ଚଳଚ୍ଚିତ୍ର ଉପରେ ଭାରୀ ପଡ଼ି ନ ଯାଉ, ଯେମିତି ସେ ଟିଜର୍ ସହିତ କରିଥିଲେ। ସେହିଭଳି ଆଉ କିଛି ଜଣ ଏହା ଏଆଇ ଦ୍ୱାରା ପ୍ରସ୍ତୁତ ଫଟୋ ବୋଲି କହୁଛନ୍ତି। ରାଜାମୌଲି ଗତ ବର୍ଷ ଏକ କାର୍ଯ୍ୟକ୍ରମରେ କହିଥିଲେ, 'ପ୍ରଥମ ଦିନ, ଯେତେବେଳେ ମହେଶ ବାବୁ ଫଟୋସୁଟ୍ ପାଇଁ ଭଗବାନ ରାମଙ୍କ ବେଶରେ ଆସିଲେ, ସେତେବେଳେ ମୋ ମଧ୍ୟରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୋଇଥିଲା। ମୁଁ ଦ୍ୱନ୍ଦ୍ୱରେ ଥିଲି। ମହେଶଙ୍କଠାରେ କୃଷ୍ଣଙ୍କ ଭଳି ଆକର୍ଷଣ ଓ ରାମଙ୍କ ଭଳି ଶାନ୍ତି ମୋତେ ଅନୁଭୂତ ହୋଇଥିଲା। ମୁଁ ସେହି ଫଟୋଟିକୁ ନିଜ ୱାଲପେପର୍ ମଧ୍ୟ କରିଥିଲି ଏବଂ କେହି ଏହାକୁ ଦେଖିଦେବେ ଆଶଙ୍କା କରି ହଟାଇ ଦେଇଥିଲି। ମହେଶବାବୁଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ପୃଥ୍ୱୀରାଜ କୁମ୍ଭକର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ଚଳଚ୍ଚିତ୍ରଟି ୭ ଅପ୍ରେଲ, ୨୦୨୭ ରେ ମୁକ୍ତିଲାଭ କରିବ।

## ନିଆରା ସେବା

### ଘରୋଇ କାର୍ଯ୍ୟରୁ ଆରମ୍ଭ କରି ଏକାକୀତ୍ୱ ଦୂରୋଉଛନ୍ତି ଜେଜେମା

ଏକାକୀତ୍ୱ ମଣିଷକୁ ଭିତରୁ ଦୁର୍ବଳ ଏବଂ ନିଃସଙ୍ଗ କରିଦିଏ। ଏକାକୀତ୍ୱର ଭାବନା ଅତ୍ୟଧିକ ବଢ଼ିଗଲେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଏ। ଆଜିର ବ୍ୟସ୍ତବହୁଳ ଜୀବନରେ ଏକୁଟିଆ ଅନୁଭବ କରିବା ସାଧାରଣ କଥା। ଲୋକଙ୍କର ଏହି ସମସ୍ୟା ଦୂର କରିବାକୁ ଟୋକିଓସ୍ଥିତ କମ୍ପାନି 'କ୍ଲାଏଣ୍ଟ ପାର୍ଟନର' 'ଓକେ ଗ୍ରାଣ୍ଡମା' ନାମକ ଏକ ସ୍ୱତନ୍ତ୍ର ସେବା ଆରମ୍ଭ କରିଛନ୍ତି। ଏହି ସେବାରେ ଲୋକେ ଘଣ୍ଟା ପ୍ରତି ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଦେଇ ଜଣେ ଆଈ କିମ୍ବା ଜେଜେମା'ଙ୍କୁ ଭଡ଼ାରେ ନେଇପାରିବେ। 'କ୍ଲାଏଣ୍ଟ ପାର୍ଟନର୍ସ' ସଂସ୍ଥା ଦ୍ୱାରା ୨୦୧୧-୧୨ ମସିହାରୁ ଏହି ସେବା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜାପାନରେ ବଢୁଥିବା ଏକାକୀତ୍ୱ ସମସ୍ୟାକୁ ଦୂର କରିବା ଏବଂ ବୟସ୍କ ମହିଳାମାନଙ୍କୁ ସମାଜରେ ପୁଣିଥରେ ସକ୍ରିୟ କରି ରୋଜଗାରକ୍ଷମ କରିବା ଏହି ସେବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୬୦ ରୁ ୯୪ ବର୍ଷ ବୟସର ଅଭିଜ୍ଞ ମହିଳାମାନଙ୍କୁ ଏଥିରେ ନିଯୁକ୍ତ କରାଯାଏ। ଏହି ଆଈ ବା ଜେଜେମାମାନେ ଗ୍ରାହକଙ୍କ ଘରକୁ ଯାଇ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରିବା, ଘର ସଫାସୁତୁରା କରିବା ଏବଂ ଛୋଟ ପିଲାଙ୍କ ଦେଖାଶୁଣା କରନ୍ତି। ଅନେକ ସମୟରେ ଯୁବପିଢ଼ି ନିଜର ବ୍ୟକ୍ତିଗତ ସମସ୍ୟା, ସମ୍ପର୍କର ତିକ୍ତତା କିମ୍ବା ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ମଧ୍ୟ ସେମାନଙ୍କ ପରାମର୍ଶ ଲୋଡ଼ିଥାନ୍ତି। କେତେକ ଗ୍ରାହକ କୌଣସି ପାରିବାରିକ ବିବାଦ ସମାଧାନ କରିବା, ପରିବାର ପ୍ରାୟୋଜିତ କାର୍ଯ୍ୟକ୍ରମ କିମ୍ବା ବିବାହ ଉତ୍ସବରେ ଜେଜେମା' ଭାବରେ ସାମିଲ ହେବା ପାଇଁ ମଧ୍ୟ ଏମାନଙ୍କୁ ଭଡ଼ାରେ ନେଇଥାନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ପ୍ରତି ଘଣ୍ଟା ହିସାବରେ ଜେଜେମାଙ୍କୁ ଭାରତୀୟ ମୁଦ୍ରାରେ ୧୯୧୭.୦୭ ଟଙ୍କା ଦେବାକୁ ପଡ଼ିଥାଏ। ଏହାସହ ଯାତାୟାତ ଖର୍ଚ୍ଚ ଅଲଗା ଦେବାକୁ ପଡ଼େ। ଏହି ସେବା କେବଳ ଏକାକୀ ରହୁଥିବା ଯୁବକଯୁବତୀଙ୍କୁ ପାରିବାରିକ ସ୍ନେହ ଓ ଆଶ୍ୱାସନା ପ୍ରଦାନ କରୁନାହିଁ, ବରଂ ଅବସର ପରେ ବୟସ୍କ ମହିଳାମାନଙ୍କୁ ଏକ ସ୍ୱାଧୀନ ଓ ସମ୍ମାନଜନକ ଜୀବନ ଜୀଇଁବାର ସୁଯୋଗ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ସେବା ବିଷୟରେ ଭାଇରାଲ ହେବା ପରେ ଏହାକୁ ଅନେକ ପ୍ରଶଂସା କରିଛନ୍ତି।



## ଆଜି ଆସିଥିଲେ

### ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ଓଡ଼ିଶାର ପ୍ରଥମ ପେଶାଦାର କଣ୍ଠଶିଳ୍ପୀ ରୂପେ ନିମାଇଁ ଚରଣ ହରିଚନ୍ଦନଙ୍କୁ ଜଣାଯାଏ। ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୁ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଙ୍ଗୀତ ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏହାବାଦ୍ ବୈଦେହୀଶ ବିଳାସ, ବିଦଗ୍ଧ ଚିନ୍ତାମଣି, ବିଚିତ୍ର ରାମାୟଣ, ମଥୁରା ମଙ୍ଗଳ, ଗୋପୀଭାଷା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପରି କାବ୍ୟ କୃତି ବି ତାଙ୍କ କଣ୍ଠରେ ରେକର୍ଡ ହୋଇଛି। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତଃ ଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ତାଙ୍କର ଭାବପୂର୍ଣ୍ଣ ଏବଂ ସୁମଧୁର କଣ୍ଠସ୍ୱର ପାଇଁ ତାଙ୍କୁ 'ବାଣୀକଣ୍ଠ' ଉପାଧିରେ ଭୂଷିତ କରାଯାଇଥିଲା। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳ ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ୧୯୩୩ ମସିହାରେ ତାଙ୍କ ସୁମଧୁର ସଙ୍ଗୀତଗୁଡ଼ିକ ଏଚ୍‌ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡାକ ନ ଶୁଣ', 'ନୀଳସିନ୍ଧୁ ତୀରେ', 'କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ ବାଣୀକଣ୍ଠ। ୧୯୩୮ ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ପରଲୋକ ହୋଇଥିଲା।

## ମୃତ୍ତିକାଶିଳ୍ପର ରାଣୀ ସୋନାବାଇ





ଜଣେ କଳାକାର ଅନେକ ପାରିପାର୍ଶ୍ୱିକ ସ୍ଥିତି ଦେଇ ଗତି କଲେ ମଧ୍ୟ, କଳାପ୍ରତି ଥିବା ନିଷ୍ଠା, ଉତ୍ସାହ ଦ୍ୱାରା ସେ ନିଜର ପରିଚୟ ସୃଷ୍ଟି କରିଥାଏ। ସେମିତି ଜଣେ କଳାକାର ହେଲେ, ଛତିଶଗଡ଼ର ସୋନାବାଇ ରାଜୱାର। ଯେ କି ୧୫ ବର୍ଷ ଗୃହବନ୍ଦୀ, ଏକଲାପଣ ଏବଂ ଅବସାଦ ପରେ ମଧ୍ୟ ଭାଙ୍ଗି ନ ଥିଲେ। ପିଲାବେଳୁ ଶିଖିଥିବା ଲୋକକଳାକୁ ସେ ନିଜର ଅସ୍ତ୍ର କରିଥିଲେ। ମାଟିରେ ଭଳିକି ଭଳି କଳାକୃତି କରି ନିଜ ଘରକୁ ସେ ଏକ ମ୍ୟୁଜିୟମର ରୂପ ଦେଇଥିଲେ।

### ଝରକା ବିହିନ ଘରେ ୧୫ ବର୍ଷ ବନ୍ଦୀ

ସୋନାବାଇ ୧୯୩୦ ମସିହାରେ ଛତିଶଗଡ଼ ସରଗୁଜା ଜିଲ୍ଲାର ପୁହପୁଟରା ଗାଁରେ ଜନ୍ମ ହୋଇଥିଲେ। ମାତ୍ର ୧୪ ବର୍ଷ ବୟସରେ ସେ ବିବାହ କରିଥିଲେ। ପ୍ରାରମ୍ଭରେ ଜୀବନ ସହଜ ଥିଲା, ହେଲେ ପରିବାର ଭାଗବଣ୍ଟା ପରେ ତାଙ୍କ ଜୀବନରେ କଳାବାଦଲ ଛାଇ ଯାଇଥିଲା। ସେ ଏକଲାପଣର ଶିକାର ହୋଇଥିଲେ। ପୁଅ ଜନ୍ମ ପରେ ତାଙ୍କ ସ୍ୱାମୀ ତାଙ୍କୁ ଏକ ଝରକା ବିହୀନ ଘରେ ବନ୍ଦୀ କରି ରଖିଥିଲେ। ପୁଅ ସହ ଏକୁଟିଆ ଅନ୍ଧାର, ଗରମ କୋଠରୀରେ ସେ ରହୁଥିଲେ। ସେଠାରେ ପୁଅର ମନ ଭୁଲାଇବା ଏବଂ ନିଜର ଏକଲାପଣ ଦୂରେଇବା ପାଇଁ ସେ ମାଟିରେ ଖେଳଣା ପ୍ରସ୍ତୁତି କଲେ।

### ପାରମ୍ପରିକ ଭିତ୍ତିକଳା

ସେ କାନ୍ଥ ଏବଂ ଭୂଇଁରୁ ମାଟି ଖୋଳି ସେଥିରେ ଭଳିକି ଭଳି ଭିତ୍ତି କଳାକୃତି କରୁଥିଲେ। ଏହା ପ୍ରାଚୀନ ଲୋକକଳା ଭାବେ ପରିଚିତ। କାନ୍ଥରେ ମଣିଷ, ପଶୁପକ୍ଷୀ, ଦେବଦେବୀଙ୍କ ସମେତ, ଛାତ ଏବଂ ଅଗଣା ମଧ୍ୟ କଳାକୃତିରେ ପୂର୍ଣ୍ଣ କରିଥିଲେ। ଏଥିସହ ଗରମରୁ ସୁରକ୍ଷା ପାଇଁ ବାଉଁଶ ତାଟିରୁ ଜାଲି ପ୍ରସ୍ତୁତ କରି ମାଟିନେସି ରଙ୍ଗ ଦେଇଥିଲେ। ଏଥିରେ ପବନ ଏବଂ ସୂର୍ଯ୍ୟାଲୋକ ଆସୁଥିଲା। ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଥିଲା।

### ଗୃହରୁ ସଂଗ୍ରହାଳୟ

୧୯୮୩ ମସିହାରେ ଭୋପାଳର ଏକ ଗବେଷଣା ଟିମ୍ ତାଙ୍କ ଗାଁରେ ପହଞ୍ଚିଥିଲେ। ସୋନାବାଇଙ୍କ ଘର ଏବଂ ଅଦ୍ଭୁତ ଚିତ୍ରକଳା ଦେଖି ସେମାନେ ବିସ୍ମିତ ହୋଇଥିଲେ। ଚିତ୍ରକଳା ପାଇଁ ସେ ରାଷ୍ଟ୍ରୀୟ ସମ୍ମାନ ଏବଂ ଶିଳ୍ପଗୁରୁ ଭଳି ସର୍ବୋଚ୍ଚ ସମ୍ମାନ ପାଇଥିଲେ। ୨୦୦୭ ରେ ସୋନାବାଇଙ୍କ ନିଧନ ପରେ ତାଙ୍କ ଘରକୁ ସଂଗ୍ରହାଳୟ ଭାବେ ସଂରକ୍ଷିତ କରାଯାଇଛି। ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହା ଦେଖିବାକୁ ଆସନ୍ତି।

## ସୁଶ୍ରୀ

### ହଜି ଯାଉଥିବା ସ୍ୱାଦ

## ମୁଗ ଖାସି ମାଂସ

**ଆବଶ୍ୟକ ସାମଗ୍ରୀ**

ଖାସି ମାଂସ – ୩୦୦ ଗ୍ରାମ୍, ମୁଗ – ଏକ କପ୍, କଟା ପିଆଜ – ଏକ କପ୍, ଟମୋଟୋ – ଏକ କପ୍, ଅଦା ରସୁଣ ପେଷ୍ଟ – ଅଳ୍ପ, ହଳଦୀଗୁଣ୍ଡ –ଏକ ଚାମଚ, ଲଙ୍କା ଗୁଣ୍ଡ- ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ଗରମ ମସଲା - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମୁଗକୁ ଦୁଇ ତିନିଘଣ୍ଟା ପାଣିରେ ବତୁରାଇ ରଖନ୍ତୁ। ଏହାପରେ ମଟନକୁ ଧୋଇ ସେଥିରେ ଆବଶ୍ୟକ ମୁତାବକ ଲୁଣ ହଳଦୀ ଦେଇ ଗୋଳାନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇଗଲେ ସେଥିରେ ଅଦାରସୁଣ ଏବଂ ଟମାଟୋ ଦେଇ ଭାଜନ୍ତୁ। ଟମାଟୋ ନରମ ହୋଇଆସିଲେ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଗରମମସଲା ଦେଇ କଷନ୍ତୁ। ଏହାପରେ ମଟନକୁ ଦେଇ କଷନ୍ତୁ। ମଟନ କଷି ହୋଇଆସିଲେ ସେଥିରେ ବତୁରା ମୁଗ ଦିଅନ୍ତୁ। ଏହାପରେ ଅଳ୍ପ ପାଣି ଦେଇ ୩୦ ମିନିଟ୍ ଘୋଡ଼ାନ୍ତୁ। ଢାଙ୍କୁଣି ଖୋଲି ଧନିଆ ପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମୁଗ ଖାସି ମାଂସ'।



## ବର୍ଷାରେ କେଶ ଭିଜି ଗନ୍ଧାଉଥିଲେ



**ସାଧାରଣତଃ ବର୍ଷାଦିନେ କେଶ ବାରମ୍ବାର ଓଦା ହୋଇଥାଏ। ଫଳରେ ଚିପ୍‌ଚିପା, କେଶଝଡ଼ା ସହ ଦୁର୍ଗନ୍ଧ ଆସିଥାଏ। ବର୍ଷାପାଣି, ପ୍ରଦୂଷଣ ଏବଂ ଗୁଳୁଗୁଳି ସଂସ୍ପର୍ଶରେ ଆସି କେଶମୂଳକୁ କ୍ଷତି ପହଞ୍ଚାଏ। ଏହାକୁ ଦୂରେଇ ଦେବା ପାଇଁ କିଛି ସରଳ ଉପାୟ ଆପଣାଇ କେଶର ଯତ୍ନ ନେଇପାରିବେ।**

### ଓଦା ପରେ କେଶ ଧୁଅନ୍ତୁ

ବର୍ଷାପାଣି ଆଖିକୁ ସ୍ୱଚ୍ଛ ଏବଂ ନିର୍ମଳ ଦିଶିଲେ ମଧ୍ୟ ଏଥିରେ ଧୂଳି, ପ୍ରଦୂଷଣ ସମେତ କ୍ଷତିକାରକ ତତ୍ତ୍ୱ ଥାଏ। ତେଣୁ ବର୍ଷାରେ ଭିଜିଥିଲେ କେଶକୁ ସଙ୍ଗେ ସଙ୍ଗେ ଧୋଇ ଶୁଖାନ୍ତୁ।

### ଓଦା କେଶ କୁଣ୍ଡାନ୍ତୁନି

ଓଦାକେଶ ଖୁବ୍ ଦୁର୍ବଳ ହୋଇଥାଏ। ଏହି ସମୟରେ କୁଣ୍ଡାଇଲେ, କେଶ ଛିଣ୍ଡିବାର ସମ୍ଭାବନା ଥାଏ। ଏଥିପାଇଁ କେଶକୁ ତଉଲିଆରେ ପୋଛି ଶୁଖାନ୍ତୁ। ଏହାପରେ ମୋଟାଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ।

### ମୁକୁଳା ନ କରି ବାନ୍ଧନ୍ତୁ

ବର୍ଷା, ପବନରେ ଖୋଲା କେଶ ଶୀଘ୍ର ଜଟ ହୋଇଯାଏ। ତେଣୁ ବାହାରକୁ ଯିବା ସମୟରେ କେଶକୁ ବାନ୍ଧି ଦିଅନ୍ତୁ ନଚେତ୍ ବେଣୀ କରନ୍ତୁ। ଏପରି କଲେ କେଶ ସୁରକ୍ଷିତ ରହିଥାଏ।

## ସୁସ୍ଥ ନିଦ୍ରାରୁ ତ୍ୱଚା ଦିଶିବ ଆକର୍ଷଣୀୟ

ସୁନିଦ୍ରା ତ୍ୱଚାରେ ଚମକ ଆଣିବା ସହ ସତେଜ ଅନୁଭୂତି ଦେଇଥାଏ। ହେଲେ ନିଦ ପୂରା ନ ହେଲେ ଆଖିତଳ କଳାପଡ଼ିବା ସହ, ଚେହେରାରେ ଥକ୍କାପଣ ଏବଂ ତ୍ୱଚାର ଚମକ ନଷ୍ଟ ହୋଇଯାଏ। ତେଣୁ ସୁନିଦ୍ରା ପାଇଁ କେତେଘଣ୍ଟା ଶୋଇବେ ଜାଣି ରଖନ୍ତୁ।

- ଶୋଇବା ସମୟରେ ତ୍ୱଚା ରିପାୟର ମୋଡ୍‌ରେ ଥାଏ। ଏହି ସମୟରେ ନୂଆ ସ୍କିନ୍ ସେଲ୍‌ସ ତିଆରି ହେବା ସହ କ୍ଷତିଗ୍ରସ୍ତ କୋଷର ମରାମତି ହୋଇଥାଏ। ତେଣୁ ସୁସ୍ଥ ନିଦ୍ରା ସୁନ୍ଦରତା ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ଜଣାଯାଏ।
- ବିୟୁଟି ସ୍ଲିପ୍ ତ୍ୱଚା ଏବଂ କେଶକୁ ସୁସ୍ଥ କରିବାରେ ସହାୟକ ହୋଇଥାଏ। ଏହା ଶରୀରର ପ୍ରାକୃତିକ ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ।
- ନିଦ୍ରାଭାବ ହେଲେ ଏହାର ପ୍ରଭାବ ପ୍ରଥମେ ତ୍ୱଚାରେ ଦେଖିବାକୁ ମିଳିଥାଏ। ଆଖିତଳ କଳାଦାଗ ପଡ଼ିବା ସହ ତ୍ୱଚା ରୁକ୍ଷ ଏବଂ ଶୁଷ୍କ ହୋଇଯାଏ।

## ଆଇସ୍ୟାଡୋ ଷ୍ଟିକ୍

ଆଇସ୍ୟାଡୋ ପାଉଡର ଏବଂ କ୍ରିମ୍ ସେଡ୍‌ରେ ଆସିଥାଏ। ଏହାକୁ ହାତ ଏବଂ ବ୍ରଶ୍‌ରେ ଲଗାଇ ବ୍ଲେଣ୍ଡ କରାଯାଏ। ଏହି ପ୍ରକ୍ରିୟା ସାମାନ୍ୟ କଷ୍ଟକର ହୋଇଥାଏ। ହେଲେ ଏହାକୁ ସହଜ କରିବା ପାଇଁ ଏବେ ଆଇସ୍ୟାଡୋ ଷ୍ଟିକ୍ ମଧ୍ୟ ଉପଲବ୍ଧ। ଏହା ନେସି ହେବା ସମସ୍ୟାକୁ ଦୂର କରି ପରଫେକ୍ଟ ସ୍ମୋକି ଏବଂ ସିମରିଂ ମେକ୍‌ଅପ୍ ଲୁକ୍ ଦେଇଥାଏ।

- ଏହାକୁ କଳା ଭଳି ସିଧାସଳଖ ଆଖିପତାରେ ଲଗାଇ ସ୍ୱାଇପ୍ କରିପାରିବେ। ଏହା ଲଗାଇବା ମଧ୍ୟ ଖୁବ୍ ସହଜ ହୋଇଥାଏ।
- ଏହା ଖୁବ୍ ଛୋଟ ଏବଂ ଟ୍ରାଭେଲ ଫ୍ରେଣ୍ଡଲି ହୋଇଥାଏ। ଏହାକୁ ବ୍ୟାଗ୍‌ରେ ରଖି ଯେ କୌଣସି ସମୟରେ ବ୍ୟବହାର କରିପାରିବେ।
- ସେହିପରି କେତେକ ଆଇସ୍ୟାଡୋ ଷ୍ଟିକ୍ ସ୍ମଜ୍ ପ୍ରୁଫ୍ ଏବଂ ୱାଟର୍‌ପ୍ରୁଫ୍ ମଧ୍ୟ ହୋଇଥାଏ। ଫଳରେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ।






# ଫିଫା ବିଶ୍ୱକପ୍: ଆଜିଠାରୁ କ୍ୱାର୍ଟର ଲଢ଼େଇ

# ସେମିଫାଇନାଲ ଲକ୍ଷ୍ୟରେ ଫ୍ରାନ୍ସ-ମରୋକ୍କୋ

ଫକ୍ସବରୋ,୮।୭(ଏଜେନ୍ସି):

ଚଳିତ ଫିଫା ବିଶ୍ୱକପ୍‌ର ଦୁଇଟି ନକ୍‌ଆଉଟ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ପ୍ରଥମଥର ୪୮ଟି ଦେଶ ବିଶ୍ୱକପରେ ଅଂଶଗ୍ରହଣ କରିଥିଲାବେଳେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବାର ରହିଥିଲା। ଏହାମଧ୍ୟରେ ୪୦ଟି ଦେଶ ପ୍ରତିଯୋଗିତାରୁ ବିଦା ହୋଇସାରିଛନ୍ତି। ସେହିଭଳି ଆଉ ମାତ୍ର ୮ଟି ମ୍ୟାଚ୍ ଖେଳାଯିବାକୁ ବାକି ରହିଛି। ଏହା ମଧ୍ୟରେ ଗୁରୁବାରଠାରୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବାକୁଯାଉଛି। ୟୁରୋପ ମହାଦେଶରୁ ସର୍ବାଧିକ ୬ଟି, ଦକ୍ଷିଣ ଆମେରିକାରୁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା, ଆଫ୍ରିକା ମହାଦେଶରୁ ମରୋକ୍କୋ କ୍ୱାର୍ଟର ଫାଇନାଲରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ୟୁରୋପୀୟ ଦଳ ଭାବେ ଗତ ସଂସ୍କରଣର ରନର୍ସଅପ୍ ଫ୍ରାନ୍ସ, ସ୍ପେନ, ବେଲଜିୟମ, ଇଂଲଣ୍ଡ, ନରୱେ ଓ ସ୍ୱିଜରଲାଣ୍ଡ ତିଷ୍ଠି ରହିଛନ୍ତି। ଫକ୍ସବରୋରେ ଗୁରୁବାର ରାତିରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯିବ।

### ଏମ୍‌ବାପେଙ୍କ ଟିମ୍ ଫେବରାଇଟ

ରେକର୍ଡ ଦେଖିଲେ ଡିଡିୟର ଡେସ୍‌ଚାମ୍ପଙ୍କ ପ୍ରଶିକ୍ଷଣ ଓ କିଲିଆନ୍ ଏମ୍‌ବାପେଙ୍କ ନେତୃତ୍ୱରେ ଗଠିତ ଫ୍ରାନ୍ସ ଏହି ମୁକାବିଲାରେ ଫେବରାଇଟ୍ ବୋଲି ବିବେଚନା କରାଯାଉଛି। ଏଯାବତ ବିଶ୍ୱକପ ଜିତିଥିବା ୬ଟି ଦେଶ ମଧ୍ୟରେ ଫ୍ରାନ୍ସ ରହିଛି। ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ୨ଥର ଟାଇଟଲ ବିଜୟୀ ହୋଇଛି। ଗତଥର ଆର୍ଜେଣ୍ଟିନା ନିକଟରୁ ଫାଇନାଲରେ ପରାଜିତ ହୋଇ ଫ୍ରାନ୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ଟିମ୍‌ର ରେକର୍ଡ ଆଗରେ ମରୋକ୍କୋ ବହୁ ପଛରେ ରହିଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ତାହାର ସମସ୍ତ ୫ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଲିଗ୍ ପର୍ଯ୍ୟାୟରେ ଫ୍ରାନ୍ସ ୩-୧ରେ ସେନେଗାଲକୁ, ୩-୦ରେ ଇରାକକୁ ଓ ୪-୧ରେ ନରୱେକୁ ପରାସ୍ତ କରିଥିଲା। ରାଉଣ୍ଡ ଅଫ୍ ୩୨ରେ ସ୍ୱିଡେନକୁ ୩-୦ରେ ହରାଇଥିବା ଫ୍ରାନ୍ସକୁ ରାଉଣ୍ଡ ଅଫ୍ ୧୬ରେ ପାରାଗୁଏକୁ ହରାଇବା ଲାଗି ପେନାଲ୍ଟିର ସହାୟତା ନେବାକୁ ପଡ଼ିଥିଲା। ଦଳ ଏଯାଏ ୧୪ଟି ଗୋଲ ଦେଇଥିଲାବେଳେ ୨ଟି ଗୋଲ ବରଣ କରିଛି। ଅଧିନାୟକ ଏମବାପେ ସର୍ବାଧିକ ୭ଟି ଗୋଲ ସ୍କୋର କରଛନ୍ତି। ଚଳିତବର୍ଷ ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ଓଉସାନେ ଡେମ୍ବେଲେ ୪ଟି ଗୋଲ ଦେଇସାରିଛନ୍ତି। ଦଳର ରକ୍ଷଣଭାଗ, ମଧ୍ୟଭାଗ ଓ ଅଗ୍ରଭାଗରେ ପ୍ରତିଷ୍ଠିତ ଖେଳାଳିମାନେ ଖେଳୁଛନ୍ତି ଓ ଜବରଦସ୍ତ ଫର୍ମରେ ଅଛନ୍ତି। ଏଣୁ ମରୋକ୍କୋ ଏହି ମ୍ୟାଚ୍‌ରେ ଲଢ଼େଇ କରିପାରେ, କିନ୍ତୁ ଫଳାଫଳ ନିଜ ସପକ୍ଷରେ ନେବା କଷ୍ଟକର ହୋଇପାରେ। ଏଥର ଯଦି ଫ୍ରାନ୍ସ ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୁଏ, ତେବେ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ୩ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିବାର ରେକର୍ଡ କରିବ। ଅପରପକ୍ଷରେ ଆଫ୍ରିକା ଦେଶ ମରୋକ୍କୋ କ୍ରମାଗତ ଦ୍ୱିତୀୟଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗତଥର ମରୋକ୍କୋ ସେମିଫାଇନାଲରେ ପ୍ରବେଶ କରି ଚତୁର୍ଥ ସ୍ଥାନରେ ରହିଥିଲା।



### ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ

| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| କ୍ୱାର୍ଟର ଫାଇନାଲ-୪ | | | | |
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ଗୁରୁବାର ରାତି ୧ଟା୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ଶୁକ୍ରବାର ରାତି ୧୨ଟା୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ଶନିବାର ରାତି ୨ଟା୩୦ |
| ୪ | ଜୁଲାଇ ୧୨ | ଆର୍ଜେଣ୍ଟିନା-ସ୍ୱିଜରଲାଣ୍ଡ | କାନ୍‌ସାସ୍ ସିଟି | ରବିବାର ସକାଳ ୬ଟା୩୦ |
| ସେମି ଫାଇନାଲ-୨ | | | | |
| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ୫ | ଜୁଲାଇ ୧୪ | ମ୍ୟାଚ୍ ୧ ଓ ୨ର ବିଜେତା | ଆର୍ଲିଙ୍ଗଟନ | ବୁଧବାର ରାତି ୧୨ଟା୩୦ |
| ୬ | ଜୁଲାଇ ୧୫ | ମ୍ୟାଚ୍ ୩ ଓ ୪ରୁ ବିଜେତା | ଆଟଲାଣ୍ଟା | ଗୁରୁବାର ରାତି ୧୨ଟା୩୦ |
| ତୃତୀୟ ସ୍ଥାନ ଲାଗି | | | | |
| ୭ | ଜୁଲାଇ ୧୮ | ମ୍ୟାଚ୍ ୫ଓ ୬ର ପରାଜିତ | ମିଆମି | ଶନିବାର ରାତି ୨ଟା ୩୦ |
| ଗ୍ରାଣ୍ଡ ଫାଇନାଲ | | | | |
| ୮ | ଜୁଲାଇ ୧୯ | ମ୍ୟାଚ୍ ୫ଓ ୬ର ବିଜେତା | ନ୍ୟୁଜର୍ସୀ | ରବିବାର ରାତି ୨ଟା ୩୦ |

### ୨୦୨୨ ସେମିରେ ହାରିଥିଲା ମରୋକ୍କୋ

୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମୁକାବିଲାରେ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ୪ ବର୍ଷ ପରେ ଉଭୟ ଦଳ ସମାନ ନକ୍‌ଆଉଟ୍‌ରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦଳ ମଧ୍ୟରେ ଏଯାଏ ୬ଥର ମୁକାବିଲା ହୋଇଛି। ଏହା ମଧ୍ୟରୁ ଫ୍ରାନ୍ସ ୪ଥର ବିଜୟୀ ହୋଇଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଛି।

## କାନ୍ଦିଲେ ଲିଓନେଲ ମେସି

ଆଟଲାଣ୍ଟା,୮।୭(ଏଜେନ୍ସି): ଇଜିପ୍ଟକୁ ୩-୨ ଗୋଲରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଟାଇଟଲ ବଜାୟ ରଖିବା ଆଶା ଉଜ୍ଜୀବିତ ରଖିଛି। ପ୍ରି-କ୍ୱାର୍ଟର ମୁକାବିଲାରେ ଇଜିପ୍ଟ ପ୍ରଥମେ ୨ଟି ଗୋଲ ଦେଇ ୭୮ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଅଗ୍ରଣୀ ରହିଥିଲା। ଏହି ସମୟରେ ପ୍ରଥମାର୍ଦ୍ଧ ଖେଳରେ ଆର୍ଜେଣ୍ଟିନା ପାଇଥିବା ପେନାଲ୍ଟିକୁ ଗୋଲରେ ପରିଣତ କରି ପାରି ନ ଥିଲେ ସୁପରଷ୍ଟାର ଲିଓନେଲ ମେସି। ଏହି ମ୍ୟାଚ୍‌ରେ ଇଜିପ୍ଟର ଗୋଲ ଶୁଝାଇବାକୁ ଆର୍ଜେଣ୍ଟିନା ନାକେଦମ ହୋଇଥିଲା। ବଦଳ ଖେଳାଳି ଭାବେ ମାର୍ଟିନେଜ୍ ଖେଳିବାକୁ ଆସିବା ପରେ ଶେଷ ୧୩ ମିନିଟ୍‌ରେ ୩ଟି ଗୋଲ ଦେଇ ନାଟକୀୟ ଭାବେ ମ୍ୟାଚ୍‌କୁ ଜିତିନେଇଥିଲା। ମେସି ମଧ୍ୟ ଏହା ମଧ୍ୟରେ ଗୋଟିଏ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ମେସିଙ୍କର ଏହା ୮ମ ତଥା ସମସ୍ତ ବିଶ୍ୱକପ୍‌ରେ ସର୍ବାଧିକ ୨୧ଟି ଗୋଲ ସ୍କୋର କରିଛନ୍ତି। କିନ୍ତୁ ସେ ପ୍ରଥମ ଖେଳାଳି ଯିଏକି ଗୋଟିଏ ବିଶ୍ୱକପ୍‌ରେ ୨ଥର ପେନାଲ୍ଟି ମିସ୍ କରିଛନ୍ତି। ମ୍ୟାଚ୍ ପରେ ତାଙ୍କ କାନ୍ଦିବାର କାରଣ ହେଲା ପେନାଲ୍ଟି ମିସ୍ କରିବା। ପେନାଲ୍ଟିରୁ ଯଦି ଗୋଲ ହୋଇଥାନ୍ତା ତେବେ ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ମେସି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

## ୭୨ ବର୍ଷ ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ



ଭାଙ୍କୋଭର,୮।୭(ଏଜେନ୍ସି): ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲର ଶେଷ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ସୁଟ୍‌ଆଉଟରେ କଲମ୍ବିଆକୁ ପରାସ୍ତ କରିଛି। ଫଳରେ ଆସନ୍ତା ୧୨ ତାରିଖ ସକାଳେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ସ୍ୱିଜରଲାଣ୍ଡ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାର ମୁକାବିଲା ହେବ। ୟୁରୋପ ମହାଦେଶରୁ ୬ଷ୍ଠ ଦଳ ଭାବେ ସ୍ୱିଜରଲାଣ୍ଡ ଶେଷ ୮ଟି ଦଳ ମଧ୍ୟରେ ସ୍ଥାନ ପାଇଛି। ସେହିପରି ସ୍ୱିଜରଲାଣ୍ଡ ମଧ୍ୟ ୧୯୫୪ ପରେ ପ୍ରଥମଥର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଠାରେ ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ଗୋଲରେ ବିଜୟୀ ହୋଇଥିଲା। ମଙ୍ଗଳବାର ଆର୍ଜେଣ୍ଟିନା ଓ ଇଜିପ୍ଟ ମୁକାବିଲାରୁ ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ମ୍ୟାଚ୍ ଭାବେ ବିବେଚନା କରାଯାଉଥିଲାବେଳେ ସ୍ୱିଜରଲାଣ୍ଡ ବନାମ କଲମ୍ବିଆ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାକୁ ନିକୃଷ୍ଟ ମ୍ୟାଚ୍ ବୋଲି କୁହାଯାଉଛି।


## ରେଫରୀଙ୍କ ବିରୋଧରେ ଅଭିଯୋଗ ଆଣିଲା ଇଜିପ୍ଟ

ଆଟଲାଣ୍ଟା,୮।୭(ଏଜେନ୍ସି): ଆର୍ଜେଣ୍ଟିନା ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଆମେ ରେଫରୀଙ୍କ ଯୋଗୁଁ ହାରିଲୁ। ରେଫରୀଙ୍କ ଏଭଳି ପକ୍ଷପାତିତା ଏବଂ ତ୍ରୁଟିଯୁକ୍ତ ନିଷ୍ପତ୍ତି ଯୋଗୁଁ ଇଜିପ୍ଟ ଏବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବଦଳରେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି। ଏଥିଲାଗି ଏହି ମ୍ୟାଚ୍ ପରିଚାଳନା କରୁଥିବା ଫ୍ରାନ୍ସ ରେଫରି ଫ୍ରାଙ୍କୋଇସ୍ ଲେଟେଜିୟର ଓ ତାଙ୍କ ପୂରା ଟିମ୍‌କୁ ବିଶ୍ୱକପ୍‌ରୁ ବହିଷ୍କାର କରିବାକୁ ଫିଫା ନିକଟରେ ଅଭିଯୋଗ କରିଛୁ ବୋଲି ଇଜିପ୍ଟ ଫୁଟବଲ ସଂଘ ସଭାପତି ହାନି ଆବୁରିଡା ଏହା କହିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଉ ଓ ରେଫରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆବୁରିଡା ଦାବି କରିଛନ୍ତି। ତାଙ୍କ ଅଭିଯୋଗ ହେଲା ଗୋଲପୋଷ୍ଟ ଏରିଆରେ ଇଜିପ୍ଟର ହାମଦି ପାଥୀଙ୍କୁ ଆର୍ଜେଣ୍ଟିନାର ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଟାଣି ତଳେ ପକାଇଦେଇଥିଲେ। ରେଫରିଙ୍କୁ କିନ୍ତୁ ଦେଖାଗଲାନାହିଁ। ଆମ ଖେଳାଳିମାନେ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣିଲେନି। ଏହି ଘଟଣାରେ ଆମକୁ ପେନାଲ୍ଟି ମିଳିବା କଥା। କିନ୍ତୁ ଏହା ହୋଇ ନ ଥିଲା। ପୂର୍ବରୁ ମୋସ୍ତାଫା ଜିକୋ ଦେଇଥିବା ଏକ ଗୋଲକୁ ଭିଏଆର ନାକଚ କରିଦେଇଥିଲେ। ଅଭିଯୋଗ ସମାନ ଥିଲା। ଖେଳ ପରେ ଇଜିପ୍ଟ ହେଡ୍ କୋଚ୍ କ୍ରସ୍ ଚିହ୍ନ ଦେଖାଇ ଏହାକୁ ବିରୋଧ କରିଥିଲେ। ତାଙ୍କ ମତରେ ରେଫରି ମେସି ଓ ଆର୍ଜେଣ୍ଟିନାଙ୍କ ପ୍ରତି ଆରମ୍ଭରୁ ଅହେତୁକ ସହାୟତା ଦେଉଥିଲେ। ଯେପରି କି ଆର୍ଜେଣ୍ଟିନା ବିଜୟୀ ହେଉ। ସୂଚନାଯୋଗ୍ୟ ୭୯ ମିନିଟ୍ ଯାଏ ଇଜିପ୍ଟ ୨-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ୧୩ ମିନିଟ୍ ଖେଳରେ ୩ଟି ଗୋଲ ଦେଇ ଏହି ମୁକାବିଲାକୁ ଆର୍ଜେଣ୍ଟିନା ୩-୨ ଗୋଲରେ ନାଟକୀୟ ଭାବେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।



## ଆଇସିସି ହଲ୍ ଅଫ୍ ଫେମ୍‌ରେ ଗାଙ୍ଗୁଲି

ହାଇଦରାବାଦ, ୮।୭ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବୁଧବାର ୫୪ତମ ଜନ୍ମଦିବସ ପାଳନ କରିଛନ୍ତି। ଏହି ଅବସରରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗାଙ୍ଗୁଲିଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା। 'ଆଇସିସି ହଲ୍ ଅଫ୍ ଫେମ'ରେ ଗାଙ୍ଗୁଲିଙ୍କୁ ସାମିଲ କରାଯାଇଛି। 'ଆଇସିସି ହଲ୍ ଅଫ୍ ଫେମ୍'ରେ ସ୍ଥାନ ପାଇବାରେ ଗାଙ୍ଗୁଲି ୧୦ ଭାରତୀୟ ପୁରୁଷ କ୍ରିକେଟର ହୋଇଛନ୍ତି। ପୂର୍ବରୁ ବିଶନ ସିଂହ ବେଦୀ, କପିଳ ଦେବ, ସୁନିଲ ଗାଭାସ୍କର, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ଭିନୁ ମଙ୍କଡ, ବୀରେନ୍ଦ୍ର ସେହୱାଗ ଏବଂ ମହେନ୍ଦ୍ର ସିଂ ଧୋନିଙ୍କ ନାମ ଏହି ସମ୍ମାନଜନକ ତାଲିକାରେ ରହିଛି। ଅପରପକ୍ଷରେ ଗାଙ୍ଗୁଲିଙ୍କ ଉପରେ ନିର୍ମିତ ବାୟୋପିକ 'ଦାଦା'ର ପ୍ରଥମ ଲୁକ୍ ମଧ୍ୟ ଆଜି ନିର୍ମାତାଙ୍କା ଦ୍ୱାରା ଉନ୍ମୋଚିତ ହୋଇଛି। ଅଭିନେତା ରାଜ କୁମାର ରାଓ ଏହି ଚଳଚ୍ଚିତ୍ରରେ ଗାଙ୍ଗୁଲି ଭୂମିକାରେ ଅଭିନୟ କରୁଛନ୍ତି।




## ୩୬ ବର୍ଷ ପରେ କ୍ୱାର୍ଟରରେ ଅର୍ନବ

ଲଣ୍ଡନ, ୮।୭ (ଏଜେନ୍ସି): ଭାରତର ଅର୍ନବ ପାପାରକର ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ଜୁନିଅର ବାଳକ ବିଭାଗ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ପାପରକର ୬-୨, ୬-୨ ସିଧାସଳଖ ସେଟରେ ଜାପାନର ରୟୋ ତାବାତାଙ୍କୁ ପରାସ୍ତ କରିଥିଲେ। ଏଥିସହ ଦୀର୍ଘ ୩୬ ବର୍ଷ ପରେ ଜଣେ ଭାରତୀୟ ଖେଳାଳି ୱିମ୍ବଲଡନ ଜୁନିଅର କ୍ୱାର୍ଟର ଫାଇନାଲରେ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ କିମ୍ବଦନ୍ତୀ ଖେଳାଳି ଲିଆଣ୍ଡର ପେସ ୧୯୯୦ ସଂସ୍କରଣରେ ଏଠାରେ ବାଳକ କ୍ୱାର୍ଟର ଫାଇନାଲ ଖେଳିବା ସହ ଚାମ୍ପିଅନ ମଧ୍ୟ ହୋଇଥିଲେ। ପାପରକର ଏଥିପୂର୍ବରୁ ରାଉଣ୍ଡ-୩୨ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର କେଟନ ହେନ୍ସଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ।

## ଆଜି ଚତୁର୍ଥ ଟି-୨୦ | ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଭାରତ

ବ୍ରିଷ୍ଟଲ,୮।୭(ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟି-୨୦ ସିରିଜର ଚତୁର୍ଥ ମ୍ୟାଚ ଗୁରୁବାର ଖେଳାଯିବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ସିରିଜରେ ୨-୦ ଅଗ୍ରଣୀ ରହିଛି। ଯଦି ଗୁରୁବାର ମ୍ୟାଚରେ ବିଜୟୀ ହୁଏ ତେବେ ଗୋଟିଏ ମ୍ୟାଚ୍ ବାକିଥାଇ ଦଳ ଆଗୁଆ ସିରିଜ କବଜା କରିନେବ। ତେଣୁ ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ କିପରି ଘରୋଇ ଦଳକୁ ମୁକାବିଲା କରିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି। ଭାରତୀୟ ଦଳର ଏଭଳି ସ୍ଥିତି ପୂର୍ବରୁ କେବେ ହୋଇ ନ ଥିଲା। ବିଶେଷ କରି ଟ୍ରେଣ୍ଟବ୍ରିଜ୍‌ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର ଇଂଲଣ୍ଡର ସୁଙ୍ଗ, ସର୍ଟପିଚ୍ ଓ ଷ୍ଟମ୍ପ୍ ଉପରେ ରହୁଥିବା ବଲର ଆଦୌ ମୁକାବିଲା କରି ପାରି ନ ଥିଲେ। ଫଳରେ ଦଳ ମାତ୍ର ୭୬ ରନ୍‌ରେ ଅଲଆଉଟ ହୋଇ ୧୨୫ ରନରେ ଲଜ୍ଜାଜନକ ପରାଜୟ ବରଣ କରିବାକୁ ପଡ଼ିଥିଲା। ଟି-୨୦ରେ ଭାରତର ଏହା ସର୍ବବୃହତ୍ ପରାଜୟ। ଏଣୁ ଭାରତ ଏବେ କିପରି ଇଂଲଣ୍ଡ ପରିବେଶରେ ସେମାନଙ୍କ ବୋଲରଙ୍କୁ ମୁକାବିଲା କରିବ ତାହାକୁ ନେଇ ନିଦ ହଜିଯାଇଛି। କୋଚ୍ ଗୌତମ ଗମ୍ଭୀର ହୁଅନ୍ତୁ କିମ୍ବା ଅଧିନାୟକ ଶ୍ରେୟସ ଆୟର, ସମସ୍ତେ ଚିନ୍ତାରେ ପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍ ବଞ୍ଚାଇବାକୁ ହେଲେ ଚତୁର୍ଥ ମ୍ୟାଚ୍‌କୁ ଜିତିବା ଜରୁରୀ ହୋଇପଡ଼ିଛି। ଯଦି ଭାରତ ପରାଜୟବରଣ କରେ ତେବେ କ୍ରମାଗତ ଦୁଇଟି ଟି-୨୦ ସିରିଜ ହାରିବ। ଏଥିପୂର୍ବରୁ ଗତ ମାସ ଶେଷ ସପ୍ତାହରେ ଘରୋଇ ଆୟର୍ଲାଣ୍ଡ ନିକଟରୁ ଭାରତ ଲଜ୍ଜାଜନକ ଭାବେ ୨-୦ରେ ସିରିଜ ପରାସ୍ତ ହୋଇଥିଲା।


## ବ୍ୟୁମଣ୍ଟଙ୍କ ଅବସର

ଲଣ୍ଡନ, ୮।୭ (ଏଜେନ୍ସି): ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ବରିଷ୍ଠ ବ୍ୟାଟର୍ ଟାମୀ ବ୍ୟୁମଣ୍ଟ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାରଠାରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ତାଙ୍କ କ୍ୟାରିୟରର ଅନ୍ତିମ ମୁକାବିଲା ହେବ। ୩୫ ବର୍ଷୀୟା ବ୍ୟୁମଣ୍ଟ ଅଦ୍ୟାବଧି ଇଂଲଣ୍ଡ ପାଇଁ ୧୧ ଟେଷ୍ଟ, ୧୪୦ ଦିନିକିଆ ଓ ୧୦୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୧୧, ୪୭୩୮ ଓ ୧୯୭୫ ରନ ସଂଗ୍ରହ କରିଛନ୍ତି। ହେଥର ନାଇଟ୍‌ଙ୍କ ପରେ ଦ୍ୱିତୀୟ ଇଂଲଣ୍ଡ ମହିଳା କ୍ରିକେଟର୍ ଭାବେ ସେ ତିନୋଟି ଯାକ ଫର୍ମାଟ୍‌ରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି।



NANDIGHOSHA TV
ନନ୍ଦିଘୋଷ
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Editorial Team.
OPEN POSITIONS
1 CORRESPONDENT
Educational Qualification:
• Master's Degree in Journalism & Mass Communication.
Experience:
• Minimum 7 years of experience in Electronic or Print Media.
Key Requirements:
• Strong knowledge of Politics and Governance reporting.
• Proven ability to gather, verify, and analyze news.
• Strong network of sources and excellent editorial judgment.
• Excellent communication and writing skills in Odia.
• Ability to work under tight deadlines and travel for assignments.
2 REPORTER
Educational Qualification:
• Master's Degree in Journalism & Mass Communication.
Experience:
• 3–5 years of experience in Electronic or Print Media.
Key Requirements:
• Hands-on experience in Spot Reporting, Crime Reporting, and City Reporting.
• Strong news sense and reporting skills.
• Excellent communication and writing skills in Odia.
• Ability to cover breaking news and work in a fast-paced newsroom.
HOW TO APPLY
Interested candidates may send their updated resume to: hr@nandighoshatv.com
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

# ୱିମ୍ବଲଡନ: ସେମିରେ ନୋଭାକ୍, ନୋସ୍କୋଭା



ଲଣ୍ଡନ, ୮।୭ (ଏଜେନ୍ସି):

ସର୍ବିୟା ତାରକା ନୋଭାକ ଜୋକୋଭିଚ୍ ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକ କଷ୍ଟସାଧ୍ୟ କ୍ୱାର୍ଟର ଫାଇନାଲ ମୁକାବିଲାରେ ୭ମ ସିଡ୍ ଜୋକୋଭିଚ୍ ୭-୬ (୧୨/୧୦), ୩-୬, ୬-୩, ୬-୭ (୪/୭), ୭-୬ (୧୦/୪) ସେଟରେ କାନାଡାର ଫେଲିକ୍ସ ଆଗୁଏର-ଆଲିଆସିମେଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଜୋକୋଭିଚଙ୍କୁ ୫ ଘଣ୍ଟା ୧୫ ମିନିଟ୍ ସମୟ ଲାଗିଥିଲା। ୱିମ୍ବଲଡନ ଇତିହାସର ଏହା ସର୍ବାଧିକ ସମୟ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଛି। ଯେଉଁଥିରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ହେବ। ସେହିଭଳି ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ଓ ଘରୋଇ ଖେଳାଳି ଆର୍ଥର ଫେରୀ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଓପନ ଏରାରେ ପ୍ରଥମ ୱାଇଲ୍ଡକାର୍ଡ ଖେଳାଳି ଭାବେ ଫେରୀ ଅନ୍ତିମ-୪ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଚେକ ଗଣରାଜ୍ୟର ଲିଣ୍ଡା ନୋସ୍କୋଭା ଏଠାରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ୯ମ ସିଡ୍ ନୋସ୍କୋଭା ୬-୩, ୭-୫ ସିଧାସଳଖ ସେଟରେ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ହରାଇଥିଲେ। ଫଳରେ ନୋସ୍କୋଭା କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୧ ବର୍ଷୀୟା ନୋସ୍କୋଭା ଗୁରୁବାର ସେମିଫାଇନାଲରେ ୟୁକ୍ରେନର ମାର୍ତା କୋସ୍ଟ୍ୟୁକଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS